R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୫୧
ତିଥି: ପ୍ରତିପଦ
୨୫ ନଭେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXXI, No. 51
25 November 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

ଐତିହାସିକ ବାଲିଯାତ୍ରା ଉଦ୍‌ଘାଟିତ

ବିଶ୍ୱ ଦରବାରରେ ପହଞ୍ଚିବ ଓଡ଼ିଶା ନୌବାଣିଜ୍ୟ ଗାଥା : ରାଷ୍ଟ୍ରପତି



- ⇨ ବାଲିଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ଆଶାବାଦୀ
- ⇨ ସାମୁଦ୍ରିକ ଇତିହାସର ଜୀବନ ଦଲିଲ ବାଲିଯାତ୍ରା : ରାଜ୍ୟପାଳ
- ⇨ କଟକ ବିକାଶ ଲାଗି ୨୦ ବୃହତ ପ୍ରକଳ୍ପ : ମୁଖ୍ୟମନ୍ତ୍ରୀ
- ⇨ ପରିବେଶର ସ୍ୱଚ୍ଛତା ବଜାୟ ରଖିବାକୁ ସମସ୍ତଙ୍କୁ ଆହ୍ୱାନ

କଟକ, ୨୪ ।୧୧ (ସବୁ୍ୟ): ଓଡ଼ିଆ ଜାତିର ଅସ୍ମିତା, ସାହସ, ସାମୁଦ୍ରିକ ବାଣିଜ୍ୟ ପରମ୍ପରା ଓ ଗୌରବମୟ ଐତିହ୍ୟର ପ୍ରତୀକ ଐତିହାସିକ ବାଲିଯାତ୍ରା-୨୦୨୬ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମାର ପବିତ୍ର ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ମହାନଦୀର ବିସ୍ତିର୍ଣ୍ଣ ବେଳାଭୂମିରେ ଆୟୋଜିତ ଏହି ଭବ୍ୟ ଉଦ୍‌ଘାଟନୀ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ବାଲିଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା ଏହି ବିଶାଳ ଐତିହାସିକ ବାଣିଜ୍ୟ ମେଳା ଉଦ୍‌ଘାଟିତ ହେବା କଟକବାସୀଙ୍କ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ପାଲଟିଛି।

ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି କହିଥିଲେ ଯେ, ବାଲିଯାତ୍ରା କେବଳ ଏକ ମେଳା ନୁହେଁ, ଏହା ଓଡ଼ିଆ ଜାତିର ଅତୀତର ଗୌରବ, ସାହସିକ ସାମୁଦ୍ରିକ ଯାତ୍ରା ଓ ବାଣିଜ୍ୟିକ ସମୃଦ୍ଧିର ଜୀବନ୍ତ ପ୍ରତୀକ। କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାର ଗାଁଠାରୁ ସହର ପର୍ଯ୍ୟନ୍ତ ନଦୀ, ନାଳ, ପୁଷ୍କରିଣୀ ଓ ଜଳାଶୟରେ ବୋଇତ ବନ୍ଦାଣର ଦୃଶ୍ୟ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରିଥାଏ। ରାସ ପୂର୍ଣ୍ଣିମା ସହ ବାଲିଯାତ୍ରାର ଏହି ପରମ୍ପରା ଓଡ଼ିଶାର ସମୃଦ୍ଧ ସଂସ୍କୃତିକୁ ପ୍ରତିଫଳିତ କରୁଛି।

ସମୟ ସହିତ ବାଲିଯାତ୍ରାର ରୂପରେଖ ବଦଳିଥିଲେ ମଧ୍ୟ ଏହାର ଐତିହାସିକ ମହତ୍ତ୍ୱ ଓ ମୌଳିକ ପରମ୍ପରା ଅକ୍ଷୁଣ୍ଣ ରହିଛି। ଏହି ମହୋତ୍ସବ ମାଧ୍ୟମରେ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ପ୍ରାଚୀନ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କର ପୁନଃସ୍ଥାପନ ହୋଇପାରିଛି। ଇଣ୍ଡୋନେସିଆରେ ମଧ୍ୟ ଓଡ଼ିଆ ପରମ୍ପରା ଓ ପର୍ବପର୍ବାଣି ପାଳନ ହେବା ଆମ ପାଇଁ ଗର୍ବର (୯ ପୃଷ୍ଠାରେ)

ଅଦ୍ଭୁତ, ଅକଳ୍ପନୀୟ ଇନିଂସ



ନୂ ଆ ଦି ଲ୍ଲି 1 , ୨୪।୧୧ (ଏଜେନ୍ସି) : କ୍ରିକେଟ୍ ଜଗତରେ ଚହଳ ପକାଇଛନ୍ତି ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ। ସେ ଖେଳିଛନ୍ତି ଅବିଶ୍ୱାସନୀୟ ଇନିଂସ । ଏସିଆ କପ୍ ରାଇଜିଂ ଷ୍ଟାର୍ସ ୟୁଏଇ ବିପକ୍ଷ ମ୍ୟାଚରେ ୧୫ ବର୍ଷୀୟ ବୈଭବଙ୍କ ଅଦ୍ଭୁତ ଅକଳ୍ପନୀୟ ଇନିଂସ ସମସ୍ତଙ୍କୁ ବିସ୍ମିତ କରିଛି। ମାତ୍ର ୫୨ ବଲରେ ଦୁଇ ଶତକ ହାସଲ କରି ବିଶ୍ୱ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ୨୮ ଛକା, ୭ ଚୌକା ତଥା ୫୩ ବଲରୁ ୨୦୪ ରନର ଇନିଂସ ଖେଳ ଅନେକ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ତାଙ୍କ ନାଁରେ ଯେଉଁ ନୂଆ କୀର୍ତ୍ତିମାନ ହୋଇଛି ତାହା ଆଗକୁ କେତେ ଦଶନ୍ଧି ଯାଏ ଅତୁଟ ହୋଇ ରହିବ ତାହା ଆକଳନ କରିବା ସହଜ ନୁହେଁ।

ୟୁଏଇ ବିପକ୍ଷ ମ୍ୟାଚରେ ଭାରତ ପାଇଁ ୨୫୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ୨୫୦ ରନ ମଧ୍ୟରୁ ବୈଭବ କେବଳ ୨୦୪ ରନ ସଂଗ୍ରହ (୯ ପୃଷ୍ଠାରେ)

ମେଗା ଏଲ୍‌ନିନୋ ସକ୍ରିୟ

ତାପମାତ୍ରା, ପାଣିପାଗ ଉପରେ ପଡ଼ିବ ପ୍ରଭାବ

ଭୁବନେଶ୍ୱର, ୨୪ ।୧୧ (ସବୁ୍ୟ): ପ୍ରଶାନ୍ତ ମହାସାଗରରେ ଏଲନିନୋ ପ୍ରଭାବ ଦିନକୁ ଦିନ ଅଧିକ ତୀବ୍ର ହେଉଛି। ଏହା ପ୍ରଭାବରେ ଗାଲାପାଗୋସ୍ ଦ୍ୱୀପ ଓ ପେରୁ ଉପକୂଳ ନିକଟ ସମୁଦ୍ର ଜଳର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୧୦ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିବା ପାଣିପାଗ ମାନଚିତ୍ରରୁ ଜଣାପଡ଼ିଛି । ଏହି ଅସ୍ୱାଭାବିକ ଉତ୍ତାପକୁ ନେଇ ବୈଜ୍ଞାନିକ ଓ ପାଣିପାଗ ବିଶେଷଜ୍ଞମାନେ ଚିନ୍ତା ପ୍ରକାଶ କରିଛନ୍ତି । ଚଳିତ ଏଲନିନା ଘଟଣା ଅତୀତର ଶକ୍ତିଶାଳୀ ଘଟଣାଗୁଡ଼ିକର ରେକର୍ଡ ଭାଙ୍ଗିପାରେ ବୋଲି ଆଶଙ୍କା କରାଯାଉଛି ।

ଆମେରିକୀୟ ପାଣିପାଗ ବିଶେଷଜ୍ଞ ରାୟନ୍ ମାଉଏନ ନଭେମ୍ବର (୯ ପୃଷ୍ଠାରେ)

କୁନି ଝିଅକୁ ଝୁଣି ଖାଇଦେଲା ବାଘ

ରାଇଘର, ୨୪ ।୧୧ (ସବୁ୍ୟ) : ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ଯୋଡ଼ିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଚଡ଼ିଆପାରା ଗ୍ରାମରେ ସୋମବାର ସନ୍ଧ୍ୟା ୭ଟା ସମୟରେ ବିଷ୍ଣୁ ଗଣ୍ଡଙ୍କ ଦୁଇବର୍ଷର ଶିଶୁ କନ୍ୟାକୁ ଏକ କଲରାପତରିଆ ଝାମ୍ପି ନେଇଥିବା ବେଳେ ରାତିରେ ତାର କୌଣସି ପତ୍ତା ମିଳିନଥିଲା । ସକାଳୁ ତଦନ୍ତ ପାଇଁ ସନ୍ଧାନୀ କୁକୁରଙ୍କ ଦ୍ୱାରା ଉକ୍ତ ଶିଶୁ କନ୍ୟାର ମୃତଦେହର କିଛି ଅଂଶ ଜଙ্গଲରୁ ଉଦ୍ଧାର ହୋଇଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଗ୍ରାମବାସୀ ଓ କୁନ୍ଦେଇ ବନ ବିଭାଗ ମିଳିତ ଭାବେ ଜଙ্গଲରେ

ଜଙ୍ଗଲରୁ ଖଣ୍ଡ ବିଖଣ୍ଡିତ ମୃତ ଶରୀର ଉଦ୍ଧାର

ଖୋଜା ଖୋଜି କରିଥିଲେ । ଶିଶୁକନ୍ୟାର କୌଣସି ସନ୍ଧାନ ମିଳିପାରି ନଥିଲା । ଜଙ୍ଗଲୀ ଜନ୍ତୁ କଲରାପତରିଆ ବାଘ ଶିଶୁ ଟିକୁ ଉଠାଇ ନେଇଥିବା ଅଭିଯୋଗ ପରେ ଓଡ଼ିଶା ଏବଂ ଛତିଶଗଡ଼ ବନ ବିଭାଗ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ଘଟଣାର ଦୀର୍ଘ ୨୦ ଘଣ୍ଟା ପରେ ଓଡ଼ିଶା ଓ ଛତିଶଗଡ଼ରୁ ଆସିଥିବା ସନ୍ଧାନୀ କୁକୁରଙ୍କ ସହାୟତାରେ ଜଙ୍ଗଲରୁ ଶିଶୁଟିର ମୃତଦେହର ମୁଣ୍ଡ, ଦୁଇଟି ହାତ, ଦୁଇଟି ଗୋଡ଼ ମିଳିଥିଲା । ପ୍ରାଥମିକ ତଦନ୍ତରୁ କଲରାପତରିଆ ବାଘ ଆକ୍ରମଣରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ବନ ବିଭାଗ ସନ୍ଦେହ କରୁଛି। ତେବେ ଏହାର ପ୍ରକୃତ (୯ ପୃଷ୍ଠାରେ)

29001/38/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

SAI | विदेश मंत्रालय MINISTRY OF EXTERNAL AFFAIRS | युवा कार्यक्रम एवं खेल मंत्रालय MINISTRY OF YOUTH AFFAIRS AND SPORTS | INDIAN ATHLETICS


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

BIMSTEC

ବିମ୍‌ଷ୍ଟେକ୍
୨୩ ବର୍ଷରୁ କମ୍
ଆଥଲେଟିକ୍ସ ମିଟ୍ ୨୦୨୬

ଓଡ଼ିଶା

କଳିଙ୍ଗ ଷ୍ଟାଡ଼ିୟମ
ଭୁବନେଶ୍ୱର

୨୫ - ୨୭ ନଭେମ୍ବର ୨୦୨୬
ଅପରାହ୍ନ ୪:୩୦ ଘଟିକା ଠାରୁ

ଦର୍ଶକଙ୍କ ପ୍ରବେଶ
ଗେଟ୍ ନମ୍ବର ୩ ଓ ୪

ନିଃଶୁଳ୍କ ପ୍ରବେଶ



OIPR: 29001/29001/2/26-27/0031

କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର

ଅନ୍ତର୍ଜାତୀୟ ମହିଳା ହିଂସା ନିରୋଧୀ ଦିବସ



ପ୍ରତିବର୍ଷ ନଭେମ୍ବର ୨୫ ତାରିଖରେ ପାଳନ ହୋଇଥାଏ 'ଅନ୍ତର୍ଜାତୀୟ ମହିଳା ହିଂସା ନିରୋଧୀ ଦିବସ' । ତେବେ ଏହି ଦିବସର ଐତିହାସିକ ପୃଷ୍ଠଭୂମି ୧୯୬୦ ମସିହାର ଡୋମିନିକାନ୍ ରିପବ୍ଲିକ୍‌ର ତିନିଜଣ ରାଜନୈତିକ କର୍ମୀ ମିରାବାଲ୍ ଭଉଣୀଙ୍କ ବର୍ବର ହତ୍ୟାକାଣ୍ଡ ସହ ଜଡ଼ିତ ରହିଛି । ଯେଉଁମାନଙ୍କୁ ତତ୍କାଳୀନ ଏକଛତ୍ରବାଦୀ ଶାସକ ରାଫେଲ୍ ଟ୍ରୁଜିଲୋଙ୍କ ନିର୍ଦ୍ଦେଶରେ ହତ୍ୟା କରାଯାଇଥିଲା । ପରବର୍ତ୍ତୀ ସମୟରେ ୧୯୮୧ ମସିହାରେ ଲାଟିନ୍ ଆମେରିକା ଓ କାରିବିଆନ୍ ନାରୀବାଦୀ ସମ୍ମିଳନୀରେ ମହିଳାଙ୍କ ବିରୁଦ୍ଧରେ ହିଂସା ବିରୋଧରେ ସଚେତନତା ସୃଷ୍ଟି ପାଇଁ ନଭେମ୍ବର ୨୫କୁ ସ୍ମରଣ ଦିବସ ଭାବେ ଚୟନ କରାଯାଇଥିଲା । ଦୀର୍ଘ ସଂଘର୍ଷ ପରେ ୨୦୦୦ ମସିହା ଫେବୃଆରୀ ୭ ତାରିଖରେ ଜାତିସଂଘ ସାଧାରଣ ପରିଷଦ ଏହି ତାରିଖକୁ ଆନୁଷ୍ଠାନିକ ଭାବେ ଅନ୍ତର୍ଜାତୀୟ ଦିବସର ମାନ୍ୟତା ପ୍ରଦାନ କରିଥିଲା । ଘରୋଇ ହିଂସା, ଯୌନ ନିର୍ଯାତନା, କାର୍ଯ୍ୟକ୍ଷେତ୍ର ଓ ସାର୍ବଜନୀନ ସ୍ଥାନରେ ଅସଦାଚରଣ ତଥା ବର୍ତ୍ତମାନର ଡିଜିଟାଲ୍ ଯୁଗରେ ବଢୁଥିବା ଅନଲାଇନ୍ ହିଂସା ଭଳି ବିଭିନ୍ନ ରୂପରେ ମହିଳା ଓ ବାଳିକାମାନେ ଅପରାଧୀଙ୍କ ଶିକାର ହେଉଛନ୍ତି । ତେଣୁ ଏହି ଦିବସର ଗୁରୁତ୍ୱ ଅତ୍ୟନ୍ତ ବ୍ୟାପକ ଓ ପ୍ରାସଙ୍ଗିକ ହୋଇପଡ଼ିଛି । ଏହା କେବଳ ସଚେତନତା ସୃଷ୍ଟିର ଏକ ମାଧ୍ୟମ ନୁହେଁ, ବରଂ ଏହି ସମୟରେ ନଭେମ୍ବର ୨୫ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲୁଥିବା 'ଲିଙ୍ଗଭିତ୍ତିକ ହିଂସା ବିରୋଧୀ ୧୬ ଦିନିଆ ସକ୍ରିୟତା ଅଭିଯାନ' ମଧ୍ୟ ପାଳନ କରାଯାଇଥାଏ । ପାଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ, କଠୋର ଆଇନର ପ୍ରଣୟନ ଓ କାର୍ଯ୍ୟକାରିତା, ସହାୟତା ବ୍ୟବସ୍ଥାର ସୁଦୃଢ଼ୀକରଣ ତଥା ହିଂସାକୁ ପ୍ରଶ୍ରୟ ଦେଉଥିବା ସାମାଜିକ ମାନସିକତା ଓ କୁସଂସ୍କାରକୁ ଦୂର କରିବା ପାଇଁ ସରକାର, ନାଗରିକ ସମାଜ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକଜୁଟ ହେବାକୁ ଏହି ଦିବସ ସ୍ପଷ୍ଟ ବାର୍ତ୍ତା ଦେଇଥାଏ ।

ଇତିହାସ

୧୭୧୬ - ଆମେରିକାରେ ପ୍ରଥମକରି ଏକ ବାଘକୁ ପ୍ରଦର୍ଶନୀ ପାଇଁ ରଖାଗଲା ।

୧୮୬୬ - ଆହ୍ଲାବାଦ ହାଇକୋର୍ଟର ଉଦ୍‌ଘାଟନ କରାଗଲା ।

୧୮୬୬ - ଅପଫ୍ରେଡ୍ ନୋବେଲ୍ ଡାଇନାମାଇଟର ପେଟେଣ୍ଟ କରାଇଲେ ।

୧୯୩୦ - ଜାପାନରେ ଗୋଟିଏ ଦିନରେ ଭୂକମ୍ପର ୬୯୦ଟି ଝଟକା ଅନୁଭୂତ ହୋଇ ରେକର୍ଡ କଲା ।

୧୯୩୬ - ଜର୍ମାନୀ ଓ ଜାପାନ ମଧ୍ୟରେ କୋମିଣ୍ଟର୍ନ୍ ବା କମ୍ୟୁନିଷ୍ଟ ଇଣ୍ଟରନ୍ୟାସନାଲ ବିରୋଧୀ ବୁଝାମଣା ସ୍ୱାକ୍ଷରିତ ।

୧୯୩୭ - ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ବିଶ୍ୱ ମେଳା ସମାପ୍ତ ହେଲା ।

୧୯୪୧ - ଲେବାନନକୁ ଫ୍ରାନ୍ସଠାରୁ ସ୍ୱାଧୀନତା ମିଳିଲା ।

୧୯୪୮ - ଭାରତରେ ଜାତୀୟ କ୍ୟାଡେଟ୍ କୋର୍‌ର ସ୍ଥାପନା`

୧୯୬୦ - ଭାରତରେ ପ୍ରଥମକରି କାନପୁର ଓ ଲକ୍ଷ୍ନୌ ମଧ୍ୟରେ ଟେଲିଫୋନ୍‌ର ଏସ୍‌ଟିଡି ବ୍ୟବସ୍ଥାର ପ୍ରୟୋଗ କରାଗଲା ।

୧୯୬୫ - ଫ୍ରାନ୍ସ ଏହାର ପ୍ରଥମ ସାଟେଲାଇଟ୍ ଲଞ୍ଚ କଲା ।




ଶନାୟାଙ୍କ ଫଟୋକୁ ନେଇ ଚର୍ଚ୍ଚା

ଅଭିନେତ୍ରୀ ଶନାୟା କପୁରଙ୍କ 'କଫି ୱିଥ୍ କରନ୍' ସିଜନ୍-୯ ସେଟ୍‌ର ଏକ ବିହାଇଣ୍ଡ - ଦି - ସିନ୍ସ ଫଟୋ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ତେବେ ଏହା ପୁଣିଥରେ ସେଲିବ୍ରିଟି ଚାଟ୍ ଶୋ'ଗୁଡ଼ିକ ସ୍କ୍ରିପ୍ଟେଡ୍ କି ନୁହେଁ ସେ ନେଇ ପୁରୁଣା ବିତର୍କକୁ ତାଜା କରିଛି । ଭାଇରାଲ୍ ହୋଇଥିବା ଏହି ଫଟୋରେ ଶନାୟା ଏକ ଭ୍ୟାନିଟି ଭ୍ୟାନ୍ ଭିତରେ ବସିଥିବା ବେଳେ ତାଙ୍କ ପାଖ ଟେବୁଲ ଉପରେ 'ରାପିଡ୍ ଫାୟାର୍: ଶନାୟା କପୁର' ଲେଖାଥିବା ଏକ କାଗଜ ପଡ଼ିଥିବାର ଦେଖିବାକୁ ମିଳିଛି । ଶୋ'ରେ ଶନାୟାଙ୍କ ଅଂଶଗ୍ରହଣ ପରେ ଏହି ଫଟୋଟି ସୋସିଆଲ ମିଡିଆରେ ଘୂରି ବୁଲିବା ମାତ୍ରେ ସୁଟିଂ ପୂର୍ବରୁ ହିଁ ତାଙ୍କୁ ରାପିଡ୍ ଫାୟାର୍ ରାଉଣ୍ଡର ପ୍ରଶ୍ନ ଦିଆଯାଇଥିଲା କି ବୋଲି ୟୁଜର୍ସମାନେ ସନ୍ଦେହ ପ୍ରକାଶ କରିଛନ୍ତି । ଦୀର୍ଘ ବର୍ଷ ଧରି ଯେଉଁ ରାପିଡ୍ ଫାୟାର୍ ରାଉଣ୍ଡକୁ ଦର୍ଶକ ସତ ଭାବି ଖୁବ ଭଲପାଇବା ଦେଇଥାଆନ୍ତି । ହେଲେ ଶନାୟାଙ୍କର ଏହି ଫଟୋଟି ବର୍ତ୍ତମାନ ତା ଉପରେ ପ୍ରଶ୍ନ ଉଠାଇଛି । ସେଲିବ୍ରେଟିମାନେ ତା ପାଇଁ ପୂର୍ବରୁ ପ୍ରସ୍ତୁତ ଥାଆନ୍ତି ବୋଲି ଦର୍ଶକ ମତ ଦେଇଛନ୍ତି, ଯାହା ସେମାନଙ୍କୁ ନିରାଶ କରିଥିବା ଦେଖିବାକୁ ମିଳିଛି । ତେବେ ଭାଇରାଲ୍ ଫଟୋରେ ଥିବା କାଗଜର ତଳ ଭାଗରେ ଅତି ଛୋଟ ଅକ୍ଷରରେ ଲେଖାଯାଇଥିବା ଶବ୍ଦଗୁଡ଼ିକ ଅସ୍ପଷ୍ଟ ଥିବାରୁ ସେଥିରେ ରାପିଡ୍ ଫାୟାର୍ ପ୍ରଶ୍ନୋତ୍ତର ଥିଲା ନା କେବଳ ସାଧାରଣ ନୋଟ୍ସ ଥିଲା, ତାହା ଆନୁଷ୍ଠାନିକ ଭାବେ ସ୍ପଷ୍ଟ ହୋଇନାହିଁ । ନିକଟରେ ଶନାୟା କପୁର, ଅନନ୍ୟା ପାଣ୍ଡେ ଏବଂ ଅନନ୍ୟା ବିର୍ଲା ଏହି ଶୋ'ରେ ଯୋଗ ଦେଇଥିଲେ । ବର୍ତ୍ତମାନ ସୁଦ୍ଧା ଶୋ'ର ହୋଷ୍ଟ କରନ୍ ଜୋହର କିମ୍ବା ଅଭିନେତ୍ରୀ ଶନାୟା କପୁର ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ।

ଭଜା ମଟନ ଝୋଳ

ସାମଗ୍ରୀ- ମଟନ, ଅରଦା, ରସୁଣ, ପିଆଜ, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ମିଟ ମସଲା, ଲୁଣ, ହଳଦୀ, ତେଲ, ଗୋଟା ଗରମ ମସଲା, ଡାଲଚିନି, ଗୁଜୁରାତି, ଧନିଆ ପତ୍ର, ଘିଅ ।

ପ୍ରଣାଳୀ- ପ୍ରଥମେ ମାଂସକୁ ତେଲ, ଲୁଣ ଓ ହଳଦୀ ଦେଇ ଗୋଳାଇ ରଖି ନିଅନ୍ତୁ । ଏହାପରେ ଅଳ୍ପ ରସୁଣକୁ ଛେଚି ନିଅନ୍ତୁ ଏବଂ ଅଳ୍ପ ପିଆଜ କାଟନ୍ତୁ । ଏହି ରସୁଣ ଛେଚା ଓ ପିଆଜ ଦେଇ ପ୍ରଥମେ ମାଂସକୁ ଭଲକରି ଭାଜି ନିଅନ୍ତୁ । ମାଂସରୁ ପାଣି ମରିବା ପର୍ଯ୍ୟନ୍ତ ଏହାକୁ ଭାଜି କାଢି ଦିଅନ୍ତୁ । ଏହାପରେ ପ୍ରେସରରେ ତେଲ ଗରମ କରି ଏଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଭାଜିହେବା ପରେ ଏଥିରେ ଅଦା ଓ ରସୁଣ ବଟା ଦେଇ କସନ୍ତୁ । ପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଦେଇ ଭଲଭାବେ କଷନ୍ତୁ । କିଛି ସମୟ ପରେ ଏଥିରେ ଭଜା ହୋଇଥିବା ମଟନ ପକାଇ କସନ୍ତୁ । ଚାହିଁବେ ଯଦି ଭଜା ଆଳୁ ପକାଇ ପାରିବେ । ମାଂସ ଭଲଭାବେ କସି ହେବା ପରେ ଏଥିରେ ଅଳ୍ପ ଘିଅ ପକାନ୍ତୁ ଏବଂ ପାଣି ଦେଇ ପ୍ରେସରର ସିଟି ଦିଅନ୍ତୁ । ମାଂସ ଭଲକରି ସିଝିବା ପରେ ଶେଷରେ ଏଥିରେ ଗୁଣ୍ଡ ଗରମ ମସଲା ଏବଂ ଗୁଣ୍ଡ ଡାଲଚିନି ଓ ଗୁଜୁରାତି ପକାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଭଜା ମଟନ ଝୋଳ ।



ଛାଡ଼ଖାଇ

ଛାଡ଼ଖାଇ, ଓଡ଼ିଶାରେ ପାଳିତ ଏକ ସାମାଜିକ ଚଳଣି । ଏହାକୁ କାର୍ତ୍ତିକ ପୂର୍ଣ୍ଣିମା ପର ଦିନ ଅର୍ଥାତ ମାର୍ଗଶିର କୃଷ୍ଣ ପ୍ରତିପଦାରେ ପାଳନ କରାଯାଏ । କାର୍ତ୍ତିକ ମାସକୁ ଓଡ଼ିଶାରେ ଏକ ପବିତ୍ର ମାସ ଭାବରେ ପାଳନ କରାଯାଏ । ତେଣୁ ଏହି ମାସରେ ବହୁ ଲୋକ ସମ୍ପୂର୍ଣ୍ଣ ମାସ ଆମିଷ ଭକ୍ଷଣ କରନ୍ତି ନାହିଁ । ଅବଶିଷ୍ଟ ଲୋକ କେବଳ ମାସର ଶେଷ ପାଞ୍ଚଦିନ --- ପଞ୍ଚୁକରେ ଆମିଷ ଭକ୍ଷଣରୁ ନିବୃତ୍ତ ରହନ୍ତି । ତେଣୁ ଛାଡ଼ଖାଇ ଶବ୍ଦଟି, 'ଛାଡ଼' ଓ 'ଖାଇ' ଦୁଇଟି ଶବ୍ଦର ସନ୍ଧିରୁ ବିକଶିତ । ଛାଡ଼ ଅର୍ଥ ସମୟର ଅନ୍ତରାଳ ଓ ଖାଇ ଅର୍ଥ ଖାଇବା । ଅର୍ଥାତ, କିଛି ସମୟ ଅନ୍ତରାଳ ପରେ ଖାଇବା । ଲୋକମାନେ ମାସେ କାଳ ଯେଉଁ ଖାଦ୍ୟରୁ ନିବୃତ୍ତ ରହି କାର୍ତ୍ତିକ ମାସ ପାଳିଥାନ୍ତି, ଛାଡ଼ଖାଇ ଦିନ ସେହି ଖାଦ୍ୟ ଖାଇଥାନ୍ତି । ତେବେ ଏହାକୁ ନେଇ କିଛି କିମ୍ବଦନ୍ତୀ ବର୍ଣ୍ଣନା ମଧ୍ୟ ରହିଛି । କାର୍ତ୍ତିକ ମାସ ଓ ମାର୍ଗଶୀର ମାସରେ ପବନର ଗତିପଥ ବଦଳିଥାଏ । ଐତିହାସିକ ତଥ୍ୟ ଅନୁଯାୟୀ ଓଡ଼ିଆ ସାଧବପୁତ୍ରମାନେ ନୌବାଣିଜ୍ୟ କରିବା ପାଇଁ, କେଉଟମାନେ ସମୁଦ୍ରକୁ ମାଛ ମାରିବା ପାଇଁ ଏହି ସମୟରେ ଯାତ୍ରାରମ୍ଭ କରୁଥିଲେ । ସେମାନଙ୍କୁ ମେଲାଣି ଦେବାପାଇଁ ଆୟୋଜନ କରାଯାଉଥିବା ଭୋଜିରେ ଆମିଷ ଖାଦ୍ୟ ରହୁଥିଲା । ଛାଡ଼ଖାଇ ଏହିପରି ଭାବରେ ଆରମ୍ଭ ହୋଇଥାଇପାରେ । ବର୍ଷର ଏହି ସମୟରେ ମାଛମାନେ ସମୁଦ୍ର ତଟ ପାଖକୁ ଆସନ୍ତି, ତେଣୁ ମାଛ ଅମଳ ମଧ୍ୟ ଭଲ ହୋଇଥାଏ । କିଛି ଐତିହାସିକମାନଙ୍କ ମତରେ, ଛାଡ଼ଖାଇରୁ ଶୀତ ଋତୁର ମାତ୍ରା ପ୍ରବଳ ହୋଇଯାଏ ।

ସୋସିଆଲ କୋର୍ଟ୍ଟ



ମୋତେ ବିଜ୍‌ନେସ୍‌ର ସ୍କିଲ୍ ଜଣାନଥିଲା । ମୁଁ ଖାଲି ଅନ୍ଧାରରେ ତୀର ମାରିବା ପରି କବାଡି ଖେଳରେ ଇନ୍‌ଭେଷ୍ଟ କରିଥିଲି । ହେଲେ ଭଲ ରିଟର୍ଣ୍ଣସ ମିଳିଛି ।

ଅଭିଷେକ ବଚ୍ଚନ, ଅଭିନେତା



ମୋତେ ଥ୍ରୀ ଇଡିଅଟ୍ସ ସେଟ୍ ବହୁତ ବୋରିଂ ଲାଗୁଥିଲା । ହେଲେ ଆମିର ମୋତେ ପରେ ବୁଝାଇଥିଲେ । ଏହା ଟିଭି ସେଟ୍ ନୁହେଁ ଏଠି କାମ ଭିନ୍ନ ଢଙ୍ଗରେ ହୋଇଥାଏ ।

ମୋନା ସିଂ, ଅଭିନେତ୍ରୀ



କେବେ ବି ପଇସା ପାଇଁ ଫିଲ୍ମ କରିନାହିଁ । ମୋତେ ଅସାଧୁ ଉପାୟରେ ଆସୁଥିବା ପଇସା ଦରକାର ନାହିଁ । ରାତିରେ ଶାନ୍ତିରେ ଶୋଇବାକୁ ଚାହେଁ ।

ରାଜକୁମାର ରାଓ,ଅଭିନେତା

ବୋଲିଭିଆର

ଆଣ୍ଡିଆନ୍ ଅଞ୍ଚଳରେ ଗିନି ପିଗ୍ ପାଳନର ଉପକାରିତା ଏବଂ ଏହାର ପ୍ରଜନନରୁ ଲୋକମାନେ କିପରି ଆୟ କରିପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିପାଇଁ ଏକ ଗିନି ପିଗ୍ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ସହ ଦୌଡ଼ ଏବଂ ଓଜନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ସବୁଠାରୁ ଦ୍ରୁତଗାମୀ, ସବୁଠାରୁ ଭାରୀ ଏବଂ ସବୁଠାରୁ ସୁନ୍ଦର ଗିନି ପିଗ୍ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ସୂଚନା ଅନୁସାରେ ୨.୫ କିଲୋଗ୍ରାମ ଓଜନର ଏକ ଗିନି ପିଗ୍ ସବୁଠାରୁ ଭାରୀ ଟାଇଟଲ୍ ହାସଲ କରିଛି ଏବଂ ଅନ୍ୟ ଏକ ଫାର୍ମର ଗିନି ପିଗ୍ ଦୌଡ଼ ପ୍ରତିଯୋଗିତାରେ ବିଜୟୀ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଆଣ୍ଡିଆନ୍ ଅଞ୍ଚଳରେ ହଜାର ହଜାର ବର୍ଷ ଧରି ଗିନି ପିଗ୍ ମାନଙ୍କୁ ଗୃହପାଳିତ ଭାବେ ରଖାଯାଇ ଆସୁଛି । ସେହିଭଳି ପ୍ରାଚୀନ କାଳରେ ଧାର୍ମିକ ରୀତିନୀତିରେ ଏଗୁଡ଼ିକର ବ୍ୟବହାର କରାଯିବାସହ ଏହାର ମାଂସ ମଧ୍ୟ ଖିଆଯାଉଥିଲା ।

ଗିନି ପିଗର ପାଳନକୁ ନେଇ ସଚେତନତା



୨ କୋଟି ଟଙ୍କାର ମାଳ



ଉତ୍ତର ପ୍ରଦେଶର ମଥୁରାରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଜଣେ ବ୍ୟକ୍ତି ନିଜ ଦୁଇ ଶଳାଙ୍କୁ ପ୍ରତ୍ୟେକ ୧ କୋଟି ଟଙ୍କା ମୂଲ୍ୟର ନୋଟ୍‌ରେ ତିଆରି ମୋଟ ୨ କୋଟି ଟଙ୍କାର ନଗଦ ଟଙ୍କା ମାଳ ଉପହାର ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ପ୍ରାୟ ୧୦୦ ମିଟର ଲମ୍ବା ଏହି ମାଳଗୁଡ଼ିକୁ ଧରିବା ପାଇଁ ଡଜନ ଡଜନ ଲୋକଙ୍କ ଆବଶ୍ୟକତା ପଡ଼ିଥିଲା । ବରମାନଙ୍କ ଭିଣୋଇ ଯୋଗେଶ କୁମାର ରାଜସ୍ଥାନର ବାସିନ୍ଦା ହୋଇଥିବା ବେଳେ ଏହି ଦୁଇ ଭାଇଙ୍କ ବିବାହକୁ ସ୍ମରଣୀୟ କରିବା ପାଇଁ ସେ ଏହି ବିଶାଳ ମାଳର ବ୍ୟବସ୍ଥା କରିଥିଲେ । ୨୦୦ ଏବଂ ୫୦୦ ଟଙ୍କିଆ ନୋଟ୍‌ରେ ଏହି ମାଳଗୁଡ଼ିକୁ ପ୍ରସ୍ତୁତ କରାଯାଇଥିଲା । ସେମାନଙ୍କ ବେକରେ ମାଳ ପିନ୍ଧାଇବା ବେଳେ ଉଭୟ ବରଙ୍କୁ ଏକ ଛାତ ଉପରେ ଛିଡ଼ା କରାଯାଇଥିଲା । ଏନେଇ ପ୍ରଶାନ୍ତ କହିଛନ୍ତି ଯେ ବିବାହ ପୂର୍ବରୁ ତାଙ୍କ ଭିଣୋଇ ଉଭୟ ଭାଇଙ୍କ ପାଇଁ ଏହି ଅବସରକୁ ସ୍ମରଣୀୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଠିକାଦାର ଭାବେ କାର୍ଯ୍ୟ କରୁଥିବା ଯୋଗେଶ ଏହି ବିଳାସପୂର୍ଣ୍ଣ ନଗଦ ଟଙ୍କା ମାଳ ଉପହାର ଦେଇ ନିଜ ପ୍ରତିଶ୍ରୁତି ପୂରଣ କରିଛନ୍ତି ।





କଟକ ବାଲିଯାତ୍ରା ୨୦୨୬ ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଗଣ ।

ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରୁଛି ବୋଇତ ବନ୍ଦାଣ ପରମ୍ପରା : ମୁଖ୍ୟମନ୍ତ୍ରୀ

ପାରାଦୀପ , (ଜିପ୍ର): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ଐତିହାସିକ "ବୋଇତ ବନ୍ଦାଣ ଉତ୍ସବ' ତଥା ପାରାଦୀପ ବନ୍ଦର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ପରିସରରେ ଆୟୋଜିତ ସମାରୋହରେ ଯୋଗଦେଇ ଓଡ଼ିଶାର ଗୌରବମୟ ନୌ-ବାଣିଜ୍ୟ ପରମ୍ପରା, ସାମ୍ପ୍ରତିକ ଶିଳ୍ପ ଅଭିବୃଦ୍ଧି ଏବଂ ଭବିଷ୍ୟତର ସାମୁଦ୍ରିକ ଭିତ୍ତିଭୂମି ବିକାଶ ଉପରେ ବିସ୍ତୃତ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି । ଏହା ସହିତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଇଣ୍ଡୋନେସିଆର ବାଲି ଦ୍ୱୀପରେ ଓଡ଼ିଶା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ସହ ଆଲୋଚନା କରି ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ସଂସ୍କୃତିର ଏହି ଭବ୍ୟ ପ୍ରସାରକୁ ସ୍ୱାଗତ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାଚୀନ କାଳରେ ପାଲ-ଟଣା ଡଙ୍ଗା ମାଧ୍ୟମରେ ସମୁଦ୍ର ଯାତ୍ରା ସହଜ ହେଉଥିଲା । ସାଧବପୁଅମାନେ କେବଳ ବାଣିଜ୍ୟିକ ସାମଗ୍ରୀ ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ



ଦୂରଦେଶକୁ ନେଇଥିଲେ, ଯାହାର ପ୍ରଭାବ ଆଜି ବି ଇଣ୍ଡୋନେସିଆର ବାଲି ଦ୍ୱୀପରେ ପାଳିତ "ମାସାକପାନ କେ ତୁକାଦ' ଏବଂ ଥାଇଲାଣ୍ଡର "ଲୟ କ୍ରାଥୋଙ୍ଗ' ପର୍ବରେ ଦେଖିବାକୁ ମିଳେ । ବାଲି ଦ୍ୱୀପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ପାଳିତ ହେଉଥିବା ବାଲିଯାତ୍ରା ଓ ବୋଇତ ବନ୍ଦାଣ ସହ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂ ବାର୍ତ୍ତାଳାପ ଏହି ପ୍ରାଚୀନ ସାଂସ୍କୃତିକ ସେତୁକୁ ଆଜି ବି ଜୀବନ୍ତ ରଖିବାର ପ୍ରମାଣ ଦେଇଛି । ଆଜି ଏହି ଉତ୍ସବ କେବଳ ଓଡ଼ିଶା ମଧ୍ୟରେ ସୀମିତ ନ ରହି ଆମେରିକା,ୟୁରୋପ, ଅଷ୍ଟ୍ରେଲିଆ ଓ ଦକ୍ଷିଣ-ପୂର୍ବ ଏସିଆରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ମଧ୍ୟ ମହା ଆଡ଼ମ୍ବରରେ ପାଳିତ ହେଉଛି, ଯାହା ବିଶ୍ୱ ଦରବାରରେ ଓଡ଼ିଆ ଅସ୍ମିତାକୁ ସୁଦୃଢ଼ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ପୁଞ୍ଜି ନିବେଶ, ବନ୍ଦର କ୍ଷମତା ଓ "ସମୃଦ୍ଧ ଓଡ଼ିଶା ୨୦୩୬' ଲକ୍ଷ୍ୟ ଗତ ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟକୁ ପୁଞ୍ଜି ନିବେଶର ହବ ଭାବେ ଗଢ଼ି ତୋଳିବା ପାଇଁ ଦିଲ୍ଲୀ, ମୁମ୍ବାଇ, ହ । ଇ ଦ୍ର । ବ । ଦ ସମେତ ସିଙ୍ଗାପୁର ଓୟୁଏଇ ଭଳି ଦେଶ ଓ ସହରକୁ ଯାଇ ନିବେଶ ଆ କ ର୍ଷ ଣ କରାଯାଇଛି । ମୋଟ ୨୩.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମଧ୍ୟରୁ ୩.୫ ଲକ୍ଷ କୋଟି ଟଙ୍କାର ୨୦୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାଗରମାଳା, ପିଏମ ଗତି ଶକ୍ତି, ଜାତୀୟ ଲଜିଷ୍ଟିକ୍ସ ନୀତି ଏବଂ "ମାରିଟାଇମ ଅମୃତ କାଳ ଭିଜନ ୨୦୪୭' ବନ୍ଦର, ରେଳପଥ ଓ ସଡ଼କ ସଂଯୋଗକୁ ଏକତ୍ର କରିବାରେ ସହାୟକ ହେଉଛି । ୨୦୨୫-୨୬ରେ ଭାରତର ବନ୍ଦରଗୁଡ଼ିକ ପ୍ରାୟ ୧,୭୦୦ ନିୟୁତ ଟନ ପଣ୍ୟ କାରବାର କରିଥିବା ବେଳେ ୨୦୨୬ ଅକେଫାବରରେ ଭାରତର ପଣ୍ୟ ରପ୍ତାନୀ ପ୍ରାୟ ୫୦ ବିଲିୟନ ଆମେରିକୀୟ ଡଲାର ଛୁଇଁ ରେକର୍ଡ ସୃଷ୍ଟି କରିଛି । ଦେଶର ଏହି ଅଗ୍ରଗତିରେ ପାରାଦୀପ ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରି ୨୦୨୩-୨୪ ଓ ୨୦୨୪-୨୫ରେ ପ୍ରମୁଖ ବନ୍ଦରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିବା ସହିତ ୨୦୨୫-୨୬ରେ ୧୫୬ ନିୟୁତ ଟନ ଅଧିକ ପଣ୍ୟ କାରବାର କରିଛି ଏବଂ ୨୦୧୪-୧୫ ତୁଳନାରେ ଜାହାଜ ବର୍ଥ ପରିଚାଳିତ କାର୍ଗୋ ଦୈନିକ ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଛି ।

ସମାରୋହରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୁବଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଯୁବପିଢ଼ି ହେଉଛନ୍ତି ଦକ୍ଷତା ଓ ସଶକ୍ତିକରଣର ପ୍ରତୀକ ଏବଂ କେବଳ ଦକ୍ଷ ଯୁବକମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ । ଆଜିର ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡକଫର ବିଭୁପ୍ରସାଦ ତରାଇ ଉପସ୍ଥିତ ରହି ଓଡ଼ିଶା ମାଟିର କଳା, ସଂସ୍କୃତି, ଐତିହ୍ୟ ବିଶ୍ୱ ଦରବାର ରେ ପ୍ରତିଷ୍ଠିତ ବୋଲି କହିଥିଲେ । ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅଧକ୍ଷ ସୁଶାନ୍ତ କୁମାର ପୁରୋହିତ ସ୍ୱାଗତ ଭାଷଣ ରେ କହିଲେ ଯେ,ବୋଇତ ବନ୍ଦାଣ ଭଳି ପବିତ୍ର ପର୍ବରେ ନେତୃବୃନ୍ଦଙ୍କ ଉପସ୍ଥିତି ଓଡ଼ିଶାବାସୀଙ୍କ ପାଇଁ ଗୌରବ ଓ ଆନନ୍ଦର ବିଷୟ ।ସମୁଦ୍ର ଆଜି ସୁଯୋଗର ଏକ ନୂଆ ଦ୍ୱାର ଖୋଲିଛି । ଏହି ଅବସରରେ ବନ୍ଦର ଉପାଧକ୍ଷ ଟି. ଭେନୁଗୋପାଲ, ଆଇ ଜି, କେନ୍ଦ୍ରାଂଚଳ, ସତ୍ୟଜିତ ନାୟକ,ଜିଲ୍ଲାପାଳ ଜେ ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ପ୍ରାଶାସନିକ ଅଧିକାରୀ, ବନ୍ଦରର ବରିଷ୍ଠ ଅଧିକାରୀ, କର୍ମଚାରୀ, ଟ୍ରେଡୟୁନିଅନ କର୍ମକର୍ତ୍ତା, ପାରାଦୀପବାସୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଅଭିନେତ୍ରୀ ଅସଦାଚରଣ ମାମଲା
ଅଟକ ୪ ଅଭିଯୁକ୍ତଙ୍କୁ ଥାନାରୁ ଛାଡ଼ିଲା ପୋଲିସ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ବାର୍‌ରେ ଜଣେ ଅଭିନେତ୍ରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା । ହେଲେ ତାଙ୍କୁ ୩୫ (୩) ଧାରାରେ ଥାନାରୁ ଛାଡି ଦିଆଯାଇଥିବା ଖବର ମିଳିଛି ।

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ରୋମିଓ ଲେନ୍ ବାର୍‌ରେ ଦୁଇଦିନ ତଳେ ଜଣେ ଟେଲି ଓଡ଼ିଆ ଅଭିନେତ୍ରୀଙ୍କୁ ଅସଦାଚରଣ ହୋଇଥିବା ସେ ଅଭିଯୋଗ କରିଥିଲେ । ବାର୍‌ରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରେଭ୍ ପାର୍ଟି ଚାଲିଥିଲା । ଏହି ସମୟରେ ରେଭ୍ ପାର୍ଟିରେ ଅଂଶଗ୍ରହଣ କରିଥିବା କିଛି ଯୁବକ ତାଙ୍କ ପାଖାପାଖି ନାଚିବାରୁ ଅଙ୍କଲ ଟିକେ ଦୂରେଇ ନାଚନ୍ତୁ ବୋଲି ପୀଡିତା କହିଥିଲେ ।

ଅଙ୍କଲ ସମ୍ବୋଧନ ଶୁଣିବା ପରେ ଅଭିଯୁକ୍ତ ଯୁବକମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ପେଲାଠେଲା କରିଥିବା ଅଭିଯୋଗରେ ପୀଡିତା ଦର୍ଶାଇଥିଲେ । ତାଙ୍କୁ ଦୁର୍ବ୍ୟବହାର ଓ ଅସଦାଚରଣ ହୋଇଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା । ଚିହ୍ନଟ ୪ ଅଭିଯୁକ୍ତଙ୍କୁ ସୋମବାର ଥାନାକୁ ଆଣି ଅଟକ ରଖିଥିଲା । କିଛି ସମୟ ପରେ ତାଙ୍କୁ ବିଏନ୍‌ଏସ୍ ଧାରା ୩୫ (୩)ରେ ଛାଡି ଦିଆଯାଇଛି ।

ଏହା ଜାଣିବା ପରେ ପୀଡିତା ସୋସିଆଲ ମିଡିଆରେ ସିରିଜ୍ ପୋଷ୍ଟ କରିଛନ୍ତି । ପୀଡିତାଙ୍କ କହିବା କଥା ପୋଲିସ ମୋ ଘରକୁ ଆସି ବୟାନ ରେକର୍ଡ କରୁ । ମୁଁ ଥାନାକୁ ଯିବା ସମ୍ଭବ ନୁହେଁ । ଏଥିସହ ଅଭିଯୁକ୍ତମାନଙ୍କୁ ଗିରଫ କରି ପୋଲିସ ମୋତେ ନ୍ୟାୟ ପ୍ରଦାନ କରୁ । ସୋସିଆଲ ମିଡିଆରେ ପୀଡିତା ଚିତ୍କାର କରୁଥିବା ବେଳେ ପୋଲିସ ୪ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଛାଡି ଦେଇଛି ।

କାର୍ତ୍ତିକେଶ୍ୱର ପୂଜାକମିଟି ପାତ୍ରପଡା ପକ୍ଷରୁ ୧୭ତମ କାର୍ତ୍ତିକେଶ୍ୱର ମହୋତ୍ସବ-୨୦୨୬



ଭୁବନେଶ୍ୱର (ସବ୍ୟୁ): କାର୍ତ୍ତିକେଶ୍ୱର ପୂଜାକମିଟି ପାତ୍ରପଡା ଭୁବନେଶ୍ୱରର ୧୭ତମ କାର୍ତ୍ତିକେଶ୍ୱର ମହୋତ୍ସବ ୨୦୨୬ ଅନୁଷ୍ଠିତ ହେଉଛି । ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସଂନ୍ଧ୍ୟା । ଏହି ମନୋଜ୍ଞ ସଂନ୍ଧ୍ୟାରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି , ଭୁବନେଶ୍ୱର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଦୁଃଶାସନ ସ୍ୱାଇଁ , ବରିଷ୍ଠ ବିଜେପି ଜଗନ୍ନାଥ ପ୍ରଧାନ, କର୍ପୋରେଟର ଅମରେଶ ଜେନା ଯୋଗ ଦେଇଥିଲେ। ସଂନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୀମା ପଣ୍ଡା ଲାଇଭ୍‌ବ୍ୟାଣ୍ଡ ପକ୍ଷରୁ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହୋତ୍ସବର ସୋମବାର ସଂନ୍ଧ୍ୟାରେ ଅନ୍ତରା ଚକ୍ରବର୍ତ୍ତୀ ଲାଇଭ୍‌ବ୍ୟାଣ୍ଡ ପକ୍ଷରୁ ମଧ୍ୟ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ଏହି ଦିବସରେ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗ ଦେଇଥିଲେ। ୬୫ନଂ ୱାର୍ଡର କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ ଓ ପୂଜା କମିଟିର ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ମହୋତ୍ସବ ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ତାରିଖ ଅନ୍ତିମ ଦିବସରେ ଛୋଟ ଛୋଟ ପିଲାଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଶିଷ୍ଟ ସମାଜସେବୀ ସତ୍ୟନାରାୟଣ ମହାନ୍ତି ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

କମିଶନରେଟ ପୁଲିସ୍‌ରେ ପଦବୀ ଖାଲି


ଭୁବନେଶ୍ୱର,(ତଥ୍ୟ) କମିଶନରେଟ ପୁଲିସ୍ ଅଞ୍ଚଳରେ ଆଇନ୍ ଶୃଙ୍ଖଳାର ଅବନତି ନେଇ ପୁଲିସ୍ ପ୍ରଶାସନ ଉପରେ ସବୁଆଡୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଥିବାବେଳେ ବିଭିନ୍ନ ବର୍ଗରେ ଖାଲି ପଡିଥିବା ପଦ ପଦବୀ ଏବେ ପୁଲିସ୍ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ବର୍ତ୍ତମାନ କମିଶନରେଟ ପୁଲିସ୍‌ରେ ପାଖାପାଖି ୨ହଜାର ପଦବୀ ଖାଲି ପଡିଗଲାଣି। ରାଜଧାନୀ ଭୁବନେଶ୍ୱର ସମେତ କଟକ, ଦୁଇ ମହାନଗରୀକୁ ନେଇ ଗଠନ ହୋଇଛି କମିଶନରେଟ ପୁଲିସ୍। ଦୁଇ ସହରର ଲୋକେ ଯେଭଳି ପୁଲିସ୍ ସେବା ଚାହୁଁଛନ୍ତି ତାହା ପାଇପାରୁ ନାହାନ୍ତି। ଚୋରି, ଡକାୟତି, ନିଶା କାରବାର, ହତ୍ୟା ଠାରୁ ଆରମ୍ଭକରି ରାସ୍ତାଘାଟରେ ଛିନ୍‌ତାଇ ଏବେ କମିଶନରେଟ ପୁଲିସ୍ ପାଇଁ ବଡ ଆହ୍ୱାନ ହୋଇଛି।

ତେବେ କର୍ମଚାରୀ ସଙ୍କଟରେ ସନ୍ତୁଳି ହେଉଥିବା କମିଶନରେଟ ପୁଲିସ୍ ପାଇଁ ଏହାର ମୁକାବିଲା କରିବା କାଠିକର ପାଠ ହେଲାଣି। ମିଳିଥିବା ସୂଚନା ଅନୁଯାୟୀ କମିଶନରେଟ ପୁଲିସ୍‌ରେ ଏବେ ବିଭିନ୍ନ ବର୍ଗର ପାଖାପାଖି ୨ହଜାର ପଦ ପଦବୀ ଖାଲି ପଡିଛି। ଏଠାରେ ପ୍ରଥମଶ୍ରେଣୀ ପାହ୍ୟାରେ ୧୦୫ଟି ପଦବୀ ରହିଥିବାବେଳେ ଏଥିରୁ ୨୬ଟି ଖାଲି ପଡିଛି। ଦ୍ୱିତୀୟଶ୍ରେଣୀ ପାହ୍ୟାରେ ଥିବା ୬୮୦ଟି ପଦବୀରୁ ୨୫୨ଟି ଖାଲି ପଡିଥିବାବେଳେ ପୁଲିସ୍ ପ୍ରଶାସନର ମେରୁଦଣ୍ଡ କୁହାଯାଉଥିବା ତୃତୀୟଶ୍ରେଣୀ ପାହ୍ୟାର ୭୬୮୨ ପଦବୀ ମଧ୍ୟରୁ ୧୫୩୧ଟି ଖାଲି। ଚତୁର୍ଥଶ୍ରେଣୀ ପାହ୍ୟାରେ ଥିବା ୩୦୨ ପଦବୀ ମଧ୍ୟରୁ ଅଧାରୁ ଅଧିକ ଅର୍ଥାତ୍ ୧୫୬ଟି ପଦ ପଦବୀ ଖାଲି ପଡିଛି। ସହରର କଳେବର ସହିତ ଡାଳଦେଇ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅଧିକରୁ ଅଧିକ ଥାନା, ଫାଣ୍ଡି ଏପରିକି ତିନି ତିନିଟି ବିଧାନସଭା ନିର୍ବାଚନମଣ୍ଡଳୀ ଥିବାରୁ ରାଜଧାନୀରେ ଅଧିକ ଡିସିପି ନିଯୁକ୍ତି ପାଇଁ ମତପ୍ରକାଶ ପାଉଛି। ଏହାଛଡା ପଦ ପଦବୀ ଖାଲି ପଡିଥିବାରୁ ରାଜଧାନୀରେ ତଦନ୍ତ ଓ ସୁରକ୍ଷାକୁ ଥାନା ସ୍ତରରେ ପୃଥକ କରାଯାଇ ପାରୁନାହିଁ।

ଗୋଟିଏ ପଟେ ପୁଲିସ୍ ଅଧିକାରୀ ଓ କର୍ମଚାରୀ ପଦବୀ ଖାଲି ପଡିଥିବାବେଳେ ଅନ୍ୟ ପଟେ ସହରରେ ବର୍ଷ ସାରା ଧାରଣା, ଧର୍ମଘଟ, ସଭାସମିତି ସାଙ୍ଗକୁ ଭିଆଇପି ଓ ଭିଭିଆଇପିଙ୍କୁ ଜଗିବାରେ ପୁଲିସ୍ କର୍ମଚାରୀଙ୍କର ବେଳ ଯାଉଛି। ପିସିଆର ଭ୍ୟାନଗୁଡିକ ହୋମଗାର୍ଡଙ୍କ ଭରସାରେ ଚାଲିଛି। ଅବସ୍ଥା ଏଭଳି ହୋଇଛି ଯେ ଦୁଇ ଚକିଆ ପିସିଆରକୁ ନେଇ ମଇଦାନକୁ ଓହ୍ଲାଇବା ପାଇଁ କର୍ମଚାରୀ ସଙ୍କଟ। ଏଭଳି ସ୍ଥିତିରେ ଖୋଦ ରାଜଧାନୀରେ ବରିଷ୍ଠ ନାଗରିକମାନଙ୍କୁ ଘରେ ସେବା ଯୋଗାଇବା, ମହିଳାମାନଙ୍କୁ ରାସ୍ତାଘାଟରେ ସୁରକ୍ଷା ଦେବା, ବ୍ୟାଙ୍କ୍ ଓ ବ୍ୟବସାୟ ପ୍ରତିଷ୍ଠାଗୁଡିକୁ ଜଗିବା ଏବେ କମିଶନରେଟ ପୁଲିସ୍ ପାଇଁ କାଠିକର ପାଠ ହୋଇପଡିଛି। ପରିସ୍ଥିତି ସମ୍ଭାଳିବାପାଇଁ ଅଧିକାଂଶ ସମୟରେ ଅନ୍ୟ ସ୍ଥାନରୁ ପୁଲିସ୍ କର୍ମଚାରୀଙ୍କୁ ଆଣିବାକୁ ପଡୁଛି। ଥାନାରେ କାର୍ଯ୍ୟରତ ଅଧିକାରୀଙ୍କୁ ଚାର୍ଜସିଟ୍ ଲେଖିବାକୁ ବହୁ ସ୍ଥାନରେ ବେଳ ମିଳୁନାହିଁ। ଏହା ସହିତ ବହୁ ମାମଲାରେ ଅଦାଲତରେ ବି ହାଜର ହେବାକୁ ପଡୁଛି। ଖାଲି ପଡିଥିବା ପଦବୀଗୁଡିକ ନୂତନ ନିଯୁକ୍ତି ଓ ପଦୋନ୍ନତି ଭିତ୍ତିରେ ପୂରଣ ପାଇଁ ସରକାର କହୁଥିବାବେଳେ ତୁରନ୍ତ ଏଗୁଡିକ ପୂରଣ ସହିତ ଅତିରିକ୍ତ ପଦବୀ ପଦବୀ ସୃଷ୍ଟି କରାନଗଲେ କମିଶନରେଟ ପୁଲିସ୍ ବ୍ୟବସ୍ଥା ଆହୁରି ଦୁର୍ବଳ ହୋଇପଡିବ ବୋଲି ମତପ୍ରକାଶ ପାଉଛି।

ଅପହୃତା ନାବାଳିକା ଉଦ୍ଧାର କେନିଆ ନାଗରିକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଅପହୃତା ନାବାଳିକାକୁ ପୁରୀ ପୋଲିସ କମିଶନରେଟ୍ ପୋଲିସ ସହାୟତାରେ ଭୁବନେଶ୍ୱରରୁ ଉଦ୍ଧାର କରିଛି । ଅପହର୍ତ୍ତା କେନିଆ ନାଗରିକଙ୍କୁ ପୋଲିସ ଗିରଫ କରି ପୁରୀ ନେଇଛି । ସୋସିଆଲ ମିଡିଆରେ ପୁରୀର ନାବାଳିକାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ କେନିଆ ନାଗରିକ ମହମ୍ମଦ ସରିଫ୍ ଅଲ୍ଲା । ପରସ୍ପରଙ୍କ ମଧ୍ୟରେ ସମ୍ପର୍କ ନିବିଡ ହେବା ପରେ ମହମ୍ମଦ କେନିଆରୁ ଆସି ନାବାଳିକାଙ୍କୁ ପୁରୀରୁ ଅପହରଣ କରିଥିଲା । ଅପହରଣ ପରେ ଉଭୟ ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାର ଏକ ହୋଟେଲରେ ଥିଲେ । ଅପହୃତା ନାବାଳିକାଙ୍କ ପରିବାର ପୁରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଅପହୃତା-ଅପହର୍ତ୍ତା ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାର ଏକ ହୋଟେଲରେ ଥିବା ପୁରୀ ପୋଲିସ ଜାଣିବା ପରେ କମିଶନରେଟ୍ ପୋଲିସ ସହାୟତାରେ ଅପହୃତାଙ୍କୁ ଉଦ୍ଧାର କରିଛି । ଅପହୃତାଙ୍କୁ ଉଦ୍ଧାର କରିବା ସହ ମହମ୍ମଦ ସରିଫ୍ ଅଲ୍ଲାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ମହମ୍ମଦ ଓ ଅପହୃତା ନାବାଳିକାଙ୍କୁ ଭୁବନେଶ୍ୱର କୋର୍ଟରେ ହାଜର କରାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ପୁରୀ ନେଇଥିବା ଖବର ମିଳିଛି ।





ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ବ୍ରଜମୋହନ ରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

କାର୍ତ୍ତିକ ପୂର୍ଣ୍ଣିମାରେ ରାଧାବଲ୍ଲଭ ମନ୍ଦିରରେ ଭକ୍ତିମୟ ପରିବେଶ

ଧବଳେଶ୍ୱର ମନ୍ଦିରରେ ପହଞ୍ଚିଲା ଭକ୍ତଙ୍କ ଶୋଭାଯାତ୍ରା

ଖୋର୍ଦ୍ଧା, (ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଖୋର୍ଦ୍ଧା ଅଂଚଳର ରାଧାବଲ୍ଲଭ ମନ୍ଦିରରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଉତ୍ସାହର ସହ ପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି । ଅଁଳା ନବମୀଠାରୁ ଆରମ୍ଭ ହୋଇଥିବା ଏହି ଧାର୍ମିକ ଉତ୍ସବ କାର୍ତ୍ତିକ ପୂର୍ଣ୍ଣିମା ଦିନ ବିଭିନ୍ନ ପୂଜାର୍ଚ୍ଚନା, ଭଜନ, କୀର୍ତନ ଓ ନଗର ସଂକୀର୍ତନ ମଧ୍ୟରେ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ମନ୍ଦିର ପରିସର ସମେତ ସମଗ୍ର ଅଂଚଳ ହରିନାମ ସଂକୀର୍ତନରେ ମୁଖରିତ ହୋଇଉଠିଥିଲା । ପରମ୍ପରା ଅନୁଯାୟୀ, ଦିନର ପ୍ରାରମ୍ଭରେ ଭୋର ୪ଟା ୩୦ ମିନିଟ୍ ରେ ଶ୍ରୀ ରାଧାବଲ୍ଲଭ ଦେବଙ୍କ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା । ଘଂଟ, ଘଂଟା, ମୃଦଙ୍ଗ ଓ ହରିବୋଲ ଧ୍ୱନିରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା । ଭୋରରୁ ଶତାଧିକ ଶ୍ରଦ୍ଧାଳୁ ମନ୍ଦିରରେ ଏକତ୍ରିତ ହୋଇ ପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଦୀପ, ଧୂପ ଓ ଭଜନର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରଦ୍ଧାଳୁମାନେ ନିଜକୁ ହରିନାମରେ ସମର୍ପିତ କରିଥିଲେ । ମଙ୍ଗଳ ଆଳତି ପରେ ରାଧାବଲ୍ଲଭ ମନ୍ଦିରରୁ ଏକ ଭବ୍ୟ ନଗର କୀର୍ତନ ଶୋଭାଯାତ୍ରା ବାହାରିଥିଲା । ହରିନାମ ସଂକୀର୍ତନ, ମୃଦଙ୍ଗ ଓ କରତାଳର ତାଳେ ତାଳେ ଭକ୍ତମାନେ ଗାଁର ବିଭିନ୍ନ ରାସ୍ତା ପରିକ୍ରମା କରିଥିଲେ । ହରିବୋଲ ଓ ଜୟ ଶ୍ରୀକୃଷ୍ଣ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା । ଏହି ଶୋଭାଯାତ୍ରା ଶେଷରେ ଧବଳେଶ୍ୱର ମନ୍ଦିରରେ ପହଁଚିଥିଲା । ସେଠାରେ ଭଜନ ଓ କୀର୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର: (ସବ୍ୟୁ) : ଲାୟନ୍ସ କ୍ଲବ୍ ଅଫ୍ ଭୁବନେଶ୍ୱର ନେତାଜୀ



(ଜିଲ୍ଲା ୩୨୨ସି ୪) ପକ୍ଷରୁ ଉତ୍କଳ ହସପିଟାଲ ଏବଂ ସେଞ୍ଚୁରିଆନ୍ ୟୁନିଭରସିଟିର ମିଳିତ ସହଯୋଗରେ ଭୁବନେଶ୍ୱରର ଗାଡକଣସ୍ଥିତ ୱାର୍ଡ ନଂ-୯ କାର୍ଯ୍ୟାଳୟଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜନସାଧାରଣଙ୍କ ନିକଟରେ ବହୁମୂଖୀ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଶିବିରରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କର ଏକ ସ୍ୱତନ୍ତ୍ର ଟିମ୍ ଯୋଗଦେଇ ସ୍ତ୍ରୀ ଓ ପ୍ରସୂତି ରୋଗ, କର୍କଟ ରୋଗ (ଅଙ୍କୋଲୋଜି), ଅସ୍ଥି ଶଲ୍ୟ, ଇଏନ୍‌ଟି, ଜେନେରାଲ ମେଡିସିନ୍, ଡାଇବେଟିସ୍, ଚକ୍ଷୁ, ଦନ୍ତ, କର୍ଣ୍ଣ, ନାସା, ଗଳା ଓ ଫିଜିଓଥେରାପି ସମେତ ଆୟୁର୍ବେଦିକ ଓ ହୋମିଓପାଥିକ ବିଭାଗରେ ମାଗଣା ପରାମର୍ଶ ସହ ଓ ମେଡିସିନ୍ ପ୍ରଦାନ କରିଥିଲେ । ଏହି ଅବସରରେ ବହୁ ମାଣ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ କର୍ପୋରେଟର ଓ ସ୍ଥାନୀୟ ବିଧାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗାଡକଣ ଓ ଏହାର ଆଖପାଖ ଅଞ୍ଚଳର ବାସିନ୍ଦାମାନେ ବହୁ ସଂଖ୍ୟାରେ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ସେବାର ଲାଭ ଉଠାଇଥିଲେ ।

ସେମିକଣ୍ଡକ୍ଟର ଓ ଚିପ୍ ଡିଜାଇନ୍ କ୍ଷେତ୍ରକୁ ନୂଆ ଗତି ଦେବ ଏଆର୍‌ଏଫ୍ ଡିଜାଇନ୍ ସେଣ୍ଟର

ଭୁବନେଶ୍ୱର ବରମୁଣ୍ଡାରେ ସେଣ୍ଟର ଉଦ୍‌ଘାଟନ କଲେ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାକୁ ଦେଶର ଏକ ପ୍ରମୁଖ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ହବ୍‌ରେ ପରିଣତ କରିବା ଦିଗରେ ଆଉ ଏକ ମାଇଲଖୁଣ୍ଟ ଯୋଡ଼ି ହୋଇଛି । ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପରିସରରେ ସେମିକଣ୍ଡକ୍ଟର ଡିଜାଇନ୍ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଏଆରଏଫ ଡିଜାଇନ୍ ପ୍ରାଇଭେଟ ଲିମିଟେଡ଼ର ନୂତନ ଡିଜାଇନ୍ ସେଣ୍ଟରର ଶୁଭ ଉଦ୍‌ଘାଟନ ହୋଇଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ । ଏହି ଡିଜାଇନ୍ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପାନୀକୁ ରିହାତି ଦରରେ ଜାଗା ଯୋଗାଇବା ସହ ଆବଶ୍ୟକୀୟ ସହଯୋଗ ଓ ସୁବିଧା ଯୋଗାଇ ଦିଆଯାଇଛି । ଏହା ରାଜ୍ୟରେ ସେମିକଣ୍ଡକ୍ଟର ଡିଜାଇନ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ସହ ଉଚ୍ଚ ଦକ୍ଷତାସମ୍ପନ୍ନ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ।

ଏହି ଅବସରରେ ଡ଼. ମହାଲିଙ୍ଗ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱରେ ଓଡ଼ିଶା ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥିତି ସୁଦୃଢ଼ କରୁଛି । ଗତ ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତି ଏବଂ କୃତ୍ରିମ ବୁଦ୍ଧିମତ୍ତା ନୀତି ପ୍ରଣୟନ କରି ଏହି କ୍ଷେତ୍ରରେ ନିବେଶ ଓ ନବସୃଜନ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି । ସେ ଆହୁରି କହିଥିଲେ ଯେ, ଚିପ୍ ନିର୍ମାଣଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ଡିଜାଇନ୍ ଓ ପ୍ୟାକେଜିଂ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହି ପ୍ରୟାସର ଫଳସ୍ୱରୂପ ରାଜ୍ୟକୁ ୫,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ଆସିଛି । ଏହା ରାଜ୍ୟର ଶିଳ୍ପାୟନ, ବୈଷୟିକ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୃଷ୍ଟିକୁ ନୂତନ ଦିଗ ଦେବ । ଏଆରଏଫ ଡିଜାଇନ୍ ପ୍ରାଇଭେଟ ଲିମିଟେଡ଼ ଭଳି ଅଗ୍ରଣୀ କମ୍ପାନୀଙ୍କ ଯୋଗଦାନ ଏହି ଲକ୍ଷ୍ୟ ହାସଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଏଆରଏଫ ଡିଜାଇନ୍ ପ୍ରାଇଭେଟ ଲିମିଟେଡ଼ର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ଓକାକର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର କୁସ୍ତବ ଦୀପ୍ତ ପାଣି ଏବଂ ଏସଟିପିଆଇର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟ ଅତିଥି ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

'ବିଜେବି ଫ୍ରେଣ୍ଡସ୍' ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର (ସବ୍ୟୁ): ସୁସ୍ଥ ସମାଜ ଗଠନ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟରେ ବିଜେବି କଲେଜର ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ୍' ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । 'ସୁସ୍ଥ ସମାଜ, ସୁଖମୟ ଭବିଷ୍ୟତ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଶିବିରରେ ପାଖାପାଖି ୧୦୦ ଜଣ ବିଜେବି ଫ୍ରେଣ୍ଡସ୍ ର ଆଜୀବନ ସଦସ୍ୟ ଓ ବିଜେବି କଲେଜ ତଥା ହଷ୍ଟେଲର ଛାତ୍ରଛାତ୍ରୀ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଶିବିରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ ଯାଞ୍ଚ, ପ୍ରାଥମିକ ଡାକ୍ତରୀ ପରାମର୍ଶ ଏବଂ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କିତ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁଶ୍ରୁତ ହସ୍ପିଟାଲ ଆଣ୍ଡ ଟ୍ରମା କେୟାର ପ୍ରାଇଭେଟ୍ ଲିମିଟେଡ୍, ଇରେଡା, ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ଆଇକନ୍ସ ଏବଂ ବିଜେବି ଷ୍ଟୁଡେଣ୍ଟ ଭଏସ୍ ସହଯୋଗ କରିଥିଲେ । ଏହି ମହତ୍ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ସମସ୍ତ ଅନୁଷ୍ଠାନ, ଡାକ୍ତରୀ ଟିମ୍, ସ୍ୱେଚ୍ଛାସେବୀ ଏବଂ ଅଂଶଗ୍ରହଣକାରୀଙ୍କୁ ଆୟୋଜକଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଛି ।

ବାଲିରେ ଆୟୋଜିତ 'ଓଡ଼ିଶା ପରବ'ରେ ଶତାବ୍ଦୀ ପୁରୁଣା ନୌବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କର ମହୋତ୍ସବ

ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଏବଂ ଜନସମ୍ପର୍କ ସୁଦୃଢ଼

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡୋନେସିଆର ବାଲିଠାରେ ଆୟୋଜିତ 'ଓଡ଼ିଶା ପରବ ୨୦୨୬'ର ଦ୍ୱିତୀୟ ଦିନରେ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା, ସାଂସ୍କୃତିକ ପରିଚୟ ଏବଂ ଦକ୍ଷିଣ-ପୂର୍ବ ଏସିଆ ବିଶେଷ କରି ଇଣ୍ଡୋନେସିଆ ସହ ରହିଥିବା ଶତାବ୍ଦୀ ପୁରୁଣା ସମ୍ପର୍କକୁ ମହାସମାରୋହରେ ପାଳନ କରାଯାଇଛି । ଏହି ଅବସରରେ ସାନୁର ବେଳାଭୂମିରେ ପାରମ୍ପରିକ 'ବୋଇତ ବନ୍ଦାଣ' ଉତ୍ସବ, କଟକର ବାଲିଯାତ୍ରା ସହ ଏକ ସମୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ବାଲିରେ 'ଓଡ଼ିଶା ପରବ'ର ଉଦ୍‌ଘାଟନ ଏବଂ ଓଡ଼ିଆ ପ୍ରବାସୀ ସମୁଦାୟ ଓ ବିଶିଷ୍ଟ ଅତିଥିମାନଙ୍କୁ ନେଇ 'ପ୍ରବାସୀ ଭାରତୀୟ ସମ୍ମିଳନୀ' ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀନ କଳିଙ୍ଗର ସାଧବ ପୁଅମାନଙ୍କର ବାଲି, ଜାଭା, ସୁମାତ୍ରା ଏବଂ ଦକ୍ଷିଣ-ପୂର୍ବ ଏସିଆର ଅନ୍ୟାନ୍ୟ ଅଞ୍ଚଳକୁ ଐତିହାସିକ ନୌବାଣିଜ୍ୟ ଯାତ୍ରାକୁ ସ୍ମରଣ କରି ସାନୁର ବେଳାଭୂମିରେ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ସହ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଇଣ୍ଡୋନେସିଆ ସମୁଦାୟର ସଦସ୍ୟମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ଆକର୍ଷଣ ଥିଲା ପାରାଦୀପ ବନ୍ଦରରୁ ଓଡ଼ିଶାର ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଭାସୀ ମାଧ୍ୟମରେ ବାର୍ତ୍ତାଳାପ । ଏହି ଉତ୍ସବକୁ ଅଧିକ ମହତ୍ତ୍ୱ ପ୍ରଦାନ କରି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କଟକର ପ୍ରସିଦ୍ଧ ବାଲିଯାତ୍ରା ସହ ଏକ ସମୟରେ ବାଲିଠାରେ 'ଓଡ଼ିଶା ପରବ'ର ଶୁଭ ଉଦ୍‌ଘାଟନ କରିଥିଲେ । 'ଦି ମେରୁ ସାନୁର' ସ୍ଥିତ ବାଲି ବିଚ୍ କନଭେନସନ୍ ସେଣ୍ଟରରେ ଓଡ଼ିଶା, ଇଣ୍ଡୋନେସିଆ ଏବଂ ଭାରତୀୟ କୂଟନୈତିକ ସମୁଦାୟର ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ 'ଓଡ଼ିଶା ପରବ'ର ଭବ୍ୟ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଉଦ୍‌ଘାଟନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା; ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ; ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସର ଡେପୁଟି ଚିଫ୍ ଅଫ୍ ମିଶନ ଶ୍ରୀ ବିଜୟ ସେଲଭାରାଜ , ବାଲି ପ୍ରଦେଶ ଆଞ୍ଚଳିକ ସଚିବାଳୟର ଅର୍ଥନୈତିକ ବ୍ୟାପାର ଓ ବିକାଶ ସହାୟକ ଡଃ. ଲୁହ ଆୟୁଆର୍ଯ୍ୟାନା ଏବଂ ଡିପିଡି ଆରଆଇ (DPD RI)ର ସିନେଟର ଡଃ. ଆଇ ଗୁସ୍ତି ଆର୍ଯ୍ୟ ୱେଦାକର୍ଣ୍ଣଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓଡ଼ିଶା ଏବଂ ବାଲି ମଧ୍ୟରେ ଥିବା ଚିରନ୍ତନ ସଭ୍ୟତାଗତ ସମ୍ପର୍କ ଉପରେ ଆଲୋକପାତ କରିଥିଲେ ଏବଂ ଏହି ମିଳିତ ଐତିହ୍ୟକୁ ପର୍ଯ୍ୟଟନ, ସଂସ୍କୃତି, ବାଣିଜ୍ୟ ଓ ଉଦ୍ୟୋଗ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ସମସାମୟିକ ଭାଗିଦାରୀରେ ପରିଣତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଆଜି ଏକ 'ପ୍ରବାସୀ ଭାରତୀୟ ସମ୍ମିଳନୀ' ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ଭାରତୀୟ ସମୁଦାୟର ସଦସ୍ୟ, ବିଶେଷ କରି ଇଣ୍ଡୋନେସିଆରେ ରହୁଥିବା ପ୍ରବାସୀ ଭାରତୀୟ ତଥା ଓଡ଼ିଆଙ୍କ ସମେତ ଉଭୟ ଦେଶର ବିଶିଷ୍ଟ ଅତିଥି ଓ ପ୍ରତିନିଧିମାନେ ଏକାଠି ହୋଇଥିଲେ ।



ସମସ୍ତଙ୍କ ପାଖରେ ରୁଚି ଆଜି ଲୋକପ୍ରିୟ : କଟକ ଡିସିପି

ବାଲିଯାତ୍ରାରେ 'ରୁଚି'ର ଆକର୍ଷଣ : ଗୋଟିଏ ସହିତ ଆଉ ଗୋଟିଏ ଫ୍ରି

କଟକ, (ସ୍ୱପ୍ର): ଐତିହାସିକ କଟକ ବାଲିଯାତ୍ରାରେ ରୁଚିମଣ୍ଡପ ମଙ୍ଗଳବାର ଉଦଘାଟିତ ହୋଇଛି । କଟକର ଉପ-ଆରକ୍ଷୀ ଆୟୁକ୍ତ ରଷିକେଶ ଦ୍ୟାନଦେଓ ଖିଲାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶୁଦ୍ଧତା, ଗୁଣବତ୍ତା ଏବଂ ସ୍ୱାସ୍ଥ୍ୟକର ଉତ୍ପାଦନ ପାଇଁ ଦୀର୍ଘ ୫୧ ବର୍ଷ ଧରି ଓଡ଼ିଶାର ଏହି ଲୋକପ୍ରିୟ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସମାଜର ସବୁବର୍ଗର ଲୋକଙ୍କ ପାଖରେ ବିଶ୍ୱାସନୀୟତା ବଜାୟ ରଖିଛି ବୋଲି ସେ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ "ରୁଚି'ର ଅଧ୍ୟକ୍ଷା ସଙ୍ଗୀତା ସାହୁ, ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମୀ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ, ସମାଜସେବୀ ଶ୍ରୀମତୀ ଭାରତୀ ଚୌଧୁରୀ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ



ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ "ରୁଚି'ର ମାର୍କେଟିଂ ବିଭାଗ ମୁଖ୍ୟ ଦେବବ୍ରତ ସା, ମେସେଞ୍ଜର୍ସର ଦେବୀପ୍ରସାଦ ଦାଶ, ରୁଚିର ରାଜେଶ କୁମାର ସାହୁ, ଆଲୋକ ଦାସ, ଅରକ୍ଷିତ ରଣା, ରଣଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । "ରୁଚି'ର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଐତିହାସିକ ବାଲିଯାତ୍ରାର ତଳପଡ଼ିଆରେ ବୈଷ୍ଣବ ପାଣି ମଞ୍ଚ ନିକଟରେ "ରୁଚି' ଫୁଡ ଲାଇନ୍ ଓ ଫାର୍ମ ବି'ର ସମସ୍ତ ପ୍ରକାର ମସଲା, ସିମାଇ, ପାସ୍ତା ଓ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ, ରୁଚି ଚା' ଇତ୍ୟାଦି ସାମଗ୍ରୀ ଗୋଟିଏ ସହିତ ଆଉ ଗୋଟିଏ ଫ୍ରିରେ ମିଳୁଛି । ଏହା ସହିତ ପ୍ରତିଦିନ ଲକି ଡ୍ର ଜରିଆରେ ମଧ୍ୟ ଆକର୍ଷଣୀୟ ଉପହାର ରହିଛି । ଆଜି ବିଶ୍ୱେଶ୍ୱର ଫୁଡ୍ସ ତରଫରୁ ଶୁଦ୍ଧ ପାନୀୟ ଜଳ "ଭେଞ୍ଚୁରା'ର ସ୍ୱତନ୍ତ୍ର ଷ୍ଟଲକୁ ରୁଚି ଅଧ୍ୟକ୍ଷା ସଙ୍ଗୀତା ସାହୁ ଉଦଘାଟନ କରିଥିଲେ । ଏଥିରେ ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁ, ମହାପ୍ରବନ୍ଧକ ଆଦ୍ୟାଶା ପଟ୍ଟନାୟକ ଓ ମହାପ୍ରବନ୍ଧକ ଶିଳ୍ପା ଦାସଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ରୋଡ ରେଳବାଇ ପୁଲିସ ଅଧୀନରେ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମିଳିଛି । ଭୁଷଣ୍ଡପୁର ଷ୍ଟେସନ ମାଷ୍ଟରଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଆଜି ଦିନ ପ୍ରାୟ ୧୧ଟା ସମୟରେ କାଳୁପଡ଼ାଘାଟ ଓ ମୁକ୍ତେଶ୍ୱର ଷ୍ଟେସନ ମଧ୍ୟବର୍ତ୍ତୀ ରେଳ ଧାରଣା ନିକଟରେ ଜଣେ ଅଜଣା ପୁରୁଷଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଥିଲା ।ମୃତ ବ୍ୟକ୍ତିଙ୍କ ବୟସ ଆନୁମାନିକ ୩୮ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ସେ କୌଣସି ଟ୍ରେନରୁ ଖସିପଡ଼ିଥିବା ସନ୍ଦେହ କରାଯାଉଛି । ଖବର ପାଇ ରେଳବାଇ ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ।ଏ ସଂକ୍ରାନ୍ତରେ ଖୋର୍ଦ୍ଧା ରୋଡ ରେଳବାଇ ପୋଲିସ ଥାନାରେ ଅପମୃତ୍ୟୁ କେସ ନଂ ୭୫, ତାରିଖ ୨୪.୧୧.୨୦୨୬ ରୁଜୁ ହୋଇଛି ।

ଭିଏଏମଏଲ କୋଇଲା ଖଣି ପ୍ରକଳ୍ପ ଆରୋଗ୍ୟମ୍ ଜରିଆରେ ଗ୍ରାମାଣ ସ୍ୱାସ୍ଥ୍

ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ମହିଳାଙ୍କ ଗଳା ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ସୁଶାନ୍ତ ସାହୁ ଓରଫ ଗୁଲୁ (୩୦)। ତାଙ୍କ ଘର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଂର ମୂଳ ନିବାସୀ ହୋଇଥିବା ବେଳେ ସେ ବର୍ତ୍ତମାନ ନିମଖଣ୍ଡି ଥାନା ଅନ୍ତର୍ଗତ ବାସୁଦେବ ନଗର ତୃତୀୟ ଲେନରେ ରହୁଥିଲେ ବୋଲି ପୋଲିସେ କହିଛି। କେସ୍ ନଂ ୩୬୮/୨୬ ଉକ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ସୁଭାଷିନୀ ଦାସ (୨୫) ପ୍ରାୟ ୭ରୁ ୮ ବର୍ଷ ପୂର୍ବେ ସୁଶାନ୍ତ ସାହୁଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ଏକ ୩ ବର୍ଷର ପୁଅ ରହିଛି। ସେମାନେ ମିଳିତ ଭାବେ ୭ରୁ ୮ ଜଣ ପିଲାଙ୍କୁ



ନେଇ ଏକ ଡ୍ୟାନ୍ସ ଗ୍ରୁପ୍ ମଧ୍ୟ ଚଳାଉଥିଲେ। ସୁଶାନ୍ତ ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖୁଥିବା ଜାଣିବା ପରେ ସୁଭାଶିନୀ ଏହାକୁ ବିରୋଧ କରିଥିଲେ। ଫଳରେ ସୁଶାନ୍ତ ନିଜ ସ୍ତ୍ରୀ 'ଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ମହିଳା ଜଣଙ୍କ ନିଜ ସ୍ୱାମୀର ନିର୍ଯାତନା ସହ୍ୟ କରି ଆସୁଥିଲେ। ଗତ ୧୫ ତାରିଖ ଅପରାହ୍ନରେ ଡ୍ୟାନ୍ସ ଗ୍ରୁପ୍ର ସଦସ୍ୟା ତାଙ୍କ ସ୍ୱାମୀଙ୍କ ଅଶୋଭନୀୟ ବ୍ୟବହାରକୁ ସେ ବିରୋଧ କରିଥିଲେ। ସେଠାରେ ସୁଶାନ୍ତ ତାଙ୍କ ସ୍ତ୍ରୀ 'ଙ୍କ ଗଳା ଚିପି ହତ୍ୟା ଉଦ୍ୟମ କରିଥିଲେ। ଏଥିରେ ତାଙ୍କ ବେକ, ଛାତି, ପେଟ ଓ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଥିବା ଏବଂ ଜୀବନରୁ ମାରି ଦେବାକୁ ଧମକ ଦେଇ ଚାଲିଯାଇଥିଲା। ଆକ୍ରମଣରେ ଆହତ ମହିଳାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ସେ ଉକ୍ତ ଥାନାରେ ଘଟଣାକୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଆଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା କହିଛି ।

ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହାତୀପଲ, ଆକ୍ରମଣରେ ଯୁବକ ମୃତ

ବାରିପଦା, (ସବ୍ୟୁ) : ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଥିବା ହାତୀପଲଙ୍କ ଉପଦ୍ରବ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହାତୀ ଘଉଡ଼ାଇବାକୁ ଉଦ୍ୟମ କରୁଥିବା ବେଳେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ତିମତିମା ଗ୍ରାମର ରାମଚନ୍ଦ୍ର ସିଂକା। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ହାତୀପଲ ବାଦାମପାହାଡ଼ ଅଞ୍ଚଳରେ ପ୍ରବେଶ କରି ବିଭିନ୍ନ ସ୍ଥାନରେ ଉପଦ୍ରବ ଚଳାଇଥିଲେ। ଏହି ସମୟରେ ହାତୀପଲଙ୍କୁ ନିକଟରୁ ଘଉଡ଼ାଇବାକୁ ରାମଚନ୍ଦ୍ର ଉଦ୍ୟମ କରୁଥିବା ବେଳେ ହଠାତ ଏକ ଦନ୍ତାହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ଆକ୍ରମଣରେ ସେ ତଳେ ପଡ଼ିଯିବା ପରେ ଦନ୍ତାହାତୀ ତାଙ୍କୁ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ବନବିଭାଗ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ଅଞ୍ଚଳରୁ ଆସିଥିବା ଏହି ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ଅଞ୍ଚଳରେ ରହୁଥିବାରୁ ସନ୍ଧ୍ୟା ହେଲେ ଜନବସତି ମୁହାଁ ହେଉଛନ୍ତି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ରାଇରଙ୍ଗପୁର ବନ ବିଭାଗ ଟିମ୍ ହାତୀମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ସହ ସେମାନଙ୍କୁ ଜନବସତିଠାରୁ ଦୂରକୁ ଘଉଡ଼ାଇବା ପାଇଁ ନିୟମିତ ଉଦ୍ୟମ ଜାରି ରଖିଥିବା ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର ସୂଚନା ଦେଇଛନ୍ତି।

ଦୁଇ ଫୁଟିଆ କିଙ୍ଗ୍ କୋବ୍ରା ଉଦ୍ଧାର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ସରପଞ୍ଚ ମନ୍ଦାକିନୀ ସେଠୀଙ୍କ ବି.ବ୍ରହ୍ମପୁର ଗ୍ରାମସ୍ଥ ଘର ବାରିପଟୁ ୧୨ ଫୁଟ ଲମ୍ବର ଏକ କିଙ୍ଗ୍ କୋବ୍ରାକୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ମନ୍ଦାକିନୀଙ୍କ ଘର ବାରିପଟେ ଶୌଚାଳୟ ପାଖରେ ଏକ ଦୀର୍ଘକାୟ ସାପ ଦେଖିବାକୁ ମିଳିଥିଲା। ଏଥିରେ ଘରଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ବିରଞ୍ଚିପୁର ବନରକ୍ଷୀ ଦଣ୍ଡପାଣି ଶବର ଓ ଭଗବାନପୁର ବନରକ୍ଷୀ ମୋହନ ଚାନ୍ଦ ସେଠାରେ ପହଞ୍ଚି ସାପଟିକୁ କୌଶଳରେ କାବୁକରି ଉଦ୍ଧାର କରିଥିଲେ। ତେବେ ଉଦ୍ଧାର ସାପଟିକୁ ବାଘୁଆ ନିକଟସ୍ଥ କରଚୁଲି ଜଙ୍ଗଲରେ ଛଡାଯାଇଥିବା ଜଣାଯାଇଛି ।

ଗାଡ଼ି ଲୋନ୍ ପ୍ରତିଶ୍ରୁତି ଆଳରେ ଟଙ୍କା ଠକେଇ ମାମଲା
ଜମି ଜବତ ପାଇଁ କୋର୍ଟଙ୍କ ଆଦେଶ

ବାରିପଦା, (ସବ୍ୟୁ): ଗାଡ଼ି ଲୋନ୍ ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଠକେଇ ସମ୍ପର୍କିତ ଦୁଇଟି ଏକଜିକ୍ୟୁସନ୍ ମାମଲାର ବିଚାର କରି ବାରିପଦା ଜିଲ୍ଲା ଜଜ୍ ସୁଦୀପ୍ତ ଆଚାର୍ଯ୍ୟ ଅଭିଯୁକ୍ତ ଗାଡ଼ି ମାଲିକଙ୍କ ମୟୂରଭଞ୍ଜ ଜିଲ୍ଲାରେ ଥିବା ଜମି ଆଟାଚମେଣ୍ଟ ପାଇଁ ଆଦେଶ ଜାରି କରିଛନ୍ତି। ଏଥିସହ ସୁନ୍ଦରମ ଫାଇନାନ୍ସ ଓ ଚୋଳମଣ୍ଡଳମ ଫାଇନାନ୍ସ କମ୍ପାନୀକୁ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ତାଲିକା ଦାଖଲ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଥାଉକି, ସୁନ୍ଦରମ ଫାଇନାନ୍ସ ଓ ଚୋଳମଣ୍ଡଳମ ଫାଇନାନ୍ସ ପକ୍ଷରୁ ବାରିପଦା କୋର୍ଟରେ ଗାଡ଼ି ଋଣ ନେଇଥିବା ଦୁଇଜଣ ଗାଡ଼ି ମାଲିକଙ୍କ ବିରୋଧରେ ଏକଜିକ୍ୟୁସନ୍ କେସ୍ ନଂ. ୨୦/୨୦୨୫ ଓ ୪୮/୨୦୨୪ ରୁଜୁ କରାଯାଇଥିଲା। ଉକ୍ତ ଦୁଇଟି ମାମଲାର ବିଚାର କରି ଜିଲ୍ଲା ଜଜ୍ ଏହି ଆଦେଶ ଦେଇଛନ୍ତି। ଫାଇନାନ୍ସ କମ୍ପାନୀ ପକ୍ଷରୁ ଓଡ଼ିଶାର ଆଇନ ପରିଚାଳକ ନରେନ୍ଦ୍ର ପଣ୍ଡା, ଅକ୍ଷୟ ସାହୁ ଏବଂ ଆଇନଜୀବୀ ବିଦ୍ୟୁତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

କାର୍ତ୍ତିକ ପୂର୍ଣ୍ଣିମାରେ ମନମୋହିଲା
ବଡକୋଦଣ୍ଡାର ଡେରାବେଶ

ଭଂଜନଗର, (ସବ୍ୟୁ) : କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭଂଜନଗର ବ୍ଲକ ଅନ୍ତର୍ଗତ ବଡକୋଦଣ୍ଡା ଠାରେ ପ୍ରଦର୍ଶିତ ହୋଇଯାଇଛି ବିଶ୍ୱ ପ୍ରସିଦ୍ଧ ଡେରାବେଶ । ବେତ– ବାଉଁଶ– କାଠ ତିଆରି ବିଭିନ୍ନ ଆକୃତିରେ ରଙ୍ଗୀନ୍ କନାରେ ସଜେଇ ବଡ଼ବଡ଼ ବେଶକୁ ଠିଆକରି, ଡେରାଇ ରଖା ଯାଉଥିବାରୁ ଏହାକୁ ଡେରାବେଶ ବୋଲି କୁହାଯାଏ। ବଡକୋଦଣ୍ଡା ଗାଁର ଏହି ବିରଳ ବେଶ, ବର୍ଷରେ ମାତ୍ର ଥରୁଟିଏ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଗାଁ ଦାଣ୍ଡରେ ପ୍ରଦର୍ଶନ କରାଯାଏ । ଯାହାକୁ ଦେଖିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଦେଖିବାକୁ ଆସିଥାନ୍ତି । ଗାଁ ର ଦୁଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ହେଉଥିବା ଏହି ବେଶ ପ୍ରଦର୍ଶନୀ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଦୀର୍ଘବର୍ଷ ଧରି ଏହି ପରମ୍ପରା ଚଳି ଆସୁଛି । ଏହାର କାରିଗର ମାନେ ପ୍ରାୟତଃ ନଥିବା ବେଳେ, ବେଶ ଗୁଡ଼ିକ ବର୍ଷବର୍ଷ ଧରି ସୁରକ୍ଷିତ ଭାବେ ସାଇତି ରଖି ଆସୁଛନ୍ତି । ବର୍ତମାନର ଯୁବପିଢ଼ୀ ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ।

ଶ୍ରୀଅରବିନ୍ଦଙ୍କ ୧୦୧ତମ ସିଦ୍ଧି ଦିବସ ପାଳିତ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ଶ୍ରୀ ଅରବିନ୍ଦପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ସ୍ୱପରିସରରେ ଶ୍ରୀଅରବିନ୍ଦଙ୍କ ୧୦୧ତମ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ପ୍ରାତଃ କାଳରେ ମନ୍ତ୍ରଜପ ଓ ପୂର୍ବାହ୍ନରେମାତୃ ପତାକା ଉତ୍ତୋଳନ ସହ ଶିକ୍ଷାକେନ୍ଦ୍ରର ସଭାପତି ଯୁ. ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ମାତୃପ୍ରେମୀ ଟି.ସୁଦର୍ଶନ ପାତ୍ର ଓ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାଢୀ ଯୋଗଦେଇ ମାର୍ଗ ଦର୍ଶନ କରିବା ସହ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ସିଦ୍ଧିପ୍ରାପ୍ତି ସମ୍ପର୍କେ ଆଲୋକପାତ କରିଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ହରିହର ମହାରଣା ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟତ୍ରୀ ଧରିତ୍ରୀ ମହାପାତ୍ର, ସୋନାଲି ଗୌଡ, ବର୍ଷା ପ୍ରଧାନ, ମଞ୍ଜୁଲତା ପ୍ରଧାନ, ବିଷ୍ଣୁପ୍ରିୟା ସ୍ୱାଇଁ, ଶୃତି ସ୍ୱାଇଁ, ସ୍ନେହଲତା ନାୟକ ଓ ଶିକ୍ଷକ ବାଲ୍ମିକୀ ପାଣି ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରାରମ୍ଭରେ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ନିଖୋଜ

କଣିହାଁ/ରେଙ୍ଗାଳୀ, (ସବ୍ୟୁ) : ବ୍ରାହ୍ମଣୀ ନଦୀରେ ଗାଧୋଇବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଏଭଳି ଅଘଟଣ ଅନୁଗୋଳ ଜିଲ୍ଲା ରେଙ୍ଗାଳି ଥାନା ଅନ୍ତର୍ଗତ ସୁଲେଇପାଳ ଗ୍ରାମ ନିକଟରେ ଘଟିଛି। ନିଖୋଜ ଯୁବକ ହେଲେ ସୁଲେଇପାଳ ନଦୀ ଖଣ୍ଡି ସାହିର ଅନିଲ ରଙ୍ଗତୁଳିଆ(୨୫)। ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ପ୍ରାୟ ୧୨ଘଟିକା ସମୟରେ ଅନିଲ ବ୍ରାହ୍ମଣୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିବାରେ ନଦୀକୂଳରେ ତାଙ୍କ ପୋଷାକ ପଡ଼ିଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ନଦୀରେ ବୁଡ଼ି ନିଖୋଜ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଖବର ପାଇ ରେଙ୍ଗାଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅନ୍ୟପକ୍ଷରେ ରାତି ହୋଇଯାଇଥିବାରୁ ଅନ୍ଧାର ଯୋଗୁଁ ଦମକଳ ବାହିନୀ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ ହୋଇପାରିନାହିଁ। ଆସନ୍ତାକାଲି ସକାଳେ ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯିବ ବୋଲି ଆଶା କରାଯାଉଛି।

କର୍ମ ହିଁ ମଣିଷର ସୁଖ ଓ ଦୁଃଖର କାରଣ

ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ଆଧ୍ୟାତ୍ମିକ ପ୍ରବଚନ

ବାରିପଦା, (ସବ୍ୟୁ) : ମଣିଷର ଜୀବନରେ ସୁଖ ଓ ଦୁଃଖର ମୂଳ କାରଣ ହେଉଛି ତା'ର କର୍ମ। ନିଜ କର୍ମର ଫଳ ମଣିଷକୁ ଭୋଗ କରିବାକୁ ପଡ଼ିଥାଏ। ତେଣୁ ନିଷ୍କାମ କର୍ମ ଓ ଧର୍ମପଥରେ ଜୀବନ ଅତିବାହିତ କରିବା ଉଚିତ ବୋଲି ପବିତ୍ର ଦେବଉତ୍ଥାନ ଏକାଦଶୀ ଅବସରରେ ଆୟୋଜିତ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ୩ ନମ୍ବର ୱାର୍ଡସ୍ଥିତ ସତ୍ସଙ୍ଗ ଭବନ ପରିସରରେ ଅନୁଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ଏହି ଆଧ୍ୟାତ୍ମିକ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମାଜସେବୀ ଶମ୍ଭୁଦୟାଲ ଖଣ୍ଡେଲୱାଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ ଶ୍ରୀମଦ୍ ଭଗବଦ୍ ଗୀତାର କର୍ମଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ମଣିଷର କର୍ମ ହିଁ ତା'ର ସୁଖ ଓ ଦୁଃଖର ଆଧାର ବୋଲି ସେ



ମତବ୍ୟକ୍ତ କରିବା ସହ ଗୀତାରେ ବର୍ଣ୍ଣିତ କର୍ମଯୋଗର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଗରୁଡ଼ ଦ୍ୱାଦଶୀ ଅବସରରେ ଶ୍ରଦ୍ଧାଳୁଙ୍କ ଅନୁରୋଧ କ୍ରମେ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଭାଗବତ ପଣ୍ଡା ସ୍କନ୍ଦ ପୁରାଣ ଆଧାରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ଭାବଗର୍ଭକ ପ୍ରବଚନ ଦେଇଥିଲେ। ଏଥିସହ କାର୍ଯ୍ୟ ଓ କର୍ମ ମଧ୍ୟରେ ଥିବା ପାର୍ଥକ୍ୟ ଏବଂ ଅଦ୍ୱୈତ ଓ ଦ୍ୱୈତବାଦର ଦାର୍ଶନିକ ତତ୍ତ୍ୱ କୁ ସରଳ ଭାବେ ବ୍ୟାଖ୍ୟା କରିଥିଲେ। ଉଭୟ ଦିବସର କାର୍ଯ୍ୟକ୍ରମରେ ସଭାପତି ଡା. ଜେନା ଶ୍ରୀମଦ୍ ଭଗବଦ୍ ଗୀତାରେ ମଣିଷ ଜୀବନର ବିଭିନ୍ନ ସମସ୍ୟାର ସମାଧାନର ସୂତ୍ର ନିହିତ ରହିଛି ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିରଜା ଦେବୀ, ତପନ କୁମାର ପଟ୍ଟନାୟକ, ଉମେଶ ଚନ୍ଦ୍ର ବାରିକ, ଶ୍ରୀହରି ଦାସ, ଗୋପାଳ ଚନ୍ଦ୍ର ଦାସ, ସୁରେଶ କୁମାର ପାଣିଗ୍ରାହୀ, ଗୀତାରାଣୀ ସାହୁ, ଭାସ୍ୱତୀ ପଣ୍ଡା, ଛବିରାଣୀ ସାହୁ, ଅଧ୍ୟାପକ ଗୋପାଳ ଚନ୍ଦ୍ର ସାହୁ, କମଳିନୀ ବେହେରା, ବିଭୂ ମହାଳିକ, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ବିଶ୍ୱଜିତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ



ବ୍ରହ୍ମପୁର, (ସବ୍ୟୁ) : ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର। ଓଡ଼ିଆ ଜାତିର ଗୌରବମୟ ନୌବାଣିଜ୍ୟ ପରମ୍ପରାର ପ୍ରତୀକ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ବହୁ ବର୍ଷ ଧରି ବ୍ରହ୍ମପୁରର କାନୁ ପାତ୍ର ସାହିରେ ଏହି ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ଏହି ଉତ୍ସବରେ ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାର ଯୋଗ ଦେଇଥିଲେ। ସାଧବ ପୁଅଙ୍କ ସାହସିକ ସମୁଦ୍ରଯାତ୍ରା ଓ ଓଡ଼ିଶାର ସମୃଦ୍ଧ ବାଣିଜ୍ୟିକ ଐତିହ୍ୟକୁ ମନେ ପକାଇ ଡଙ୍ଗା ଭସାଇବା ସହ ପରମ୍ପରାକୁ ଉଜ୍ଜୀବିତ ରଖିଥିଲେ ଅଞ୍ଚଳବାସୀ। ଉତ୍ସବକୁ ନେଇ ସାହିରେ ଆନନ୍ଦ ଓ ଉତ୍ସାହର ପରିବେଶ ଦେଖିବାକୁ ମିଳିଥିଲା ।

୧୨ଟି ସୁନା ମୁଦ୍ରା ଜବତ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପଣ୍ଡା କଲୋନୀସ୍ଥିତ ବ୍ଲିଙ୍କିଟ୍ ଗୋଦାମରୁ ୧୨ଟି ସୁନା ମୁଦ୍ରା ଚୋରି ଅଭିଯୋଗରେ ଗୋଦାମରେ କ୍ୟାପଟେନ୍ ଭାବେ କାର୍ଯ୍ୟରତ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ୧୨ଟି ଚୋରି ସୁନା ମୁଦ୍ରା ଜବତ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ଲୋଚାପଡ଼ା ବଡ଼ସାହିର ଏଲ୍. ପ୍ରବୀଣ କୁମାର ପାତ୍ର (୨୪)। କେସ୍ ନଂ ୫୯୪/୨୬ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ରବିବାର ଉକ୍ତ ଗୋଦାମର ଲକରରୁ ୧୨ଟି ସୁନା ମୁଦ୍ରା ଚୋରି ହୋଇଥିବା ନେଇ ବ୍ଲିଙ୍କିଟ୍ ମେନେଜର ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଗୋଦାମରେ କ୍ୟାପଟେନ୍ ଭାବେ କାମ କରୁଥିବା ପ୍ରବୀଣ ଗତ ୧୭ ତାରିଖ ଭୋର ପ୍ରାୟ ୪ଟା ୫୨ ମିନିଟ୍ ସମୟରେ ଚୋରି କରିବା ଉଦ୍ଦେଶ୍ୟରେ ପ୍ରାୟ ୩୦ ମିନିଟ୍ ପାଇଁ ସିସିଟିଭିର ଡିଭିଆର୍ ବନ୍ଦ କରିଦେଇଥିଲେ। ଉକ୍ତ ଅଭିଯୁକ୍ତଙ୍କୁ କାବୁ କରି ଜେରା ସମୟରେ ସେ ଚୋରି ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ୧ ଗ୍ରାମ ଓଜନର ୭ଟି ସୁନା ମୁଦ୍ରା ଉଦ୍ଧାର ହୋଇଥିବା ବେଳେ ଅବଶିଷ୍ଟ ୫ଟି ମୁଦ୍ରା ଇପାରୀ ଜୁଏଲାରୀକୁ ବିକ୍ରି କରିଥିବା ଜଣାପଡ଼ିଥିଲା। ପରେ ପୋଲିସ ଉକ୍ତ ଗହଣା ଦୋକାନରୁ ସେହି ୫ଟି ସୁନା ମୁଦ୍ରା ମଧ୍ୟ ଜବତ କରିଛି। ଫଳରେ ଚୋରି ହୋଇଥିବା ସମସ୍ତ ୧୨ଟି ସୁନା ମୁଦ୍ରା ଉଦ୍ଧାର ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ, ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ବୁଗୁଡ଼ା, (ସବ୍ୟୁ): ଧର୍ମ ମାସ କାର୍ତ୍ତିକର ପୂର୍ଣ୍ଣିମାରେ ବୁଗୁଡ଼ା ଅଞ୍ଚଳର ବାଘୁଆ ନଦୀ ଏବଂ ବିଭିନ୍ନ ପୁଷ୍କରିଣୀରେ ବୋଇତ ବନ୍ଦାଣ ପର୍ବ ପାଳନ ସାଙ୍ଗକୁ ଠାକୁର ଦର୍ଶନ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ବହୁ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଥିଲା । ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ବୁଦ୍ଧଖୋଲ ଗେଟଠାରୁ ମନ୍ଦିର ପର୍ଯ୍ୟନ୍ତ ସ

କେନ୍ଦ୍ରାପଡ଼ା ବାଲିଯାତ୍ରାରେ ବୋଇତ ବନ୍ଦାଣ ଉତ୍ସବ

କେନ୍ଦ୍ରାପଡ଼ା (ସବ୍ୟୁ): ଉତ୍କଳର ନୌବାଣିଜ୍ୟ ପରମ୍ପରା ଓ ସଂସ୍କୃତିର ସ୍ମୃତିରେ ନବମ ବାର୍ଷିକ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆର ଆୟର, ମୁଖ୍ୟ ବକ୍ତା ଭାବରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପା ନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଉଦୟ ଇଣ୍ଡିଆ ପତ୍ରିକାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଦୀପକ କୁମାର ରଥ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, କପାଳେଶ୍ୱର ପଂଚାୟତର ସରପଞ୍ଚ କଳ୍ପନା ମହାନ୍ତି, ସମାଜସେବୀ ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବାଲିଯାତ୍ରାର ଆୟୋଜନକାରୀଙ୍କୁ ଭୂୟସୀ ପ୍ରଶଂସା



କରିଥିଲେ।ମହୋତ୍ସବ କମିଟିର ସମ୍ପାଦକ ଆଇନଜୀବି ସଞ୍ଜୟ କୁମାର ଜେନା ସ୍ୱାଗତ ଭାଷଣ ସହ ବିବରଣୀ ପଠନ କରିଥିବା ବେଳେ ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପତ୍ରିକା ମୁଖ୍ୟ ସମ୍ପାଦକ କରୁଣାକର ଦାସ, ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି ଓ ଧୀରେନ୍ଦ୍ର ଦାସ ପ୍ରମୁଖଙ୍କ ଦ୍ୱାରା ସମ୍ପାଦିତ ପତ୍ରିକା 'ସ୍ମୃତିର ବୋଇତ ' ପତ୍ରିକାର ଶୁଭ ଉନ୍ମୋଚନ କରାଯାଇଥିଲା। ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ବରୁଣ୍ଡେଇରେ ହରି-ହରଙ୍କ ମିଳନପର୍ବ

କୋରେଇ (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର ବଡ଼ ପୋଖରୀ ମଝିରେ ଥିବା ହରି (ନାରାୟଣ) ଓ ପୋଖରୀ କୂଳରେ ଥିବା ହର (ହିରଣ୍ୟେଶ୍ୱର)ଙ୍କର ପବିତ୍ର ମହାମିଳନପର୍ବ ଅ।ହାସ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଯାଇଛି । ଏହି ପବିତ୍ର ମହାମିଳନକୁ ଦର୍ଶନ କରିବା ପାଇଁ ହଜାର ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପୀଠରେ ଏକତ୍ରିତ ହୋଇଥିଲେ । ପବିତ୍ର କାର୍ତିକ ମାସ ଭୀଷ୍ମପଂଚକ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବର୍ଷକରେ ଥରେ ହରିହରଙ୍କର ମିଳନ ହୁଏ । ପ୍ରତେଯକ ସନ୍ଧ୍ୟାରେ ଭଜନ, କିର୍ତନ ଓ ପାଲା ପରିବେଷଣ କରାଯାଇଥିଲା । ଏହି ମିଳନ ଉତ୍ସବରେ ପ୍ରଭୁଙ୍କର କୃପା ଲାଭ କରିବା ପାଇଁ ଭକ୍ତମାନେ ପୋଖରୀ ମଝିରେ ଥିବା ହରିଙ୍କ ଦର୍ଶନ ନିମନ୍ତେ ଏକ ଅସ୍ଥାୟୀ ବାଉଁଶ ଡିଆରି ପୋଲରେ ପୋଖରୀ ମଝିକୁ ଯାଇ ଦିଅଁ ଦର୍ଶନ କରିବା ଏକ ନିଆରା ପରମ୍ପରା ବହୁଦିନରୁ ଚାଲିଆସୁଛି । ଶ୍ରଦ୍ଧାଳୁମାନେ ପଂଚୁକ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ଅସ୍ଥାୟୀ ପୋଲରେ ପୋଖରୀ ମଧ୍ୟକୁ ଯାଇ ହରିଙ୍କୁ ଦର୍ଶନ କରନ୍ତି । ଆଖପାଖ ଅଂଚଳରୁ ୫୦ ଖଣ୍ଡ ଗାଁରୁ ଶ୍ରଦ୍ଧାଳୁମାନେ ଆସି ସେଠାରେ ଯାଇ ହରି ଓ ହରଙ୍କୁ ଦୀପଦାନ କରି ଫେରି କୂଳରେ ପ୍ରସାଦ ସେବନ କରିଥାନ୍ତି । ଆଜି ବହୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ କୋରେଇ ବିଧାୟକ ଆକାଶ ଦାଶନାୟକ, ଯୁବନେତା ପ୍ରକାଶ କୁମାର ଧଳ, ବରୁଣ୍ଡେଇ ସରପଞ୍ଚ ଲିପ୍ସା ପରିଡା, ଅଶୋକ ଦାସ ଫାଉଣ୍ଡେସନର ସଭାପତି ଭବପ୍ରସାଦ ଦାସ, ଡୁଇ ନମ୍ବର ଜୋନର ଜିଲ୍ଲା ପରିଷଦ ଉମା ମାଝି, ପୂର୍ବତନ ସରପଞ୍ଚସୌଭାଗ୍ୟ କୁମାର ମହାନ୍ତପ୍ରମୁଖ ହରି ଓ ହରଙ୍କୁ ଦର୍ଶନ କରିଥିଲେ ।

ସରକାରୀ ମଦ ଦୋକାନ ମାନୁନାହିଁ ନୀତି ନିୟମ

କୁଆଁପାଳ ,(ସବ୍ୟୁ): ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ବଜାର ସ୍ଥିତ ସରକାରୀ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଦୋକାନ ମାନୁ ନାହିଁ ସରକାରଙ୍କ ନୀତି ନିୟମ । ଅବକାରୀ ବିଭାଗ ଦ୍ୱାରା ଧାର୍ଯ୍ୟ ମଦ ଦୋକାନ ଖୋଲିବା ଓ ବନ୍ଦ କରିବା ସମୟ ନିର୍ଘଂଟକୁ ସଂପୃକ୍ତ ବ୍ୟବସାୟୀ ଭ୍ରୁକ୍ଷେପ କରୁନଥିବା ଦେଖାଯାଉଛି । ନିୟମାନୁଯାୟୀ ସକାଳ ସାଢ଼େ୧୦ରୁ ରାତି ସାଢ଼େ ୧୦ ପର୍ଯ୍ୟନ୍ତ ମଦ ଦୋକାନ ବନ୍ଦ କରିବାର ପ୍ରାବଧାନ ରହିଛି । ତେବେ ଉକ୍ତ ଦେଶୀ ମଦ ଦୋକାନ ପରିଚାଳକ ଓ କର୍ମଚାରୀ ପ୍ରତ୍ୟହ ବଢି ଭୋର ସମୟରୁ ମଦ ଦୋକାନ ଖୋଲି ଦୋକାନର ପଛପାର୍ଶ୍ୱ କାଉଂଟର ଖୋଲା ରଖି ଗ୍ରାହକମାନଙ୍କୁ ନିର୍ଭୟରେ ମଦ ବିକ୍ରୟ କରି ଆସୁଥିବାର ଦେଖାଯାଉଛି । ସେହିପରି କେତେକ ନିଶାଡି ଯୁବକଙ୍କୁ କୁଆଁପାଳ ଠାରୁ ମାହାଙ୍ଗା ଥାନାର ବିଭିନ୍ନ ସ୍ଥାନରେ ଥିବା ବେଆଇନ ଚୋର ମଦ ବିକ୍ରେତାଙ୍କ ନିକଟକୁ ନମ୍ବର ପ୍ଲେଟ ନ ଥିବା ବାଇକ ଓ ସ୍କୁଟର ଯୋଗେ ମଦ ଦୋକାନରେ ବିକ୍ରୟ ପାଇଁ ଉଦ୍ଦିଷ୍ଟ ପେଟି ପେଟି ଦେଶୀ ମଦ ଅନାୟସରେ ଚାଲାଣ କାର୍ଯ୍ୟ ସକାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କରାଯାଉଥିଲେ ମଧ୍ୟ ଅବକାରୀ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୋଲିସ ସବୁ ଜାଣି ଦେଖି ନୀରବଦ୍ରଷ୍ଟା ସାଜିବା ଘଟଣା ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପର ପକ୍ଷେ ଉକ୍ତ ଦେଶୀ ମଦ ଦୋକାନ ନିକଟରେ ଏହି ଅଂଚଳର ପୂଜା ସ୍ଥଳ ଭାବେ ଜଣାଶୁଣା ମା ତାରିଣୀ ମନ୍ଦିର,ହନୁମାନ ମନ୍ଦିର,ମହାଦେବ ମନ୍ଦିର ,ମାହାଙ୍ଗା ଜେଏମଏଫ ସିଙ୍କ ଅଦାଲତ,ବିଚାରପତିଙ୍କ ବାସଗୃହ,ଡାକଘର,ହୁଇଟି ବଯାଙ୍କ ,ବ୍ଲକ କାର୍ଯ୍ୟାଳୟ ଓ କଲୋନୀ ,ମହିଳା ମିଶନ ଶକ୍ତି କାର୍ଯ୍ୟାଳୟ ,କୁଆଁପାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର,ବସଷ୍ଟାଣ୍ଡ ,ସିଡିପିଓ କାର୍ଯ୍ୟାଳୟ ଓ ଉପକୋଷାଗାର ପ୍ରଭୃତି ପ୍ରମୁଖ କାର୍ଯ୍ୟାଳୟ ଗୁଡିକ ରହିଥିବା ବେଳେ ନିଶାଡି ମାନଙ୍କ ଆଡ୍ଡା ଅଧିକାଂଶ ସମୟରେ ଲାଗି ରହୁଥିବାରୁ ସାଧାରଣ ଲୋକେ ବିଶେଷ କରି ମହିଳା ଓ ଛାତ୍ରୀ ମାନେ ଏହି ପ୍ରମୁଖ ବଜାର ଓ କାର୍ଯ୍ୟାଳୟ ଗୁଡିକୁ ଯାତାୟତ କରୁଥିବା ବେଳେ ଅନେକ ସମୟରେ ନିଜକୁ ନିରାପଦ ମଣୁନଥିବା ଜଣାଯାଇଛି । ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ଅବକାରୀ ଆୟୁକ୍ତଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଦୃଢ ଦାବୀ ହୋଇଛି ।

ପୁରପଲ୍ଲୀରେ କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗାଭସା

ପାଣିକୋଇଲି,(ସବ୍ୟୁ): ପବିତ୍ର ଧର୍ମ ମାସ କାର୍ତିକ ପୂର୍ଣ୍ଣମା ଓ ପଂଚୁକର ଶେଷ ଦିବସରେ ପୁରପଲ୍ଲୀରେ ପଂଚକ ପାଳନ କରାଯାଇଛି । ସମସ୍ତ ଗ୍ରାମରେ ଲାଗି ରହିଥିବା ପାଞ୍ଚ ଦିନ ଧରି ଭଜନ କିର୍ତନ, ନାମ ଯଜ୍ଞର ଆଜି ଅବସାନ ଘଟିଛି । ପାଣିକୋଇଲି ମା ତାରିଣୀ ମନ୍ଦିରରେ ରାମ ଚରିତ ମାନସ ପରେ ଅଷ୍ଟ ପ୍ରହର ନାମ ଯଜ୍ଞ କରାଯାଇ କାର୍ଯ୍ୟସମୂହ ପ୍ରସାଦ ସେବନ ପରେ ସମାପନ କରାଯାଇଛି । ପ୍ରତ୍ୟୁଷରୁ ସମସ୍ତ ପୋଖରୀ ଓ ଶୈବ ପୀଠରେ ଭିଡ ପରିଲକ୍ଷିତ ହୋଇଛି । ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରେ ସହସ୍ରାଧିକ ଭକ୍ତ ପହଂଚି ଡଙ୍ଗା ଭସାଇଛନ୍ତି । ପରେ ବାବା ଲିଙ୍ଗେଶ୍ୱର ଦର୍ଶନ କରି ଘରକୁ ଫେରିଛନ୍ତି । ଭିଡକୁ ଦେଖି ପାଣିକୋଇଲି ପୁଲିସ ପକ୍ଷରୁ ବଯାପକ ବଯବସ୍ଥା କରାଯାଇଛି । କମିଟି ପକ୍ଷରୁ ତିନିଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଓ ବୈତରଣୀ ବାଲିଯାତ୍ରା ଓ ମୀନାବଜାର ଆୟୋଜିତ କରାଯାଇଥିଲା । ପୂର୍ଣ୍ଣତୋୟା ବୈତରଣୀ ନଦୀ ପଠାରେ ବାଲିଯାତ୍ରା ଅନୁଷ୍ଠିତ ହେବ । ପାଣିକୋଇଲି ପୁଲିସ ପକ୍ଷରୁ ଶାନ୍ତଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସ୍ଥାନୀୟ ବ୍ରଜନଗର ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ରାନ୍ଧି ବାଂଟିଥିଲେ। ପଂଚକ ଅବସରରେ ସମସ୍ତ ଗ୍ରାମରେ ନାମ ସଂକର୍ତନ, ସମୂହ ପ୍ରସାଦ ସେବନ ଆଦି କରାଯାଇଛି । ମା ତାରିଣୀ ମନ୍ଦିରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆମେ ବିପର ସାଥି ପକ୍ଷରୁ ଭକ୍ତମାନଙ୍କ ପାଇଁ ସମସ୍ତ ସୁବଯବସ୍ଥା ଓ ପ୍ରସାଦ ସେବନ କରାଯାଇଥିଲା । ସେହିପରି ଅମୃତିଆ ଗ୍ରାମରେ ନଖୁଆ ପୋଖରୀ ଠାରେ ବୋଇତ ବନ୍ଦାଣ ଉତ୍ସବ କରାଯାଇଥିଲା । ୩ ଦିନ ବଯାପି ଯଜ୍ଞ ଓ ସାଂସ୍କୃତିକ କାଯ୍ୟକ୍ରମ ଚାଲୁ ରହିଛି । ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇଥିଲେ । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବରେ ସାମିଲ ହୋଇଥିଲେ । ପୋଖରୀ ମଧଯରେ ସେଲଫି ପଂଏଟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା ।

ନାଉଗାଁ ମହୋତ୍ସବ-୨୦୨୬ ଉଦଘାଟିତ

ନାଉଗାଁ, (ସବ୍ୟୁ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀ ନଦୀର ଶିଖରଘାଟଠାରେ ଦ୍ୱାଦଶତମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଓ ନାଉଗାଁ ମହୋତ୍ସବ-୨୦୨୬ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଶିଖରଘାଟ ବାଲିଯାତ୍ରାରେ ବିଭିନ୍ନ ବାଣିଜ୍ୟିକ କାରବାର ସହ ସାମାଜିକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମହୋତ୍ସବର ଆକର୍ଷଣକୁ ଦ୍ୱିଗୁଣିତ କରିଛି।ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସାତଜଣ ସାଧବପୁଅ ଓ ସାତଜଣ ସାଧବାଣୀଙ୍କୁ ପାରମ୍ପରିକ ବେଶଭୂଷାରେ ସଜ୍ଜିତ କରାଯାଇଥିଲା। ଏହି ମନୋରମ ଦୃଶ୍ୟ ଦେଖିବା ପାଇଁ ଶିଖରଘାଟରେ ହଜାର ହଜାର ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ହୋଇଥିଲା। ସମଗ୍ର ପରିବେଶ ପାରମ୍ପରିକ ଓ ଆଧ୍ୟାତ୍ମିକ ଭାବଧାରାରେ ମୁଖରିତ ହୋଇଉଠିଥିଲା।ଏହି ଅବସରରେ ପରିଷଦର ସଭାପତି ମହନ୍ତ ମହାରାଜ ଚିନ୍ତାମଣି ପର୍ବତଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାକୁ ରାଧାବଲ୍ଲଭ ମଠ, ପୁରୀର ମଠାଧୀଶ ମହନ୍ତ ଶ୍ରୀ ରାମକୃଷ୍ଣ ଦାଶ ମହାରାଜ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ହରପ୍ରସାଦ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ. ଆଶିଷ କୁମାର ରାଉତରାୟ ଓ ପଞ୍ଚାୟତ ସମିତି ଅଧକ୍ଷା ତୃପ୍ତା ଲେଙ୍କା ଯୋଗଦେଇ



ଆଶିଷ କୁମାର ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।ସଭାରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ପ୍ରାରମ୍ଭିକ ଅଭିଭାଷଣ ରଖିଥିବା ବେଳେ ପରିଷଦର ସମ୍ପାଦକ ସରୋଜ କୁମାର ନାୟକ ପରିଷଦର ଆଭିମୁଖ୍ୟ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ଆଇନଜୀବୀ ବିଷ୍ଣୁ ପ୍ରସାଦ ସ୍ୱାଇଁ ସଭା ପରିଚାଳନା କରିଥିଲେ। ପରିଷଦର ଉପଦେଷ୍ଟା ପ୍ରତାପ କୁମାର ମିଶ୍ର ଓ ସଞ୍ଜୟ କୁମାର ସାହାଣୀ ମଧ ଅଭିଭାଷଣ ରଖିଥିଲେ। ଏହାସହ ନିରଞ୍ଜନ ବେହୁରା, ବିଷ୍ଣୁଚରଣ ସ୍ୱାଇଁ, ନିରଞ୍ଜନ ମହାନ୍ତି, ସୁକାନ୍ତ କୁମାର ଲେଙ୍କା, ଅଧାପକ ବେଣୁଧର ସ୍ୱାଇଁ,ତ୍ରିଲୋଚନ ପାଢ଼ୀ, ହିମାଂଶୁ ମହାନ୍ତି,ଅକ୍ଷୟ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ପରିଷଦର ବାର୍ଷିକ ପତ୍ରିକା 'ଆକାମାବେ' ଅତିଥିମାନଙ୍କ ଦ୍ୱାରା ଶୁଭ ଉନ୍ମୋଚିତ ହୋଇଥିଲା।। ସକାଳେ ବାବା ରାଘବେନ୍ଦ୍ର ଦାସଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିବା ବେଳେ ପୂର୍ବାହ୍ନରେ ସରେଇକୁଳସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ 'ତଅପୋଇ' ନାଟକ ପରିବେଷଣ କରିଥିଲେ।।ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଓ ତିହୁଡ଼ାସ୍ଥିତ ଉତ୍କଳ ଭାରତୀ କଳା ବିକାଶ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅପେରା ଶ୍ରୀ ମନ୍ଦିର ଯାତ୍ରା ଗଣନାଟ୍ୟ ପକ୍ଷରୁ ସାମାଜିକ ନାଟକ ପରିବେଷଣ ମଧ ମହୋତ୍ସବର ଅନ୍ୟତମ ଆକର୍ଷଣ ରହିବ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବା ସହ ପ୍ରତିଦିନ ବିଭିନ୍ନ କଳା, ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ଅନନ୍ତ ବାସୁଦେବ ପୀଠରେ ବାର୍ଷିକ ଉତ୍ସବ ଓ ନାମଯଜ୍ଞ

ପାଣିକୋଇଲି,(ସବ୍ୟୁ): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଂଚାୟତ ଭଗତପୁର ଠାରେ ଜମୁନା ନଦୀକୂଳରେ ବିରାଜିତ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଂଗଣରେ କାର୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀ ଠାକୁରଙ୍କ ବାର୍ଷିକ ଯଜ୍ଞ ତଥା ନାମସଂକ୍ଷିର୍ତନ ଅନୁଷ୍ଠିତ ହୋଇଛି । ୪ଦିନ ବଯାପି କାର୍ଯ୍ୟକ୍ରମ ଯଥାରିତୀ ଅନୁଯାୟୀ କରାଯାଇଛି । ଉକ୍ତ ଉତ୍ସବରେ ଆଖପାଖ ଅଂଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ସଦସଯ ଉପସ୍ଥିତ ରତି ସମୂହ ପ୍ରସାଦ ସେବନ କରାଇବା ଓ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ

ଓଡାସିଂହ ପଞ୍ଚାୟତରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ସାଲେପୁର ,(ସବ୍ୟୁ):ସାଲେପୁର ବ୍ଲକ ଅନ୍ତର୍ଗତ ଓଡାସିଂହ ପଞ୍ଚାୟତରେ ଦୁଇଟି ନୂତନ ପ୍ରକଳ୍ପର ଉଦ୍ଘାଟନ ସହ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତର ସରପଞ୍ଚ ଜ୍ୟୋତିରେଖା ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ପ୍ରଥମେ ବିଧାୟକ ଶ୍ରୀ ବେହେରା ଓଡାସିଂହ ଗ୍ରାମସ୍ଥିତ ପୁରାଣ ପ୍ରସିଦ୍ଧ ଗରୁଡ଼ ମନ୍ଦିରରେ ପହଞ୍ଚି ନବନିର୍ମିତ ମନ୍ଦିରର ମୁଖଶାଳାକୁ ଉଦ୍ଘାଟନ କରିଥିଲେ। ପରେ ପଞ୍ଚାୟତ ସହାୟକ କେନ୍ଦ୍ରର ଶୁଭ ଉଦ୍ଘାଟନ କରିବା ସହ ନୂତନ ଭାବେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ।

କୟାଁଗୋଲାଠାରେ ବୋଇତ ବନ୍ଦାଣ ଉତ୍ସବ

ମଙ୍ଗଳପୁର, (ସବ୍ୟୁ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ କୟାଁଗୋଲା ବୋଇତ ବନ୍ଦାଣ ଉତ୍ସବ ସମିତି ପକ୍ଷରୁ ଆଜି ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ଯାଜପୁର ଜିଲ୍ଲା। ଶେଷ ତଥା କେନ୍ଦ୍ରାପଡ଼ା ଜିଲ୍ଲା କନପୁର ଗାଁ ନିକଟ ପେଟା ନଦୀ ନିକଟରୁ ସାଧବ ପୁଅମାନେ ସାଧବ ବେଶରେ ସୁସଜ୍ଜିତ ଭାବେ ସଜ୍ଜିତ ହୋଇ ଭୁଟୁଭୁଟି ଯୋଗେ ଆସି ବୈତରଣୀ ନଦୀର କୟାଁଗୋଲା ନିକଟରେ ପହଞ୍ଚି ଥିଲେ । ପ୍ରଥମେ ସେଠାରେ ସାଧବାଣୀମାନେ ସାଧବପୁଅ ମାନଙ୍କୁ ବନ୍ଦାପନା କରିଥିଲେ । ଏହାପରେ ସେଠାରେ ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାଧବ ପୁଅ ବୋହୁମାନଙ୍କୁ ସ୍ୱାଗତ କରିବା ପରେ ସେଠାରୁ ନଦୀ ପଥରେ ଇଚ୍ଛାପୁର ଗ୍ରାମକୁ ସାଧବ ସାଧବାଣୀ ମାନେ ଯାଇଥିଲେ । ଇଚ୍ଛାପୁର ଗ୍ରାମରେ ପହଞ୍ଚିବା ପରେ ଇଚ୍ଛାପୁର ଗ୍ରାମବାସୀ ମାନଙ୍କ ପକ୍ଷରୁ ଶତାଧିକ ମହିଳାମାନେ ସାଧବ ପୁଅମାନଙ୍କୁ ହୁଳହୁଳି, ଶଙ୍ଖ ବାଜା ବଜାଇ ସ୍ୱାଗତ



କରିବା ସହ ବନ୍ଦାପନା କରିଥିଲେ ।ସେଠାରୁ ପୁଣି ଥରେ କମାରଡ଼ିହି ପଞ୍ଚାୟତର ବଳରାମ ପୁର ଗାଁକୁ ସାଧବ ପୁଅ ମାନେ ନଦୀପଥରେ ଯାଇଥିଲେ । ବଳରାମ ପୁର ଗାଁରେ ମଧ ମହିଳାମାନେ ସାଧବ ପୁଅମାନଙ୍କୁ ହୁଳହୁଳି, ଶଙ୍ଖ ବାଜା ବଜାଇ ସ୍ୱାଗତ କରିଥିଲେ । ଏହାପରେ କୟାଁଗୋଲା ବୋଇତ ବନ୍ଦାଣ ଉତ୍ସବ ସମିତି ପକ୍ଷରୁ ଆଜି ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ଯାଜପୁର ଜିଲ୍ଲା। ଶେଷ ତଥା କେନ୍ଦ୍ରାପଡ଼ା ଜିଲ୍ଲା କନପୁର ଗାଁ ନିକଟ ପେଟା ନଦୀ ନିକଟରୁ ସାଧବ ପୁଅମାନେ ସାଧବ ବେଶରେ ସୁସଜ୍ଜିତ ଭାବେ ସଜ୍ଜିତ ହୋଇ ଭୁଟୁଭୁଟି ଯୋଗେ ଆସି ବୈତରଣୀ ନଦୀର କୟାଁଗୋଲା ନିକଟରେ ପହଞ୍ଚି ଥିଲେ । ପ୍ରଥମେ ସେଠାରେ ସାଧବାଣୀମାନେ ସାଧବପୁଅ ମାନଙ୍କୁ ବନ୍ଦାପନା କରିଥିଲେ । ଏହାପରେ ସେଠାରେ ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାଧବ ପୁଅ ବୋହୁମାନଙ୍କୁ ସ୍ୱାଗତ କରିବା ପରେ ସେଠାରୁ ନଦୀ ପଥରେ ଇଚ୍ଛାପ

ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦଯାପିତ

ବାଲୁଗାଁ,(ସବ୍ୟୁ):ବାଲୁଗାଁ ଚିଲିକା କୂଳ ଠାରେ ୨ ଦିନ ବ୍ୟାପି ଆୟୋଜିତ ଚିଲିକା ବୋଇତ ବନ୍ଦାଣ ଉତ୍ସବ ୨୦୨୬ ମଙ୍ଗଳବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଓଡିଶା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟବକ୍ତା ବିଶ୍ୱମୁକ୍ତି ସମ୍ପାଦକ ଡ. ଶଶାଙ୍କ ଚୂଡ଼ାମଣୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ ପ୍ରମୁଖ ଯୋଗ ଦେଇ ଚିଲିକାର ଐତିହ୍ୟ, ସଂସ୍କୃତି ଏବଂ ବାଣିଜ୍ୟ ପରମ୍ପରାକୁ ସ୍ମୃତି ଚାରଣ କରିବା ସହ ବୋଇତ ବନ୍ଦାଣ ପ୍ରାଚୀନ ସମୟର ବୀର ନାବିକଙ୍କ ପ୍ରତି ଏହା ଏକ ଶ୍ରଦ୍ଧାଞ୍ଜଳି ବୋଲି ମତବ୍ୟକ୍ତ କରିଥିଲେ । ଏହି ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାଲୁଗାଁ ଏନ ଏ ସି ଅଧକ୍ଷା ସୁକାନ୍ତି ପାଇକରାୟ, ସଭାପତି ଦୁଷ୍ମନ୍ତ ହରିଚନ୍ଦନ ମଞ୍ଚରେ ଉପସ୍ଥିତ ଥିଲେ । ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଖୋର୍ଦ୍ଧା ଜିଲ୍ଲା ଉନ୍ନୟନ ନିବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ । ଡ. ମୃତ୍ୟୁଞ୍ଜୟ ରଥ



ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ନଗରପାଳ ମିଟୁ ନାୟକ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ବାଲୁଗାଁ ଏନ ଏ ସି ଉପାଧକ୍ଷ ଭଗବାନ ପ୍ରଧାନ, ମହୋତ୍ସବ କମିଟି କାର୍ଯ୍ୟକାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ଅଧାପକ ଡକଫର କୈଳାଶ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ସଭା କାର୍ଯ୍ୟ ପରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମୁଗ୍ଧ କରିଥିଲା ।

ଜମି କିଣାବିକାକୁ ନେଇ ଗଣ୍ଡଗୋଳ, ଜଣେ ଆହତ

ବଳଙ୍ଗା ,(ସବ୍ୟୁ) :ଜମି କିଣାବିକାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟି ଜଣଙ୍କ ମୁଣ୍ଡ ଫାଟିଛି । ଏନେଇ ଉଭୟ ପକ୍ଷରୁ ପରସ୍ପର ବିରୋଧରେ ଥାନାରେ ୨ଟି ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ୩ଟି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ବଳଙ୍ଗା ଗ୍ରାମର ପ୍ରମୋଦ ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସୋମବାର ପୂର୍ବାହ୍ନରେ ସାଇକେଲ ଯୋଗେ ଦଣ୍ଡିପୁର ଯାଉଥିଲା ବେଳେ ବାୟବର ପେଟ୍ରୋଲ ପମ୍ପ ଠାରେ ଏହି ଥାନା ଅନ୍ତର୍ଗତ ତେରହଳ ପାଟଣା ଗ୍ରାମର ସୁରେନ୍ଦ୍ର ପ୍ରଧାନ ଓ ତାଙ୍କ ପୁଅ ଦେବେନ୍ଦ୍ର ପ୍ରଧାନ ଅଟକାଇ ପ୍ରମୋଦଙ୍କ ମୋବାଇଲ ଓ ସାଇକେଲ ଛଡ଼ାଇ ନେଇଥିଲେ । ପ୍ରମୋଦ ପ୍ରତିବାଦ କରିବାରୁ ବାପ ପୁଅ ଧରିଥିବା ଲୁହା ରଡ଼ରେ ଆକ୍ରମଣ କରିବାରୁ ପ୍ରମୋଦଙ୍କ ମୁଣ୍ଡ ଫାଟି ଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି । ସେହିଭଳି ପ୍ରମୋଦ ଗୋପୀନାଥପୁର ମୌଜାରେ ଥିବା ଜଣେ ବ୍ୟକ୍ତିଙ୍କର ଏକ ଜମିକୁ ସୁରେନ୍ଦ୍ରଙ୍କୁ ବିକ୍ରି କରିବା କହି ସୁରେନ୍ଦ୍ରଙ୍କ ଠାରୁ ୨ଲକ୍ଷ ଟଙ୍କା ନେଇଥିଲେ । ତେବେ ପରବର୍ତ୍ତୀ ସମୟରେ ପ୍ରମୋଦ ସୁରେନ୍ଦ୍ରଙ୍କୁ ଧରା ଛୁଆଁ ଦେଉନଥିଲେ । ଏନେଇ ସୁରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପ୍ରମୋଦ ନେଇଥିବା ଟଙ୍କା ଫେରସ୍ତ କରିବା ପାଇଁ ରାଜି ହୋଇଥିଲେ । ପରେ ସୁରେନ୍ଦ୍ର ଯେତେ ଫୋନ କଲେ ସୁଦ୍ଧା ପ୍ରମୋଦ ଫୋନ ଉଠାଉ ନଥିଲେ । ସୋମବାର ଦିନ ପ୍ରମୋଦ ସାଇକେଲରେ ଯାଉଥିବା ବେଳେ ପେଟ୍ରୋଲ ପମ୍ପ ଠାରେ ସୁରେନ୍ଦ୍ର ଓ ତାଙ୍କ ପୁଅ ହାବୁଡ଼ରେ ପଡ଼ିଥିଲେ । ସେମାନେ ପ୍ରମୋଦକୁ ଟଙ୍କା ଫେରସ୍ତ ମାଗିବାରେ ପ୍ରମୋଦ କୋଉ ଟଙ୍କା ମୁଁ ଜାଣିନି ବୋଲି କହିବା ସହ ବାପ ପୁଅକୁ ଗାଳି ଗୁଲଜ କରି ଧମକ ଦେଇଥିଲା । ଫଳରେ ଉଭୟଙ୍କ ପେଲା ଠେଲା ହେବାରୁ ପ୍ରମୋଦ ତଳେ ପଡିଯିବାରୁ ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା ବୋଲି ସୁରେନ୍ଦ୍ର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

ଲଡୁବାବାଙ୍କ ଦୁର୍ଲଭ କୈଳାସ ପର୍ବତ ଉତ୍ପାଟନ ବେଶ

ଶରଣକୁଳ,(ସବ୍ୟୁ): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶରଣକୁଳରେ ଅଧିଷ୍ଠିତ ପ୍ରଭୁ ଲଡୁବାବା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଦୁର୍ଲଭ କୈଳାସ ପର୍ବତ ଉତ୍ପାଟନ ବା ରାବଣ ବେଶରେ ମଙ୍ଗଳବାର ସନ୍ଧ୍ୟାରେ ଦର୍ଶନ ଦେଇଛନ୍ତି । କାର୍ତ୍ତିକ ପୂର୍ଣ୍ଣିମାର ଭୋରରେ ନଦୀ ପୋଖରୀରେ ବୋଇତ ବନ୍ଦାଣ ପରେ ଏହି ଅନନ୍ୟ ବେଶରେ ପ୍ରଭୁ ଲଡୁବାବାଙ୍କ ଦର୍ଶନ ପାଇଁ ଭକ୍ତମାନେ ଆନନ୍ଦର ସହ ଅପେକ୍ଷାରେ ରହିଥାନ୍ତି । କିମ୍ବଦନ୍ତୀ ଅନୁସାରେ, ମହାନ ଶୈବଭକ୍ତ ଲଙ୍କପତି ରାବଣ ଦେବ ଦେବ ମହାଦେବଙ୍କୁ ସର୍ବଦା ପାଖରେ ରଖି ପୂଜାର୍ଚ୍ଚନା କରିବା ନିମନ୍ତେ ଏକ କାମନା ଲିଙ୍ଗକୁ ଲଙ୍କାକୁ ନେବାକୁ ଇଚ୍ଛାରେ କୈଳାସ ପର୍ବତ ସହ ଲିଙ୍ଗକୁ ଉତ୍ପାଟନ କରି ନେବାପାଇଁ ପ୍ରଚେଷ୍ଟା କଲା । କିନ୍ତୁ ରାବଣର ଏପରି ଅତ୍ୟଧିକ ଅହଂକାର ଓ ଔଦ୍ଧତ୍ୟରେ ଅତିଷ୍ଠ ହୋଇ ବାବା ନିଜ ପାଦର ବୃଦ୍ଧାଙ୍ଗୁଳିରେ କୈଳାଶ ପର୍ବତକୁ ସ୍ପର୍ଶ କରିବାରୁ ରାବଣର ଇଚ୍ଛାପୂର୍ତ୍ତି ପ୍ରଚେଷ୍ଟାରେ ଅସଫଳ ହୋଇ ପ୍ରଭୁଙ୍କୁ ସଙ୍ଗରେ ଲଙ୍କାକୁ ନେଇ ପାରିନଥିଲା । ସେହି ଘଟଣାର ପ୍ରତୀକସ୍ୱରୂପ ପ୍ରତିବର୍ଷ କାର୍ତ୍ତିକ ପର୍ଣ୍ଣିମାରେ ପ୍ରଭୁ ଲଡୁବାବାଙ୍କ ଏହି ସ୍ୱତନ୍ତ୍ର ବେଶରେ ଭକ୍ତଗଣଙ୍କୁ ଦର୍ଶନ ଦେଇଥାନ୍ତି । ଅନ୍ୟ ପକ୍ଷରେ ଶିବ ପୁରାଣ ଅନୁସାରେ ଶୈବଭକ୍ତମାନେ ବାବାଙ୍କର ଏହି ବେଶକୁ କୈଳାଶ ଉତ୍ପାଟନ ବେଶ ବୋଲି କହିଥାନ୍ତି । ସେହିପରି ପବିତ୍ର ପଞ୍ଚକର ଶେଷ ଦିନ ତଥା ରାସପୂର୍ଣ୍ଣମୀରେ ମନ୍ଦିର ବେଢାରେ ଥିବା ଜଗନ୍ନାଥ ମନ୍ଦିରେର ଅଧିଷ୍ଠିତ ପ୍ରଭୁ ଜଗନ୍ନାଥ, ବଡଠାକୁର ବଳଭଦ୍ର ଏବଂ ଭଉଣୀ ସୁଭଦ୍ରା କାଞ୍ଚି ଅଭିଯାନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଦୂରଦୁରାନ୍ତରୁ ଆସିଥିବା ବହୁ ଭକ୍ତ ବାବାଙ୍କ ଦର୍ଶନ ଲାଭକରି କୃପାଭିକ୍ଷା କରିଥିଲେ । ମନ୍ଦିର ପରିଚାଳକ ସୁବାଷ ଚନ୍ଦ୍ର ବରାଡଙ୍କ ତତ୍ତାବଧାନରେ ମନ୍ଦିରର ସମସ୍ତ ସେବାସୀ ପ୍ରଭୁଙ୍କ ସମସ୍ତ ନୀତି ସୁଚାରୁ ରୂପେ ସମ୍ପର୍ଣ୍ଣ କରିଥିଲେ ।



କାର୍ତ୍ତିକ ପୂର୍ଣ୍ଣିମା ତଥା ପଞ୍ଚୁକ ଶେଷ ଦିନରେ ପ୍ରବଳ ଭିଡ଼କୁ ଲକ୍ଷ୍ୟ ରଖି ମନ୍ଦିର ଭିତରେ ବାହାରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଶରଣକୁଳ ଥାନା ଅଧିକାରୀ ଅନିତା ସାହୁ କହିଛନ୍ତି ।

ପିର ଯାହାନିଆ ବାଲିଯାତ୍ର ଆରମ୍ଭ

ଅଷ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ସର୍ବଧର୍ମ ସମନ୍ୱୟ ପୀଠ ଯାହାନିଆ ବାବା ସତ୍ୟପୀରଙ୍କ ପୀଠରୋ ବାଲିଯାତ୍ରା ମଙ୍ଗଳବାର ସକାଳୁ ଆରମ୍ଭ ହୋଇଛି । ବହୁ ଶ୍ରଦ୍ଧାଳୁ ନିକଟ ବଙ୍ଗୋପ ସାଗରରେ ଡ଼ଙ୍ଗା ଭସାଇ ପୀରବାବାଙ୍କୁ ଦର୍ଶନ କରି ଥିଲେ । ହଜାର ହଜାର ଭକ୍ତ ଙ୍କ ଗହଳିକୁ ଅନୁଭବ ଜାରି ସ୍ଥାନୀୟ ସରକାରି ପ୍ରଶାସନ ତରଫରୁ ଯାତ୍ରୀମାନଙ୍କ ନିମନ୍ତେ ସମସ୍ତ ସୁବିଧା ଯୋଗାଇ ଦିଆ ଯାଇଥିଲା । ସକାଳ ୮ଟାରେ ନିକଟ ନଦୀରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ଆରତୀ ନାଏକ, ଅଷ୍ତରଙ୍ଗ ବ୍ଲକ ବିଡ଼ିଓ ପ୍ରଭୁତି ଉଦଘାଟନ କରିଥିଲେ । ଏଥିଲେ ସରପଞ୍ଚ ସମିତିସଭ୍ୟଙ୍କ ସମେତ ବେଳାଭୂମୀ ସାହିତ୍ୟ ସଂସଦର ସମ୍ପାଦକ ଦୁଃଶାସହ ନାୟକ, ସଂଯୋଜକ ଶୋଭାକର ବେହେରା, ଏମ ପି ପ୍ରତିନିଧି ଦିବାକର ଛାଟୋଇ, ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ ବେଳାଭୂମି ଯଜ୍ଞ ଅନୁଷ୍ଠାନ ତରଫରୁ ଏକ ସୋଭାଯାତ୍ରା କରାଯାଇ ଯଜ୍ଞ ସ୍ଥାନ କୁ ଯିବାପରେ ସେଠାରେ ଯଜ୍ଞର ଘୃତା ହୂତି ସହ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା । କଂଗ୍ରେସ ଦଳ ତରଫରୁ ସୁରେନ୍ଦ୍ର ନାୟକ, ବାଉରୀ ବନ୍ଧୁ ମହାନ୍ତି, ପ୍ରତାପ ଖୁଣ୍ଟିଆ, ଇରାକ ପତ୍ର ଓ ଦିବ୍ୟାଙ୍କି ଦାସ ଙ୍କ ଦାରା ଶୁଷ୍କ ଖାଦ୍ୟ ବଣ୍ଟନ, ବିର୍ଭିଣ୍ଡ ଅନୁଷ୍ଠାନ ତରଫରୁ ପାନୀୟ ଜଳ ବଣ୍ଟନ,ଆଦି ଜନ ହିତକର କାର୍ଯ୍ୟକ୍ରମ ଯାତ୍ରା ପଡିଆରେ ଦେଖିବାକୁ ମିଳିଥିଲା ।ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଧକ୍ଷ ସଓ୍ୱାଧୀନ କୁମାର ନାୟକଙ୍କ ସମେତ ବହୁ ଶୁଭେଚ୍ଛୁ ପିର ବାବାଙ୍କୁ ଦର୍ଶନ କରି ଆଶିବଦ ଭିକ୍ଷା କରିଥିବା ବେଳେ, ପୂର୍ବତନ ବିଧାୟକ ସୁର ସେଠିଙ୍କ ସହ ରିଙ୍କୁ ବିଶ୍ୱାଳ ଆଦି ମେଳା ପଡିଆରେ ମଧ ଉପସ୍ଥିରହି ଥିବାର ଦେଖିବାକୁ ମିଳିଥିଲ ।।

ସୁନାମୁହଁ ଘାଟରେ ବୋଇତ ବନ୍ଦାଣ

ଭୁବନେଶ୍ୱର(ସବ୍ୟୁ):ନିଆଳୀ ।ପବିତ୍ର ପ୍ରାଚୀନଦୀର ନିଆଳୀସ୍ଥ ସୁନାମୁହିଁଘାଟଠାରେ ମଙ୍ଗଳବାର ସନ୍ଧ୍ୟାରେ ବାବା ବଳିଆଙ୍କ ପ୍ରବର୍ତ୍ତିତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଶେଷହୋଇଛି । ଇତିହାସ କୁହେ ଏଇ ସୁନାମୁହିଁ ଘାଟରୁବାଣିଜଯ ସକାଶେ ବୋଇତ ସବୁ ଜାଭା,ବୋର୍ଣ୍ଣିଓ ଓ ଶ୍ରୀଲଙ୍କା ପର୍ଯ୍ୟନ୍ତ ଯାଉଥିଲା ।ପଣ୍ୟଦ୍ରବ୍ୟସବୁ ବୋଝେଇ କରୁକରୁ ସାଧାରଣତ ସନ୍ଧ୍ୟା ହୋଇଯାଉଥିଲା । ଆକାଶରେ ପୂର୍ଣ୍ଣଚନ୍ଦ୍ର ଦେଖି ସାଇବାଣୀମାନେ ସାଧବମାନଙ୍କ ସହିତ ବୋଇତରୁ ବନ୍ଦାପନା କରୁଥିଲେ । ସେହିଐତିହାସିକ ତଥ୍ୟକୁ ପାଥେୟକରି, ଏବେ ବି କିଛି ବର୍ଷ ହେଲା, ନିଆଳୀ ପ୍ରାଚୀପ୍ରାଚ୍ୟ ଚକ୍ର ଅନୁଷ୍ଠାନ କାର୍ତ୍ତିକ ପୂର୍ଣ୍ଣିମୀର ସଂଧ୍ୟାରେ ବୋଇତ ବନ୍ଦାଣ ପର୍ବ ହୋମ ଯଜ୍ଞ ସହପାଳନ କରୁଛି । ଅନୁଷ୍ଠାନର ସଭାପତି ସାହିତ୍ୟିକ ଡକଫର ତ୍ରିନାଥ ପଟ୍ଟନାୟକ ପ୍ରଥମେ ନୌବାଣିଜଯ ପରଂପରା ବିଷୟରେ କିଛି କଥା ରଖିଥିଲେ ।ତାପରେ ସଂଘର ଭାଇ ଭଉଣୀମାନଙ୍କ ଦ୍ୱାରା ହୋମ ,ଯଜ୍ଞ, ନୌକାପୂଜା କରିଥିଲେ ।ସୁଲକ୍ଷଣୀ ନାରୀମାନେ ହୁଳହୁଳି ସହ ବୋଇତ ବନ୍ଦାପନା କରି ପ୍ରାଚୀନଦୀର ପବିତ୍ର ଜଳଧାରା



ନୌକାକୁ ଭସାଇଥିଲେ । ଉପସ୍ଥିତ ଭାଇମାନେ ସହଯୋଗ କରିଥିଲେ । ସଂଘର ବରିଷ୍ଠ ସଭଯ ଛାୟାପୂରବୀ ଦେହାନ୍ତ ହୋଇଯାଇଥିବାରୁ ତାଙ୍କର ଅନୁପସ୍ଥିତିକୁ ସମସ୍ତେ ଅନୁଭବ କରି ଶୋକପ୍ରକାଶ କରିଥିଲେ । ଉକ୍ତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ରେ ଡାଃ ଅଧିରାଜ ପରିଡା,ଡାକ୍ତର ଚିତ୍ତରଞ୍ଜନ ମିଶ୍ର, ସାମ୍ବାଦିକ ନାରାୟଣ ବେହେରା,ସାହିତ୍ୟିକ କାର୍ତ୍ତିକ ଷଡଙ୍ଗୀ , ଲେଖିକା ପୁଷ୍ପା ପରିଡା ପ୍ରଭୃତି ବୋଇତ ବନ୍ଦାଣ ବିଷୟରେ ଆଲୋଚନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ ନିରଞ୍ଜନ ସିଂହ ଉପେନ୍ଦ୍ର ଜେନା, କବିତା ସାହୁ ,ସନାତନ ମହହାନ୍ତି, ଶିକ୍ଷାବିତ ଦିଲ୍ଲାପ ମହାନ୍ତି, ଗଙ୍ଗାଧର ଷଡଙ୍ଗୀ ଅତୁଲମହାରଣା ଓ ଗୁଣନିଧି ଭୋଇପ୍ରଭୃତି ଯୋଗଦାନ କରିଥିଲେ ।।

ଚୁଡ଼ଙ୍ଗଗଡ଼ର ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଆହ୍ୱାନ

ବାରଙ୍ଗ ,(ସବ୍ୟୁ): : ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ । କେବଳ ମନୋରଞ୍ଜନ ନୁହେଁ, ବରଂ ଅଞ୍ଚଳର ଗୌରବମୟ ଐତିହ୍ୟ, ସଂସ୍କୃତି ଓ ଇତିହାସକୁ ଲୋକଲୋଚନକୁ ଆଣିବା ସହ ଏହାର ସଂରକ୍ଷଣ ଓ ବିକାଶ ପାଇଁ ସାମୂହିକ ଉଦ୍ୟମର ଆହ୍ୱାନ ଦେଇ ମଙ୍ଗଳବାର ନବମ ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି । ଉତ୍ସବରେ ଯୋଗଦେଇ ଅତିଥିମାନେ ଚୁଡ଼ଙ୍ଗଗଡ଼ର ଐତିହାସିକ ଗୁରୁତ୍ୱ ସହ ବାରଙ୍ଗ ଅଞ୍ଚଳର ସାମଗ୍ରିକ ବିକାଶ ଓ ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଉପରେ ମତ ରଖିଥିଲେଉତ୍ସବରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇଥିଲେ ।ବେ ମହୋତ୍ସବର ଆୟୋଜକ ଓ ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଚୁଡ଼ଙ୍ଗଗଡ଼ ଓଡ଼ିଶା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି କହିବା ସହ ଏହାର ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଭାରତର ଆର୍ଥିକ ଅଗ୍ରଗତି ଓ ବିଶ୍ୱସ୍ତରରେ ଭାରତୀୟଙ୍କ ବଢୁଥିବା ସମ୍ମାନ ସମ୍ପର୍କରେ ମଧ ସେ ନିଜ ମତ ରଖିଥିଲେ । ବାରଙ୍ଗର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବା ସହ ଆଗାମୀ ଦିନରେ ମହୋତ୍ସବକୁ ଆହୁରି ବ୍ୟାପକ କରିବାକୁ ସେ ଆହ୍ୱାନ ଦେଇଥିଲେ ।ମୁଖ୍ୟବକ୍ତା ଐତିହାସିକ ଗବେଷକ ଅନିଲ ଧୀର ଚୁଡ଼ଙ୍ଗଗଡ଼ ଓ ପ୍ରାଚୀ ଉପତ୍ୟକାର ଅନାଲୋଚିତ ଇତିହାସ ଉପରେ ଆଲୋକପାତ କରିଥିଲ ।ସମ୍ମାନିତ ଅତିଥି ଭାବେ ଅଭିନେତା ଅରିନ୍ଦମ ରାୟ ଓ ତପନ ବଳିୟାରସିଂହ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବସନ୍ତ କୁମାର ମହାପାତ୍ର, ରାମଚନ୍ଦ୍ର ଦାସଙ୍କ ସମେତ ଅନ୍ୟ ଅତିଥି ଓ ଆୟୋଜକମାନେ ଉପସ୍ଥିତ ଥିଲେ ।ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ଆୟୋଜିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ କଳା ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ ।

ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ପାଳିତ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ଛକ ନିକଟସ୍ଥ ମନ୍ଦାକିନୀ ନଦୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲ୍ଲାପ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସକାଳ ସମୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସାଧବ ବୋହୁମାନେ ବନ୍ଦାପନା କରିଥିଲେ । ଏହା ପରେ ସାଧବ ସାତପୁଅ ବୋଇତ ନେଇ ନୌବାଣିଜ୍ୟ ଉଦ୍ଦେଶ୍ୟରେ ମନ୍ଦାକିନୀ ନଦୀରେ ବୋଇତ ଭସାଇ ଯାତ୍ରା କରିଥିଲେ, ଯାହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଇତିହାସକୁ ମନେ ପକାଇ ଦେଇଥିଲା ।ଏହି କାର୍ଯ୍ୟକ୍ରମରେ ସଭାପତି ଦିଲ୍ଲାପ କୁମାର ଶ୍ରୀଚନ୍ଦନଙ୍କ ସମେତ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, ସମାଜସେବୀ ଡ. ସଞ୍ଜୟ କୁମାର ପଟ୍ଟନାୟକ, ସମାଜସେବୀ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ଅଧକ୍ଷା ରିଙ୍କା ମାନ୍ଧାତା, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଯୁବ ନେତା ରଞ୍ଜିତ ଜଗଦେବ, ସମିତି ସଭ୍ୟ ରମେଶ ବିଶ୍ୱାଳ, ବୋଇତ ବନ୍ଦାଣ କମିଟି ସମ୍ପାଦକ ତଥା ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ, ବରିଷ୍ଠ ନେତା ବିପିନ କୁମାର ଜୟସିଂହ, ସମାଜସେବୀ ବଳରାମ ଲେଙ୍କା, ଯୁବନେତା କୃଷ୍ଣ ଚନ୍ଦ୍ର ନରେନ୍ଦ୍ର,ସମାଜସେବୀ ପ୍ରଭାତ କୁମାର ସଓ୍ୱାଇଁ, ଏବଂ ଅଭିନେତ୍ରୀ ପ୍ରିୟା ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ ।କାର୍ଯ୍ୟକ୍ରମକୁ କମଳେଶ ମହାରଣା ସୁଚାରୁ ରୂପେ ପରିଚାଳନା କରିଥିଲେ । ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦ ଖଣ୍ଡ ଗ୍ରାମପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧି, ଯୁବବର୍ଗ ଏବଂ ଶତାଧିକ ମହିଳା ଓ ପୁରୁଷ ଏହି ଉତ୍ସବରେ ସାମିଲ ହୋଇଥିଲେ । ବୋଇତ ବନ୍ଦାଣ ଅବସରରେ ରାମେଶ୍ୱର ମନ୍ଦାକିନୀ ପରିସରରେ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା ।

ବୈଦ୍ୟେଶ୍ୱର ତ୍ରିକୂଟ ତୀର୍ଥ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବାଙ୍କୀ,(ସବ୍ୟୁ): ବୈଦ୍ୟେଶ୍ୱର ତ୍ରିକୂଟ ତୀର୍ଥ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ତଥା ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ତଥା ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ଡଃ ଦେବାଶିଷ ପଟ୍ଟନାୟକ ,ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ସମାଜସେବୀ ସୌମେନ୍ଦ୍ର ଜେନା ଓ ସମ୍ମାନିତ ଅତିଥି ଭାବେ ଆସୋସିଏଟ ପ୍ରଫେସର ତଥା ବିଶିଷ୍ଟ କ୍ରୀଡ଼ାବିତ ଡଃ ସ୍ୱିତ କୁମାର ପଟ୍ଟନାୟକ, ସମାଜସେବ

ସମ୍ପାଦକୀୟ

ଚୀନର ବିଶାଳ ନଦୀବନ୍ଧ ଯୋଜନା

ଅରୁଣାଚଳ ପ୍ରଦେଶର ସୀମାରେ ବାରେଲିଠାରେ ଚୀନର ବିଶାଳ ଏକ ନଦୀବନ୍ଧ ନିର୍ମାଣ ଯୋଜନା ତଥା ୬୦ ଜିଡବଲ୍ୟୁ ଜଳ ବିଦ୍ୟୁତ ପ୍ରକଳ୍ପ ଦ୍ରୁତଗତିରେ ଆଗେଇ ଚାଲିଛି । ଦିଲ୍ଲୀ ଆଇଆଇଟିରେ ଆର୍ଥସାଏନସ ପରୀକ୍ଷାଗାର ପ୍ରଭୃତିର ସୂଚନା ଅନୁଯାୟୀ ଚୀନର ୟାରଲୁଙ୍ଗ ସାଙ୍ଗପୋ ନଦୀକୁ ଭିତ୍ତି କରି ଏହି ବିଶାଳ ପ୍ରକଳ୍ପ ଆଗେଇ ଚାଲିଛି । ସିଆଙ୍ଗଠାରେ ଏହି ନଦୀ ଭାରତ ମଧ୍ୟକୁ ପ୍ରବେଶ କରିଛି । ଚୀନର ଏପରି ବିଶାଳ ପ୍ରକଳ୍ପ ଦ୍ୱାରା ୧୧,୨୦୦ ମେଗାୱାଟ ବିଷୟରେ ଭାରତ ଚିନ୍ତା କରିଥିବା ସିଆଙ୍ଗ ଅଗର ମଲଟି ପରପୋସ ପ୍ରକଳ୍ପ (SUMP), ଚୀନର ଜଳ ନିଷ୍କାସନ ଦ୍ୱାରା ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଉଭୟ ଅରୁଣାଚଳ ଓ ଆସାମପ୍ରତି ଚୀନର ଏହି ବିଶାଳ ପ୍ରକଳ୍ପ ବିପଦ ସୃଷ୍ଟି କରିପାରେ ବୋଲି ମଧ୍ୟ କୁହାଯାଉଛି ।

ଅତୀତରେ ଭାରତ ଓ ଚୀନ ମଧ୍ୟରେ ତିକ୍ତ-ମଧୁର ସମ୍ପର୍କ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ସହ ଚୀନର ସମ୍ପର୍କ ଷାଠିଏ ଦଶକରେ ବୃଦ୍ଧି ପାଇଥିଲା । 'ଭାରତ-ଚୀନ ଭାଇ ଭାଇ' ବୋଲି ଧ୍ୱନି ଭାରତରେ ଶୁଣାଯାଉଥିଲା ସେତେବେଳେ । ମାତ୍ର ନେହରୁଙ୍କ 'ପଞ୍ଚଶୀଳ' ନୀତିକୁ ଚୀନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା । ୧୯୬୨ ଅକ୍ଟୋବର ୨୦ ତାରିଖରୁ ୧୯୬୨ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚୀନ ଓ ଭାରତ ମଧ୍ୟରେ ଯୁଦ୍ଧ ଚାଲିଥିଲା । ଏହି ଯୁଦ୍ଧ ପାଇଁ ଭାରତ କୁଆଡ଼େ ପ୍ରସ୍ତୁତ ନଥିଲା । ଭାରତ ଓ ଚୀନ ମଧ୍ୟରେ ହିମାଳୟ ସୀମାନ୍ତରେ ସୀମା ବିବାଦକୁ କେନ୍ଦ୍ରକରି ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ଲଦାଖ (ଅକ୍‌ସାଇ ଚୀନ) ଆଡୁ ଚାଇନା ଭାରତ ଉପରେ ଅତର୍କିତ ଆକ୍ରମଣ ସେତେବେଳେ ଆରମ୍ଭ କରିଥିଲା ।

> **ଏହା ସତ୍ତ୍ୱେ ଚୀନ-ଭାରତ ମଧ୍ୟରେ ସୁସମ୍ପର୍କ ରହିଛି ଓ ରହି ନାହିଁ ବୋଲି କୁହାଯାଇପାରେ । ଏକଦା ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ଚୀନ ଭାରତଠାରୁ ଆଗୁଆ ଥିଲା । ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ମାତ୍ର ଭାରତକୁ 'ନୂତନ ଭାରତ'ରେ ପରିଣତ କରି ଆଗାମୀ ୨୦୪୭ରେ ଭାରତ ଯେତେବେଳେ ତାହାର ଜନ୍ମ ଶତବାର୍ଷିକ ପାଳନ କରିବ, ସେତେବେଳେ ବିକାଶଶୀଳ ଭାରତ 'ବିକଶିତ ଭାରତ'ରେ ପରିଣତ ହେବା ଲାଗି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସଙ୍କଳ୍ପ ଭାରତକୁ ଆଗେଇ ନେଇପାରିବ ବୋଲି ଆଶା କରାଯାଉଛି । କାରଣ ଆତ୍ମନିର୍ଭରଶୀଳ ଭାରତ ଏବେ ଖେଳନା ଉତ୍ପାଦନ କ୍ଷେତ୍ରରେ ଚୀନଠାରୁ ଆଗରେ ରହିଛି । ସେହିପରି ଟେଲିଫୋନ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଭାରତ ଆଗୁଆ ରହିଛି । ଚୀନର ଆଧିପତ୍ୟ ବିସ୍ତାରକୁ ଅନ୍ୟାନ୍ୟ ରାଷ୍ଟ୍ରମାନେ କେଉଁ ଦୃଷ୍ଟିରେ ଦେଖୁଛନ୍ତି, ସେ ବିଷୟରେ ଅଧିକରୁ ଅଧିକ ଆଲୋଚନା ହେଉ ।**

ବିଗତ ୧୯୫୫ରେ ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟନେହରୁ ପ୍ରଥମେ ଚାଇନା ଗସ୍ତରେ ଯାଉଥିଲେ । ତାହାର ଦୀର୍ଘ ୩୪ ବର୍ଷ ପରେ ୧୯୮୯ରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ (ଏବେ ସ୍ୱର୍ଗରେ) ମଧ୍ୟ ଚୀନ ଗସ୍ତରେ ଯାଇଥିଲେ । ଏହା ପରେ, ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୨୫ରେ ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ସାଂଘାଇ କୋଅପରେସନ ଅରଗାନାଇଜେସନର ଶିଖର ସମ୍ମିଳନୀରେ ଯୋଗଦେବା ବାଟରେ ମଧ୍ୟ ସେ ଚୀନ ଗସ୍ତ କରିଥିଲେ । ଅବଶ୍ୟ ଏହା ପୂର୍ବରୁ ୨୦୧୮ରେ ପ୍ରଧାନମନ୍ତ୍ରୀ ମୋଦିଜୀ ପ୍ରଥମ ଥର ଲାଗି ଚୀନ ଗସ୍ତରେ ଯାଇଥିଲେ । ୨୦୨୦ରେ ଉଭୟ ଭାରତ ଓ ଚୀନ ମଧ୍ୟରେ ସୀମାବିବାଦକୁ ନେଇ ଉଭୟ ରାଷ୍ଟ୍ର ମଧ୍ୟରେ କିଛିଟା ମନୋମାଳିନ୍ୟ ସୃଷ୍ଟି ହୋଇଥିଲା । ମାତ୍ର ଏହାର ପାଞ୍ଚବର୍ଷ ପରେ ଅର୍ଥାତ୍ ୨୦୨୫ରେ ଉଭୟ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇଥିଲା ବୋଲି ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ପ୍ରକାଶ କରିଥିଲେ । ଉଭୟ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ସ୍ଥାପିତ ହୋଇଛି ଏବଂ ବିମାନ ଚଳାଚଳ ମଧ୍ୟ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଥିଲେ ।

ଏହା ସତ୍ତ୍ୱେ ଚୀନ-ଭାରତ ମଧ୍ୟରେ ସୁସମ୍ପର୍କ ରହିଛି ଓ ରହି ନାହିଁ ବୋଲି କୁହାଯାଇପାରେ । ଏକଦା ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ଚୀନ ଭାରତଠାରୁ ଆଗୁଆ ଥିଲା । ଏହା ଆମକୁ ସ୍ୱୀକାର କରିବାକୁ ପଡ଼ିବ । ମାତ୍ର ଭାରତକୁ 'ନୂତନ ଭାରତ'ରେ ପରିଣତ କରି ଆଗାମୀ ୨୦୪୭ରେ ଭାରତ ଯେତେବେଳେ ତାହାର ଜନ୍ମ ଶତବାର୍ଷିକ ପାଳନ କରିବ, ସେତେବେଳେ ବିକାଶଶୀଳ ଭାରତ 'ବିକଶିତ ଭାରତ'ରେ ପରିଣତ ହେବା ଲାଗି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ସଙ୍କଳ୍ପ ଭାରତକୁ ଆଗେଇ ନେଇପାରିବ ବୋଲି ଆଶା କରାଯାଉଛି । କାରଣ ଆତ୍ମନିର୍ଭରଶୀଳ ଭାରତ ଏବେ ଖେଳନା ଉତ୍ପାଦନ କ୍ଷେତ୍ରରେ ଚୀନଠାରୁ ଆଗରେ ରହିଛି । ସେହିପରି ଟେଲିଫୋନ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଭାରତ ଆଗୁଆ ରହିଛି । ଚୀନର ଆଧିପତ୍ୟ ବିସ୍ତାରକୁ ଅନ୍ୟାନ୍ୟ ରାଷ୍ଟ୍ରମାନେ କେଉଁ ଦୃଷ୍ଟିରେ ଦେଖୁଛନ୍ତି, ସେ ବିଷୟରେ ଅଧିକରୁ ଅଧିକ ଆଲୋଚନା ହେଉ ।

ସମ୍ପାଦକୀୟ ପୃଷ୍ଠା ପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ ।
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟ ଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଡିଜିଟାଲ ଆରେଷ୍ଟ, ସୁପ୍ରିମକୋର୍ଟଙ୍କ ଚେତାବନୀ



ଅଭୟ ଦ୍ୱିବେଦୀ

'ଅତୀତରେ ଆମେ ଏହି ବିଷୟ ଉପରେ ଗୁରୁତ୍ୱାରୋପ କରିଛୁ ଯେ ପ୍ରତ୍ୟେକ ଆର୍ଥିକ ସଂସ୍ଥା ପାଇଁ ପ୍ରତିରୋଧମୂଳକ ବ୍ୟବସ୍ଥା ବାଧତାମୂଳକ ହେବା ଆବଶ୍ୟକ। ଉଦାହରଣସ୍ୱରୂପ, କୌଣସି ଗ୍ରାହକଙ୍କ ଖାତାରେ ତାଙ୍କ ପୂର୍ବବର୍ତ୍ତୀ କାରବାରର ଧାରା ଓ ଇତିହାସର ସଂପୂର୍ଣ୍ଣ ବିପରୀତ ଯଦି ଅସ୍ୱାଭାବିକ ଧରଣର ଅର୍ଥ ନେଣଦେଣ ଉଦ୍ୟମ ହୁଏ, ତାହାକୁ ସାମୟିକ ଭାବେ ସ୍ଥଗିତ ରଖିବା, ସ୍ୱୟଂଚାଳିତ ପଦ୍ଧତିରେ ଥାନାକୁ ଖବର ଦେବା, ସଂପୃକ୍ତ କାରବାରର ବାସ୍ତବତା ଯାଞ୍ଚ କରାଯିବା ପରି ପ୍ରତ୍ୟେକ ଆର୍ଥିକ ସଂସ୍ଥା ଏହିଭଳି କେତେକ ପଦକ୍ଷେପ ଅବଲମ୍ବନ କରିବାକୁ ବାଧ ହେବା ଉଚିତ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରସ୍ତାବିତ ନିୟାମକ ବ୍ୟବସ୍ଥା ଏବଂ ଆମ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଯେପରି ତୁରନ୍ତ କାର୍ଯ୍ୟକାରୀ ହୁଏ, ତାହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆମେ ରିଜର୍ଭ ବ୍ୟାଙ୍କକୁ ଆହୁରି ନିର୍ଦ୍ଦେଶ ଦେଉଛୁ ଯେ, ପରବର୍ତ୍ତୀ ଶୁଣାଣୀ ଦିନ ସମସ୍ତ ଅନୁମୋଦିତ ଆର୍ଥିକ ସଂସ୍ଥାର ତାଲିକା ନ୍ୟାୟାଳୟରେ ଦାଖଲ କରିବେ।' ଚଳିତ ବର୍ଷ ଅକ୍ଟୋବର ୨୯ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଡିଜିଟାଲ ଆରେଷ୍ଟ ଠକେଇ ସଂପର୍କିତ ଏକ ସ୍ୱତଃପ୍ରବୃତ୍ତ (Suo Moto) ମାମଲାର ଶୁଣାଣୀ କରି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥି ସହିତ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି - ' ଆମେ ଗୁରୁତର ସହ କହିବାକୁ ଚାହୁଁଛୁ, ଯଦି କୌଣସି ଆର୍ଥିକ ସଂସ୍ଥା ପକ୍ଷରୁ ଯଥାଯଥ ସତର୍କତା ଓ ଆବଶ୍ୟକୀୟ ଯାଂଚ ପାଳନରେ ବିଫଳତା ଯୋଗୁଁ ଡିଜିଟାଲ ଆରେଷ୍ଟ ବା ଅନ୍ୟ କୌଣସି ସାଇବର ଠକେଇ ଘଟିଥିବା ପ୍ରମାଣିତ ହୁଏ, ତେବେ ସଂପୃକ୍ତ ଆର୍ଥିକ ସଂସ୍ଥା, ପାଡ଼ିତ ଗ୍ରାହକଙ୍କୁ କ୍ଷତିପୂରଣ ଦେବାକୁ ବାଧ ହେବ- ଏହା ରିଜର୍ଭ ବ୍ୟାଙ୍କ ତରଫରୁ ପ୍ରସ୍ତାବିତ ନିୟାମକ ବ୍ୟବସ୍ଥାରେ ବାଧତାମୂଳକ ଭାବେ ସୁନିଶ୍ଚିତ କରାଯିବା ଉଚିତ। ଏହି କ୍ଷତିପୂରଣର ପରିମାଣ ଗ୍ରାହକ ହରାଇଥିବା ଅର୍ଥର ପରିମାଣ ସହ ସମାନ ବା ତାହା ଠାରୁ କମ୍ ହେବା ଉଚିତ ନୁହେଁ।'

ସୁପ୍ରିମକୋର୍ଟଙ୍କର ଏହି ନିର୍ଦ୍ଦେଶନାମା ଡିଜିଟାଲ ଆରେଷ୍ଟର ଭୟାବହତା ଓ ଭୟଙ୍କର ପରିମାଣ ସଂପର୍କରେ ସୂଚନା ଦିଏ। ସରକାରୀ ତଥ୍ୟ ଅନୁଯାୟୀ ୨୦୨୨ ମସିହାରୁ ୨୦୨୬ ମସିହା ମେ' ମାସ ପର୍ଯ୍ୟନ୍ତ ପ୍ରାୟ ତିନି ଲକ୍ଷ ବ୍ୟକ୍ତି ଚାରି ହଜାର କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ମୁମ୍ବାଇର ଜଣେ ବ୍ୟବସାୟୀଙ୍କ ଠାରୁ ସର୍ବବୃହତ ଠକେଇର ପରିମାଣ ହେଉଛି ୫୮ କୋଟି ୧୩ ଲକ୍ଷ ୫୦ ହଜାର ଟଙ୍କା। ୨୦୨୫ ମସିହା ଅଗଷ୍ଟ ୧୯ ତାରିଖରୁ ଅକ୍ଟୋବର ୮ ତାରିଖ ମଧ୍ୟରେ ବ୍ୟାଙ୍କ ମାଧ୍ୟମରେ ସେ ଏତେ ପରିମାଣର ଟଙ୍କା ହସ୍ତାନ୍ତର କରିଥିଲେ। ପ୍ରତି ଥର ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଯାଇଥିଲା ଏବଂ ଏହା ପୂର୍ବରୁ ତାଙ୍କ ବ୍ୟାଙ୍କ ଖାତାରେ ଏତେ ବଡ଼ ପରିମାଣ କେବେ କାରବାର ହୋଇ ନ ଥିଲା। ତଥାପି ବ୍ୟାଙ୍କ କର୍ତ୍ତୃପକ୍ଷ ଏହି କାରବାରକୁ ନେଇ ସନ୍ଦେହ ପ୍ରକଟ କରି ନ ଥିଲେ। ଯଦି ଅଗଷ୍ଟ ମାସର ପ୍ରଥମ ଦଫାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ସଜାଗ ହୋଇଯାଇଥାନ୍ତେ, ତେବେ ଅପରାଧୀମାନେ ଆଉ ସାହସ ପାଇ ନ ଥାନ୍ତେ।

ଏହି ଅପରାଧର ମୂଳ ଆଧାର ହେଉଛି ଭୟ। ବ୍ୟକ୍ତି ଯେତେ ଭୟଭୀତ ହୁଅନ୍ତି, ଅପରାଧୀ ସେତେ ଅଧିକ ଶକ୍ତି ପାଆନ୍ତି। ଅପରାଧୀମାନେ ପ୍ରଥମେ ଶିକାର ସଂପର୍କରେ ଟିକିନିଖି ତଥ୍ୟ ସଂଗ୍ରହ କରନ୍ତି; ଆର୍ଥିକ ସ୍ୱଚ୍ଛଳତା, ସାମାଜିକ ସଂପର୍କ ଏବଂ ବ୍ୟକ୍ତିତ୍ୱର ପରାକାଷ୍ଠା। ପ୍ରଥମେ ଫୋନ୍ କରି ତାଙ୍କ ନାମରେ ଆର୍ଥିକ ଅନିୟମିତତା ସଂପର୍କରେ ସୂଚନା ଦିଅନ୍ତି। ପରେ ନକଲି ଇଡ଼ି, ସିବିଆଇ ଆଦି ତଦନ୍ତକାରୀ ସଂସ୍ଥା ସହିତ ଭିଡ଼ିଓଫୋନ୍ ମାଧ୍ୟମରେ କଥା କରାଇଦିଅନ୍ତି। ଏପରିକି ଜାମିନ ନମିଳିବା ସଂପର୍କରେ ଅଦାଲତରେ ଜଜ୍‌ଙ୍କର ନକଲି ଭିଡ଼ିଓ ମଧ୍ୟ ଦେଖାନ୍ତି। ସିନେମାର ସେଟ୍ ଭଳି ସବୁକିଛି ସତ ଲାଗେ। କାହାରି ସହିତ ଯୋଗାଯୋଗ ନ ରଖିବା ପାଇଁ ଅପରାଧୀମାନେ ବ୍ୟକ୍ତିଙ୍କୁ ଏମିତି ଧମକାଇ ରଖିଥାଆନ୍ତି ଯେ, ସେ ସେଥିରୁ ଓହରିବା ପାଇଁ ସାହସ କୁଳାଇ ପାରନ୍ତି ନାହିଁ। ତା' ପରେ ଅର୍ଥଶୋଷଣ ଆରମ୍ଭ ହୁଏ। ବିଡ଼ମ୍ବନା, ଶିକ୍ଷିତ ଏବଂ ସ୍ୱାଭାବିକ ଭାବେ ବିତ୍ତଶାଳୀ ବ୍ୟକ୍ତିମାନେ ହିଁ ଏହି ଅପରାଧର ଶିକାର ହୋଇଥାଆନ୍ତି। ଠକେଇର ଶିକାର ହୋଇଥିବା ବ୍ୟବସାୟୀ ମହାରାଷ୍ଟ୍ର ସାଇବର ପୋଲିସରେ ୨୦୨୫ ଅକ୍ଟୋବରରେ ଅପରାଧ ସଂପର୍କରେ ଅଭିଯୋଗ କରିଥିଲେ। ସାଇବର ପୋଲିସ ଏହି ମାମଲାର ତଦନ୍ତ କରି ଅକ୍ଟୋବର ୧୭ ତାରିଖରେ ସାତ ଜଣଙ୍କୁ ଗିରଫ କରିବା ସହ ଦୁଇ କୋଟି ଟଙ୍କା ଉଦ୍ଧାର କରିଥିଲେ। ସେମାନେ ୬୫୦୦ ବେନାମୀ/ନକଲି ଆକାଉଣ୍ଟର ସନ୍ଧାନ ପାଇଥିଲେ। ନଭେମ୍ବର ୧୨ ତାରିଖରେ ପ୍ରକାଶିତ ତଦନ୍ତ ରିପୋର୍ଟରେ ଅପରାଧୀମାନେ ଅନ୍ତର୍ଜାତୀୟ ଅପରାଧ ଗ୍ୟାଙ୍ଗର ଏକ ଅଂଶ ବୋଲି ଉଲ୍ଲେଖ ରହିଛି। ଏହି ଅପରାଧର ଭୟଙ୍କର ଦିଗ ହେଉଛି ଅପରାଧୀମାନେ ପାଡ଼ିତଙ୍କ ଅର୍ଥ ଲୁଟିବା ପୂର୍ବରୁ ସେମାନଙ୍କ ବିଚାରଶକ୍ତି ଅପହରଣ କରିନିଅନ୍ତି।

ମାନ୍ୟବର ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶନାମାରେ ସାଧାରଣ ଜନତାଙ୍କସମେତ ଏହି ଅପରାଧ ନିମନ୍ତେ ବ୍ୟାଙ୍କ, ରାଜ୍ୟ ପୁଲିସ, ହ୍ୱାଟସ୍‌ଆପ୍‌ର ମେଟା କଂପାନୀକୁ ଦାୟୀ କରିଛନ୍ତି। ଗଣମାଧ୍ୟମରେ ଏତେ ସତର୍କ ସୂଚନା ସତ୍ତ୍ୱେ, ଯଦି ଶିକ୍ଷିତ ବ୍ୟକ୍ତିମାନେ ଠକେଇ ସଂପର୍କରେ ସଚେତନ ନ ହେବେ, ତେବେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏ ସଂପର୍କରେ ସୁପ୍ରିମକୋର୍ଟ ସ୍ପଷ୍ଟ ଶବ୍ଦରେ କହିଛନ୍ତି - 'ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ କେହି ଜଣେ ମୋବାଇଲ ଫୋନରେ ଆପଣଙ୍କୁ ଆରେଷ୍ଟ କରାଗଲା ବୋଲି କହିଲେ, ଆପଣ ବିଶ୍ୱାସ କରୁଛନ୍ତି କିପରି ? ମୋବାଇଲ ଫୋନ୍‌ରେ କ'ଣ କାହାକୁ ଆରେଷ୍ଟ କରାଯାଇପାରେ? ସେ ସମୟରେ ଆପଣ ଧୀରସ୍ଥିର ଚିତ୍ତରେ ପରିସ୍ଥିତିକୁ ବିଶ୍ଳେଷଣ କରୁନାହାନ୍ତି କାହିଁକି?' ତେଣୁ ଏହି ଅପରାଧରେ ପାଡ଼ିତମାନଙ୍କର ଭୂମିକା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ଏହି ଅପରାଧକୁ ରୋକିବାରେ ରିଜର୍ଭ ବ୍ୟାଙ୍କର ଭୂମିକାକୁ ମଧ୍ୟ ସୁପ୍ରିମକୋର୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କର ପ୍ରସ୍ତାବିତ KNOW YOUR CUSTOMER (KYC) AMENDMENT DIRECTIONS, 2026 ଉପରେ ବିଚାର କରିବା ପାଇଁ ସୁପ୍ରିମକୋର୍ଟ ସ୍ଥିର କରିଛନ୍ତି ଏବଂ ସେଥିରେ କିଛି ନୂତନ ଧାରା ଯୋଡ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିରେ ପ୍ରତିରୋଧମୂଳକ ବ୍ୟବସ୍ଥା ଏବଂ ପାଡ଼ିତଙ୍କ କ୍ଷତିପୂରଣ ବ୍ୟବସ୍ଥା ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ ତାଙ୍କ ନିର୍ଦ୍ଦେଶନାମାରେ ବ୍ୟାଙ୍କର ଭୂମିକା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। କାରଣ ଅପରାଧୀମାନେ ଘରେ ପଡ଼ି ଲୁଟତରାଜ କରୁନାହାନ୍ତି, ସେମାନେ ବ୍ୟାଙ୍କ ମାଧ୍ୟମରେ ଟଙ୍କା ଆଦାୟ କରି ନେଉଛନ୍ତି। ତେଣୁ ଏହି କ୍ଷେତ୍ରରେ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଅର୍ଥ ସୁରକ୍ଷିତ ରହିବ - ଏହି ଆଶାରେ ଗ୍ରାହକ ବ୍ୟାଙ୍କରେ ଖାତା ଖୋଲନ୍ତି। କିନ୍ତୁ ବ୍ୟାଙ୍କ ଯଦି ଅର୍ଥ ସୁରକ୍ଷା ଦାୟିତ୍ୱରେ ଅବହେଳା କରେ, ସେଥି ନିମନ୍ତେ କ୍ଷତିପୂରଣ ଦେବାକୁ ବାଧ। ଦ୍ୱିତୀୟତଃ ଜଣେ ପାଡ଼ିତଙ୍କ ଅର୍ଥ ଗୋଟିଏ ବ୍ୟାଙ୍କରୁ ଅନ୍ୟ ଏକ ବ୍ୟାଙ୍କର ଖାତାକୁ ଯାଉଛି; ଯାହା ମୁଖ୍ୟତଃ ବେନାମୀ ଆକାଉଣ୍ଟ । ମହାରାଷ୍ଟ୍ର ସାଇବର ପୋଲିସ ତଦନ୍ତ ସମୟରେ ୬୫୦୦ ଏହିଭଳି ଆକାଉଣ୍ଟର ସନ୍ଧାନ ପାଇଥିଲେ। ଆମ ଦେଶରେ ସମୁଦାୟ ୧୨୮ଟି ବ୍ୟାବସାୟିକ ବ୍ୟାଙ୍କର ୧,୬୮,୦୦୦ ଶାଖା ରହିଛି। ସାରା ଦେଶରେ ଏହିଭଳି କେତେ ବେନାମୀ/ନକଲି ଆକାଉଣ୍ଟ ଥିବ, ତାହା ସହଜରେ ଆକଳନ କରାଯାଇପାରେ। ବ୍ୟାଙ୍କର ପ୍ରଥମ ଦାୟିତ୍ୱ ହେଉଛି ଏହିଭଳି ଆକାଉଣ୍ଟକୁ ଚିହ୍ନଟ କରି ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।

ପ୍ରତ୍ୟେକ ବ୍ୟାଙ୍କ ଶାଖାର ପ୍ରତିଟି ଗ୍ରାହକଙ୍କର ଅର୍ଥ ନେଣଦେଣର ଇତିହାସ ରହିଥାଏ; ଯାହାକୁ ଆମେ ସ୍ୱାଭାବିକ କାରବାର ଭାବେ ଗଣତି କରିପାରିବା। କିନ୍ତୁ ଡିଜିଟାଲ ଆରେଷ୍ଟ ସମୟରେ ଯେଉଁ ଅର୍ଥ କାରବାର ହୁଏ, ତାହା ସାଧାରଣ ପରିମାଣଠାରୁ ବହୁ ଅଧିକ। ସ୍ୱୟଂଚାଳିତ ପ୍ରକ୍ରିୟାରେ ବ୍ୟାଙ୍କ ତାହା ଚିହ୍ନଟ କରିବା ଆବଶ୍ୟକ। ତାହା ପୁଣି ଗୋଟିଏ ଥରରେ ସମାପ୍ତ ହୁଏ ନାହିଁ। ବାରମ୍ବାର, ଏପରିକି ମାସାଧିକାଳ ଚାଲିଥାଏ। ତେଣୁ ଏହି ସମୟରେ ବ୍ୟାଙ୍କ ଯଦି ସତର୍କତା ଏବଂ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତେ, ତେବେ ଅପରାଧ ଆଉ ସମ୍ଭବ ହୁଅନ୍ତା ନାହିଁ। ତେଣୁ ସୁପ୍ରିମକୋର୍ଟ ବ୍ୟାଙ୍କ ଉପରେ ଗୁରୁଦାୟିତ୍ୱ ଅର୍ପଣ କରି ନିର୍ଦ୍ଦେଶ ଦେଇଛନ୍ତି - ଯଦି ବ୍ୟାଙ୍କର ସତର୍କତା ଓ ସୁରକ୍ଷା ବ୍ୟବସ୍ଥାର ଅବହେଳାରୁ ପାଡ଼ିତ ଠକେଇର ଶିକାର ହୁଅନ୍ତି, ତେବେ ବ୍ୟାଙ୍କ ସମସ୍ତ ଅର୍ଥ କ୍ଷତିପୂରଣ ବାବଦକୁ ପ୍ରଦାନ କରିବେ। ଏହାର ମୁଖ୍ୟ କାରଣ ହେଉଛି- ଜଣେ ଗ୍ରାହକ ବିଶ୍ୱାସରେ ହିଁ ବ୍ୟାଙ୍କରେ ଅର୍ଥ ଜମା କରିଥାନ୍ତି। ତେଣୁ ତାହାର ସୁରକ୍ଷା ଦାୟିତ୍ୱ ବ୍ୟାଙ୍କ ଉପରେ ନ୍ୟସ୍ତ ରହିବା ସ୍ୱାଭାବିକ।

ଏହି ଅପରାଧକୁ ରୋକିବାରେ ରିଜର୍ଭ ବ୍ୟାଙ୍କର ଭୂମିକାକୁ ମଧ୍ୟ ସୁପ୍ରିମକୋର୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କର ପ୍ରସ୍ତାବିତ Know Your Customer (KYC) Amendment Directions, 2026 ଉପରେ ବିଚାର କରିବା ପାଇଁ ସୁପ୍ରିମକୋର୍ଟ ସ୍ଥିର କରିଛନ୍ତି ଏବଂ ସେଥିରେ କିଛି ନୂତନ ଧାରା ଯୋଡ଼ିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିରେ ପ୍ରତିରୋଧମୂଳକ ବ୍ୟବସ୍ଥା ଏବଂ ପାଡ଼ିତଙ୍କ କ୍ଷତିପୂରଣ ବ୍ୟବସ୍ଥା ସ୍ପଷ୍ଟ ଭାବରେ ଉଲ୍ଲେଖ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣୀ ସମୟରେ ହ୍ୱାଟସ୍‌ଆପ୍ ଜବାବ ରଖିଥିଲେ ଯେ ୯୪୦୦ ସନ୍ଦେଜନକ ଆକାଉଣ୍ଟ ଚିହ୍ନଟ କରାଯାଇ ବନ୍ଦ କରାଯାଇଛି ଏବଂ ଅପରାଧ ପ୍ରକ୍ରିୟାକୁ ରୋକିବା ପାଇଁ ନୂତନ ସଫ୍ଟୱେୟାର ପ୍ରସ୍ତୁତ କରାଯାଉଛି। ଅପରାଧର ମୂଳକୁ ପ୍ରବେଶ କରି ଅପରାଧୀଙ୍କ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଶ୍ୱ...

ବିଷୟ। ଉଭୟ ଦେଶ ମଧ୍ୟରେ ଏହି ସମ୍ପର୍କ ଆହୁରି ମଜଭୁତ ହେଲେ ଭବିଷ୍ୟତରେ ଅନେକ ନୂତନ ସମ୍ଭାବନା ସୃଷ୍ଟି ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବାଲିଯାତ୍ରା ଆଜି ବିଶ୍ୱସ୍ତରରେ ପରିଚିତି ହାସଲ କରିଥିବାରୁ ଆଗାମୀ ଦିନରେ ଏହା ନିଶ୍ଚିତ ଭାବେ ୟୁନେସ୍କୋର ମାନ୍ୟତା ହାସଲ କରିବ ବୋଲି ରାଷ୍ଟ୍ରପତି ଦୃଢ଼ ଆଶାବ୍ୟକ୍ତ କରିଥିଲେ।

ଆଠଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମ ସହ ବ୍ୟାପକ କିଣାବିକା ହେବାର ଆଶା ରହିଛି। ଲୋକେ ବାଲିଯାତ୍ରାରେ ବୁଲିବା ସହ କଟକର ପ୍ରସିଦ୍ଧ ଦହିବରା ଆଳୁଦମ୍‌ର ମଜା ନେବେ। ତେବେ ମେଳାର ଆନନ୍ଦ ଉପଭୋଗ କରିବା ସହ ପରିବେଶର ସ୍ୱଚ୍ଛତା ବଜାୟ ରଖିବାକୁ ରାଷ୍ଟ୍ରପତି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସ୍ୱଚ୍ଛତା ହିଁ ସଭ୍ୟତାର ପରିଚୟ ବୋଲି ଉଲ୍ଲେଖ କରି ସମସ୍ତେ ନିଜ ନିଜର ଦାୟିତ୍ୱ ପାଳନ କରିବା ଉଚିତ ବୋଲି ସେ କହିଥିଲେ।

ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଥିଲେ ଯେ, ଚଳିତ ବର୍ଷର ବାଲିଯାତ୍ରା ଏକ ନୂଆ ଇତିହାସ ରଚନା କରିଛି। ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଏହି ବୃହତ୍ ବାଣିଜ୍ୟ ମେଳାର ଉଦ୍‌ଘାଟନ କରିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ରାଷ୍ଟ୍ରପତିଙ୍କ ଉପସ୍ଥିତି ଏହି ମହୋତ୍ସବକୁ ଦିବ୍ୟତା ଓ ଭବ୍ୟତା ପ୍ରଦାନ କରିଛି। ନୌବାଣିଜ୍ୟ ସହ କଟକ ସହରର ସମ୍ପର୍କ ବହୁ ପ୍ରାଚୀନ। ଆମ ପୂର୍ବପୁରୁଷ ଓଡ଼ିଆ ସାଧବମାନେ ସାହସ, ଦକ୍ଷତା ଓ ବାଣିଜ୍ୟିକ ପ୍ରତିଭା ବଳରେ ସମୁଦ୍ର ପାର ହୋଇ ବିଭିନ୍ନ ଦେଶ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ। ଓଡ଼ିଆ ଜାତିର ଶକ୍ତି, ସମୃଦ୍ଧି ଓ ବିଶ୍ୱସ୍ତରୀୟ ପରିଚୟର ପ୍ରମାଣ ହେଉଛି ବାଲିଯାତ୍ରା। ସେହିପରି କଟକର ଐତିହାସିକ ତାରକସି ଶିଳ୍ପ ମଧ୍ୟ ଆଜି ବିଶ୍ୱବିଖ୍ୟାତ ବୋଲି ସେ କହିଥିଲେ।

କଟକର ସାମଗ୍ରିକ ବିକାଶ ରାଜ୍ୟ ସରକାରଙ୍କ ପ୍ରାଥମିକତାରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହୋଇସାରିଛି ଏବଂ ଖୁବ୍‌ଶୀଘ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପ ରୂପାୟନ ହେଲେ ମହାନଦୀ କୂଳର ସୌନ୍ଦର୍ଯ୍ୟ ବୃଦ୍ଧି ସହ ପର୍ଯ୍ୟଟନ ଓ ଆର୍ଥିକ କାର୍ଯ୍ୟକଳାପକୁ ନୂଆ ଦିଗ ମିଳିବ। ସେହିପରି ଏସ୍‌ସିବି ମେଡିକାଲ କଲେଜର ନୂତନ କୋଠା ଆଉ କିଛି ମାସ ମଧ୍ୟରେ ଉଦ୍‌ଘାଟିତ ହେବାକୁ ଯାଉଛି। ୧୮୦୦ ଶଯ୍ୟା ବିଶିଷ୍ଟ ଏହି ନୂତନ କୋଠା କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଅନେକ ରୋଗୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ।

ଏହାବ୍ୟତୀତ ବାରବାଟୀ ଷ୍ଟାଡିୟମର ଆଧୁନିକୀକରଣ ଓ ନବକଳେବର ପାଇଁ ଯୋଜନା ହୋଇଛି। ଏଠାରେ ୬୦ ହଜାରରୁ ଅଧିକ ଦର୍ଶକ ବସି ଖେଳ ଉପଭୋଗ କରିପାରିବା ଭଳି ରୂପରେଖ ପ୍ରସ୍ତୁତ ହୋଇଛି। କଟକର ବିକାଶ ପାଇଁ ମୋଟ ୨୦ଟି ବୃହତ୍ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିସହ କଟକକୁ ଏକ ସେମିକଣ୍ଡକ୍ଟର ହବ୍ ଭାବେ ଗଢ଼ିତୋଳିବା ପାଇଁ ବାରଙ୍ଗର ରାମଦାଶପୁର ଅଞ୍ଚଳରେ ୬୫୦ ଏକର ଜମି ଚିହ୍ନଟ ଓ ହସ୍ତଗତ କରାଯାଇଛି। ଏଠାରେ ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତିର ଏକ ବୃହତ୍ କେନ୍ଦ୍ର ପ୍ରତିଷ୍ଠା ହେବାର ଯୋଜନା ରହିଛି। ଏହାଦ୍ୱାରା କଟକର ଆର୍ଥିକ ଓ ଶିକ୍ଷାୟନ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ବ୍ରଜମୋହନ ରାମ ଯୋଗଦେଇ ଓଡ଼ିଶାର ଗୌରବଶାଳୀ ସାମୁଦ୍ରିକ ଇତିହାସର ଜୀବନ୍ତ ଦଲିଲ ହେଉଛି ବାଲିଯାତ୍ରା ବୋଲି କହିଥିଲେ। ଏହି ମହୋତ୍ସବ ପର୍ଯ୍ୟଟନ, କଳା, ସଂସ୍କୃତି, ବ୍ୟବସାୟ ଓ ଶିକ୍ଷା କ୍ଷେତ୍ରକୁ ନୂଆ ପ୍ରେରଣା ଯୋଗାଇ ଆସୁଛି। ବାଲିଯାତ୍ରା କେବଳ ବଡ଼ ବ୍ୟବସାୟୀଙ୍କ ପାଇଁ ନୁହେଁ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀ, ହସ୍ତଶିଳ୍ପୀ, କାରିଗର ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ରୋଜଗାରର ଏକ ବଡ଼ ମାଧ୍ୟମ। ଯୁବପିଢ଼ି ନୂତନ ବିଚାର, ଉଦ୍ଭାବନ ଓ ଉଦ୍ୟମିତାକୁ ଆପଣେଇ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ପ୍ରଦାନ କରି ବାଲିଯାତ୍ରା କେବଳ ଏକ ମେଳା ନୁହେଁ, ଏହା ଓଡ଼ିଆ ଅସ୍ମିତା, ଐତିହ୍ୟ ଓ ସାଂସ୍କୃତିକ ଏକତାର ପ୍ରତୀକ ବୋଲି କହିଥିଲେ।

ଉଦ୍‌ଘାଟନୀ ସମାରୋହରେ ସାଂସଦ ଭର୍ତ୍ତୃହରି ମହତାବ, ଇଣ୍ଡୋନେସିଆର ଡେପୁଟି ଆମ୍ବାସାଡର ୟୁଧୋ ସାସୋଙ୍ଗୋକୋଙ୍କ, କଟକ ମହାନଗର ନିଗମର ମେୟର ସୁବାସ ସିଂହ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଛବି ମଲ୍ଲିକ, ବିଧାୟିକା ସୋଫିଆ ଫିର୍ଦ୍ଦୌସ, ବିଧାୟକ ସୌଭିକ ବିଶ୍ୱାଳ ଓ ପ୍ରକାଶ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲିଯାତ୍ରାର ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିସନର କିରଣଦୀପ କୌର ସହୋତା, ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ, ଡିସିପି ଖିଲାରି ରଷିକେଶ ଦ୍ୟାନଦେଓ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ସୁପରିଚାଳନା କରିଥିଲେ।

ଅଦ୍ଭୁତ...

କରିଛନ୍ତି। ବିଶ୍ୱ କ୍ରିକେଟରେ ନୂଆ ଇତିହାସ ଲେଖି ଏକାଧିକ କୀର୍ତ୍ତିମାନ ହାସଲ କରିଛନ୍ତି ବୈଭବ। ମାତ୍ର ୨୮ ବଲରେ ଶତକ ଓ ୫୨ ବଲରେ ଦୁଇ ଶତକ ପୂରଣ କରି ଲିଷ୍ଟ ଏ ଠାରୁ ଆରମ୍ଭ କରି ପେସାଦାର କ୍ରିକେଟରେ ସେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ୟୁଏଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୪୯ ରନ କରିଥିଲା। ଏହାର ଜବାବ୍‌ରେ ଭାରତ ୧୪.୨ ଓଭରରେ ୩ ୱିକେଟ ହରାଇ ୨୫୪ ରନ ଲକ୍ଷ୍ୟହାସଲ କରିନେଇଛି। ଏହି ବିଜୟ ସହ ଭାରତ ଏସିଆ କପ୍ ରାଇଜିଂ ଷ୍ଟାର୍ସ ସେମିଫାଇନାଲରେ ପହଞ୍ଚିଯାଇଛି। ଐତିହାସିକ ୨୦୪ ରନର ଇନିଂସ ପାଇଁ ସୂର୍ଯ୍ୟବଂଶୀଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ମିଳିଛି।

ବୈଭବ କ୍ରିକେଟର ସବୁ ରେକର୍ଡ ନିଜ ନାଁରେ କରିଛନ୍ତି। ଲିଷ୍ଟ ଏ କ୍ରିକେଟରେ ଦ୍ରୁତତମ ଶତକ, ଦୁଇଶତକ ଠାରୁ ଆରମ୍ଭ କରି ଗୋଟିଏ ଲିଷ୍ଟ ଏ ଦିନିକିଆ ଇନିଂସ ଏବଂ କୌଣସି ପ୍ରଫେସନାଲ କ୍ରିକେଟର ଗୋଟିଏ ଇନିଂସରେ ଅଧିକ ଛକା ମାରିବାର କୀର୍ତ୍ତିମାନ ନିଜ ନାଁରେ କରିପାରିଛନ୍ତି। ପୂର୍ବରୁ ଲିଷ୍ଟ ଏ କ୍ରିକେଟରେ ଦ୍ରୁତତମ ଦୁଇଶତକ ହାସଲ କରିବାର ରେକର୍ଡ କାଣ୍ଟେର ବୁରାର ଛାଦବୋୟୋଏସଙ୍କ ନାଁରେ ଥିଲା। ସେ ୨୦୨୪ରେ ଖ୍ରୀଷ୍ଟଚର୍ଚ୍ଚରେ ୧୦୩ ବଲରେ ଦୁଇଶତକ ହାସଲ କରିଥିଲେ। କିନ୍ତୁ ବୈଭବ ମାତ୍ର ୫୨ ବଲରେ ଦୁଇଶତକ ହାସଲ କରି ସବୁ ରେକର୍ଡ ଭାଙ୍ଗି ଦେଇଛନ୍ତି।

ତାପମାତ୍ରା...

୨୨ରେ ସାମାଜିକ ଗଣମାଧ୍ୟମରେ ଏକ ମାନଚିତ୍ର ସେୟାର କରି ଏହାକୁ "ମେଗା ଏଲନିନୋ' ବୋଲି କହିଛନ୍ତି। ୟୁରୋପୀୟମଧ୍ୟମ ଅବଧି ପାଣିପାଗ ପୂର୍ବାନୁମାନ କେନ୍ଦ୍ର (ଇସିଏମଡବ୍ଲ୍ୟୁଏଫ୍)ର ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ମାନଚିତ୍ରରେ ଦକ୍ଷିଣ ଆମେରିକା ନିକଟ ପ୍ରଶାନ୍ତ ମହାସାଗରର ଏକ ଅଞ୍ଚଳରେ ଅସ୍ୱାଭାବିକ ଉତ୍ତାପ ଦେଖାଯାଇଛି। ତେବେ ୧୦ ଡିଗ୍ରୀର ଏହି ବୃଦ୍ଧି ସମଗ୍ର ପ୍ରଶାନ୍ତ ମହାସାଗରରେ ନୁହେଁ, ବରଂ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ। ମହାସାଗର ମଧ୍ୟଭାଗରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ ଅଧିକ ରହିଛି।

ଏଲନିନୋ ହେଉଛି ପ୍ରାକୃତିକ ଜଳବାୟୁପରିବର୍ତ୍ତନର ଏକ ପ୍ରକ୍ରିୟା। ଏହି ସମୟରେ ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗର ଜଳପୃଷ୍ଠ ଅସ୍ୱାଭାବିକ ଭାବେ ଉତ୍ତପ୍ତ ହୋଇଥାଏ। ସାଧାରଣତଃ ବାଣିଜ୍ୟ ପବନ ଉଷ୍ଣ ଜଳକୁ ପଶ୍ଚିମ ଦିଗକୁ ଠେଲିଥାଏ। କିନ୍ତୁ ଏହି ପବନ ଦୁର୍ବଳ ହେଲେ ଉଷ୍ଣ ଜଳ ପୂର୍ବ ଦିଗକୁ ବ୍ୟାପିଥାଏ। ଏହା ଫଳରେ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବର୍ଷା, ମରୁଡ଼ି ଓ ତାପମାତ୍ରାରେ ପରିବର୍ତ୍ତନ ଦେଖାଦିଏ।

ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ଏନ୍‌ଓଏଏ)ର ତଥ୍ୟ ଅନୁସାରେ, ଏଲନିନୋ ନିରୀକ୍ଷଣ ପାଇଁ ବ୍ୟବହୃତ ମଧ୍ୟ ପ୍ରଶାନ୍ତ ମହାସାଗରର ନିନୋ ୩.୪ ଅଞ୍ଚଳରେ ଜଳପୃଷ୍ଠ ତାପମାତ୍ରା ସ୍ୱାଭାବିକ ଠାରୁ ୨.୫ ଡିଗ୍ରୀ ଅଧିକ ହୋଇଛି। ପୂର୍ବ ପ୍ରଶାନ୍ତର ନିନୋ ୧୨ ଅଞ୍ଚଳରେ ଏହି ବୃଦ୍ଧି ୪.୪ ଡିଗ୍ରି ରହିଛି। ୧୯୫୦ରୁ ରେକର୍ଡ ହୋଇଥିବା ଏଲନିନୋ ଘଟଣାଗୁଡ଼ିକ ମଧ୍ୟରେ ଚଳିତ ଘଟଣା ସବୁଠୁ ଶକ୍ତିଶାଳୀ ହେବାର ପ୍ରାୟ ୬୦ ପ୍ରତିଶତ ସମ୍ଭାବନା ଥିବା ଏନ୍‌ଓଏଏ ଆକଳନ କରିଛି। ୧୯୯୭-୯୮ ଓ ୨୦୧୫-୧୬ର ଶକ୍ତିଶାଳୀ ଏଲନିନୋ ମଧ୍ୟ ଏହି ରେକର୍ଡ ତାଲିକାରେ ରହିଛି। ବିଶ୍ୱ ପାଣିପାଗ ସଂଗଠନ ମଧ୍ୟ ଏହି ଘଟଣା ରେକର୍ଡ ସ୍ତରରେ ପହଞ୍ଚିପାରେ ବୋଲି ସତର୍କ କରାଇଛି। ଏହାର ପ୍ରଭାବ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ ରହିବା ଆଶଙ୍କା ରହିଛି। ଏଲନିନୋ ସମୁଦ୍ରରେ ସଞ୍ଚିତ ଉତ୍ତାପକୁ ବାୟୁମଣ୍ଡଳକୁ ଛାଡ଼ିଥାଏ। ଫଳରେ ବିଶ୍ୱ ତାପମାତ୍ରା ଆହୁରି ବଢ଼ିପାରେ। ଭାରତରେ ମଧ୍ୟ ବର୍ଷା ଓ ତାପମାତ୍ରା ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ତେବେ ଭାରତର ପାଣିପାଗ କେବଳ ଏଲନିନୋ ଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ। ଅନ୍ୟ ଜଳବାୟୁଗତ କାରଣ ମଧ୍ୟ ଏଥିରେ ପ୍ରଭାବ ପକାଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

କୁନି...

କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ରାଇଘର ରେଞ୍ଜର ସୂଚନା ଦେଇଛନ୍ତି।

ସୂଚନାକ୍ରମେ ଗ୍ରାମର ବିଷ୍ଣୁ ଗଣ୍ଡ ଏବଂ ତାଙ୍କ ପତ୍ନୀ ସୁମିତ୍ରା ଗଣ୍ଡଙ୍କ ଦିତୀୟ ସନ୍ତାନ ତଥା ଦୁଇ ବର୍ଷର ଝିଅ ବେଦିକା (୩) ସନ୍ଧ୍ୟା ୭ଟା ସମୟରେ ନିଜ ଅଗଣାରେ ଥିବା ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ କଲରା ପତରିଆ ବାଘ ଆସି ଝାମ୍ପି ନେଇ ଯାଇଥିଲା। ଏହି ସମୟରେ ତାର ମାଆ ଘର ଭିତରେ ଖାଇବାକୁ ବସିଥିଲେ। ବେଦିକାକୁ କୌଣସି ଏକ ବନ୍ୟଜନ୍ତୁ ଉଠେଇ ନେଉଥିବା ତାର ଜେଜେବାପା ପ୍ରଥମେ ଦେଖିଥିଲେ ହେଁ ଅନ୍ଧାର ହୋଇଥିବା ଯୋଗୁଁ କେଉଁ ବନ୍ୟ ଜନ୍ତୁ ତାହା ସ୍ପଷ୍ଟ କରିପାରି ନଥିଲା। ଅପରପକ୍ଷରେ ଅଗଣାରେ ବେଦିକାର ମଳ ଏବଂ କିଛି ସ୍ଥାନରେ ରକ୍ତର ଛିଟା ପଡ଼ିଥିବା ଦେଖି ଗ୍ରାମବାସୀ କୁନ୍ଦେଇ ବନ ବିଭାଗକୁ ଖବର ଦେଇଥିଲେ। ବିଷ୍ଣୁ ଙ୍କ ଘର ଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ସଂରକ୍ଷିତ ଜଙ୍ଗଲଟି ଛତିଶଗଡ଼ ଜଙ୍ଗଲକୁ ଲାଗି ରହିଥିବା ସହ ଛତିଶଗଡ଼ର ଉଦନ୍ତି ଓ ସୀତାନଦୀ ଅଭୟାରଣ୍ୟ ଲାଗି ରହିଥିବା ଯୋଗୁଁ କଲରା ପତରିଆ ବାଘର ପ୍ରବେଶ ଆଶଙ୍କା କରାଯାଇଥିଲା। ଏଥିସହ ଗତ ଦୁଇ ଦିନ ଧରି କିଛି ଲୋକ ମାରିପାରା ଜଙ୍ଗଲରେ କଲରା ପତରିଆ ବାଘ ଦେଖିଥିଲେ। ମାରିପାରା ଗ୍ରାମକୁ ଚ ଗ୍ରାମ ଲାଗି ରହିଥିବାରୁ ଶଶୁକନ୍ୟାକୁ ବାଘ ହିଁ ଝାମ୍ପି ନେଇଥିବା ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଅନ୍ୟପଟେ ମଙ୍ଗଳବାର ସକାଳେ ଶିଶୁ ବେଦିକାର ବିଭତ୍ସ ମରଶରୀର ଖଣ୍ଡ ବିଖଣ୍ଡିତ ହାତ ଗୋଡ଼ ଓ ମୁଣ୍ଡ ଜଙ୍ଗଲର ବିଭିନ୍ନ ସ୍ଥାନରେ ମିଳିବା ପରେ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛି। ଏହି ଖବର ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସମ୍ପର୍କୀୟ ଭାଇ ବିରୋଧରେ ଦୁଷ୍କର୍ମ ଅଭିଯୋଗ

ସମ୍ବଲପୁର,(ସବୁ୍ୟ) : ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ଗଡ଼ପୋଷ ମାନାପାଲି ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ନାବାଳିକା ଜଣକ ପ୍ରାୟ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ଘଟଣାଟି ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ସାହାସପୁର ପୋଲିସ ଫାଣ୍ଡି ଅଞ୍ଚଳର ଏହି ନାବାଳିକା ଦଶମ ଶ୍ରେଣୀ ପାଠପଢ଼ା ଶେଷ କରିବା ପରେ ମାନାପାଲି ଅଞ୍ଚଳରେ ଥିବା ନିଜ ପିଉସୀଙ୍କ ଘରକୁ ଆସି ରହୁଥିଲେ । ଏହି ସମୟରେ ପିଉସୀଙ୍କ ବଡ଼ ପୁଅଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ବଢ଼ିଥିଲା । ପିଉସୀ କାମ ପାଇଁ ପ୍ରାୟ ତିନି ମାସ ବାହାରେ ରହିଥିବା ସମୟରେ ତାଙ୍କ ବଡ଼ ପୁଅ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ । ପରେ ସେପେଫମ୍ବର ମାସରେ ନାବାଳିକା ନିଜ ଘରକୁ ଫେରି ଯାଇଥିଲେ । ତେବେ ନଭେମ୍ବର ୧ ତାରିଖରେ ଘରେ କାହାକୁ କିଛି ନଜଣାଇ ପୁଣି ମାନାପାଲି ଆସି ପିଉସୀଙ୍କ ଘରେ ରହିଥିଲେ । ଏହାପରେ କାମରୁ ଫେରିଥିବା ପିଉସୀ ନାବାଳିକାଙ୍କ ଶାରୀରିକ ଅବସ୍ଥା ଦେଖି ଗର୍ଭବତୀ ଥିବା ସନ୍ଦେହ କରି ପଚରାଉଚରା କରିଥିଲେ । ଫଳରେ ନାବାଳିକା ଜଣକ ସମ୍ପର୍କରେ ଘଟଣା ଜଣାଇବା ପରେ ପିଉସୀ ତାଙ୍କୁ ନିଜ ବୋହୂ କରିବେ ବୋଲି କହିଥିଲେ । ତେବେ ଅଙ୍ଗନବାଡ଼ି କର୍ମୀ ନାବାଳିକାଙ୍କ ବୟସ ଜାଣିବା ପରେ ଏହାକୁ ଗୁରୁତର ସହ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ ।

ଏହି ସୂଚନା ପାଇବା ପରେ କୁଚିଣ୍ଡା ସଖୀ ଓ୍ୱାନଷ୍ଟପ ସେଣ୍ଟରର କର୍ମଚାରୀମାନେ ହସ୍ତକ୍ଷେପ କରି ନାବାଳିକାଙ୍କୁ ଉଦ୍ଧାର କରି ସେଣ୍ଟରରେ ରଖିଥିଲେ । ଏହାପରେ ନାବାଳିକାଙ୍କ ବାପା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗଡ଼ପୋଷ ପୋଲିସ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରିଛି । ଏଥିସହ କୁଚିଣ୍ଡା ଠାରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିବା ଜଣାପଡ଼ିଛି ।

୧୮ ଦିନରେ ଦୁଇ ଏସ୍‌ଆଇଙ୍କ ମୃତ୍ୟୁ

ରାୟଗଡ଼ା ପୋଲିସ ବିଭାଗରେ ଚାଞ୍ଚଲ୍ୟ

ରାୟଗଡ଼ା, ୨୪।୧୧ (ସବୁ୍ୟ): ରାୟଗଡ଼ା ଜିଲ୍ଲା ପୋଲିସ ବିଭାଗରେ ଅଧିକାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣା ଚିନ୍ତାର କାରଣ ପାଲଟିଛି । ମାତ୍ର ୧୮ ଦିନ ମଧ୍ୟରେ ଦୁଇଜଣ ସବଇନ୍ସପେକଫରଙ୍କ ମୃତ୍ୟୁ ସମଗ୍ର ପୋଲିସ ମହଲରେ ଶୋକ ଓ ଆଲୋଡ଼ନ ସୃଷ୍ଟି କରିଛି । ଚଳିତ ମାସ ୭ ତାରିଖରେ ଅମ୍ବାଦଲା ଥାନାରେ କାର୍ଯ୍ୟରତ ଏସଆଇ ଅଶୋକ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା । ଘଟଣାରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ଏହି ଘଟଣାର ଚର୍ଚ୍ଚା ଥମି ନ ଥିବାବେଳେ ମଙ୍ଗଳବାର ପୁଟାଙ୍ଗି ଥାନାରେ କାର୍ଯ୍ୟରତ ଏସଆଇ ବାପୁଜୀ ମଲ୍ଲିକଙ୍କ ମୃତ୍ୟୁ ଘଟିଛି। ସେ ସରକାରୀ କ୍ୱାର୍ଟର୍ସରେ ଶୋଇଥିବା ଅବସ୍ଥାରେ ଥିବାବେଳେ ସହକର୍ମୀମାନେ ତାଙ୍କୁ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ପରେ ଗୁଣପୁର ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ଘଟଣାରେ ଝୁଲନ୍ତା ମୃତଦେହ ଉଦ୍ଧାର ଓ ଅନ୍ୟଟିରେ ଶୋଇଥିବା ଅବସ୍ଥାରେ ମୃତ୍ୟୁ ଘଟିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। କେଉଁ କାରଣରୁ ମୃତ୍ୟୁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।

୨୧୦୦ କୋଟି ଧୂଆଁ କରିଦେଲେ ଓଡ଼ିଶାବାସୀ

ସିଗାରେଟ୍‌ରୁ ସରକାରଙ୍କୁ ୩୧୯ କୋଟିର ରାଜସ୍ୱ

ଭୁବନେଶ୍ୱର (ସବୁ୍ୟ) : ସିଗାରେଟ୍ ଧୂଆଁରେ ପାଉଁଶ ହୋଇଗଲା ୨୧ ଶହ କୋଟି ଟଙ୍କା। ବର୍ଷକୁ ୨୧ ଶହ କୋଟି ଟଙ୍କାର ସିଗାରେଟ୍ ଟାଣି ଉଡ଼ାଇଦେଲେ ଓଡ଼ିଶାବାସୀ । ବିଧାନସଭାରୁ ଆସିଛି ଏମିତି ଚାଞ୍ଚଲ୍ୟକର ତଥ୍ୟ।

୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୧୦୩ କୋଟି ୯୬ ଲକ୍ଷ ୮୬ ହଜାର ୬୮୬ ଟଙ୍କାର ସିଗାରେଟ୍ ବିକ୍ରି ହୋଇଛି। ଯେଉଁଥିରୁ ରାଜ୍ୟ ରାଜକୋଷକୁ ମିଳିଛି ୩୧୯ କୋଟି ୫୪ ଲକ୍ଷ ୧୩ ହଜାର ୪୨ ଟଙ୍କାର ରାଜସ୍ୱ। ସବୁଠୁ ବଡ଼ କଥା ହେଉଛି, ଫେବୃଆରୀ ୨୦୨୬ରୁ ସିଗାରେଟ୍ ଉପରେ ଜିଏସଟି ୨୮ ପ୍ରତିଶତରୁ ବଢ଼ି ୪୦ ପ୍ରତିଶତ ହୋଇଛି । ଦାମ୍ ବଢ଼ିବା ସତ୍ତ୍ୱେ ସିଗାରେଟ୍ ନିଶା ଛାଡ଼ିବାକୁ ନାରାଜ ଗ୍ରାହକ । କେବଳ ଦେଶୀ ନୁହେଁ, ବିଦେଶୀ ସିଗାରେଟ୍‌ର ମଧ୍ୟ ରହିଛି ଚାହିଦା । ସାମନ୍ୟ ନିଶା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଓଡ଼ିଶାବାସୀ । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖି ଏହି ତଥ୍ୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

ରାସ୍ତା ପାଇଁ ଗ୍ରାମବାସୀଙ୍କ ପଦଯାତ୍ରା

ଜିଲ୍ଲା



ଭିଏସ୍ଏସ୍ ନଗର ୧୦ନଂ ୱାର୍ଡ ତ୍ରିନାଥ ସାହିରେ ଅନୁଷ୍ଠିତ ତ୍ରିନାଥ ଠାକୁରଙ୍କ ୩୮ ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି 'ସମୟ'ର ନିର୍ଦ୍ଦେଶିକା ଅନିତା ମହାନ୍ତି ।

ବାଲିଯାତ୍ରାରେ ଭାରତ ମସଲା ଷ୍ଟଲ ଉଦ୍‌ଘାଟନ କଲେ ମେୟର ଓ ବିଧାୟକ

ଗୋଟିଏ କିଣିଲେ ଗୋଟିଏ ଫ୍ରି ସହ ଲକି ଡ୍ର କୁପନ

କଟକ,(ସବ୍ୟ୍ୟ): ଐତିହାସିକ କଟକ ବାଲିଯାତ୍ରା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମସଲା ଓ ହାଇଜିନିକ ଫୁଡ୍ ବ୍ୟବସାୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଭାରତ ମସଲା କମ୍ପାନୀର ଷ୍ଟଲ ଉଦ୍‌ଘାଟିତ ହୋଇଛି । କଟକର ମେୟର ସୁବାସ ସିଂହ ଓ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଅତିଥି ଭାବେ ଯୋଗ ଦେଇ ଷ୍ଟଲ ଉଦ୍‌ଘାଟନ କରିବା ସହ ବାଲିଯାତ୍ରାକୁ ସମୃଦ୍ଧ କରିବାରେ ଭାରତ ମସଲା ଆଜି ମୁଖ୍ୟ ପୃଷ୍ଠ ପୋଷାକ ସାଜିଥିବା ବୋଲି ମତ ଦେଇଥିଲେ । ତଳ ଓ ଉପର ପଡ଼ିଆରେ ଭାରତ ମସଲାର ୪ ଟି ଷ୍ଟଲ ଖୋଲିଛି । ମୁଖ୍ୟ ଷ୍ଟଲ୍ ଟି ବୈଷ୍ଣବ ପାଣି ମଞ୍ଚ ପାଖରେ ରହିଥିବା ବେଳେ ୨ୟଟି ପାଭିଲିୟନ୍ ପାର୍ଶ୍ୱରେ ଓ ତୃତୀୟ ଟି ଡିସିପି ଗଡା ନିକଟରେ ରହିଛି ।ତେବେ ଚତୁର୍ଥ ଷ୍ଟଲଟି ଉପର ବାଲିଯାତ୍ରା ପଡିଆରେ ରହିଛି । ବିଗତ ବର୍ଷ ଗୁଡିକ ଭଳି ଚଳିତଥର ମଧ୍ୟ ବାଲିଯାତ୍ରାକୁ କିଛି ଆକର୍ଷଣୀୟ ଅଫର ଧରି ଆସିଛି ଭାରତ ମସଲା । ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଭଳି ସୁଯୋଗ ପୁର୍ନବାର ଯୋଗାଇ ଦେଇଛି । ସବୁଥର ଭଳି ଏଥର ମଧ୍ୟ ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ମାଗଣା ରେ ଉପଲବ୍ଧ ହେଉଛି ।ଏତଦ୍ ବ୍ୟତୀତ ଷ୍ଟଲରେ ପ୍ରତିଦିନ ଲକି ଡ୍ର ହେବ । ମସଲା କିଣିବା ସହ ଗ୍ରାହକମାନେ କୁପନ୍‌ଟିଏ ପାଇବେ । ଭାଗ୍ୟଶାଳୀ ବିଜେତାଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯିବ ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଫୁଲ୍ଲ କୁମାର ସିଂ, ଭାରତ ମସଲାର ଅଧ୍ୟକ୍ଷ ଡକ୍ଟର ସୁରେନ୍ଦ୍ର ନାଥ ପଣ୍ଡା,ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ,ଜିଏମ ବିପିନ ରାଉତ,ଅରୁଣ କୁମାର ନାୟକ(ଜିଏମ ଅପରେସନ), ନବକୃଷ୍ଣ ପ୍ରଧାନ(ଜିଏମ ପ୍ରଡକ୍ସନ) ,ପ୍ୟାନ ଇଣ୍ଡିଆ ସେଲ୍ସ ହେଡ୍ ନୈନିତା ନୀଳିମା ପଣ୍ଡା, ଓ ଭାରତ ମସଲା କମ୍ପାନୀର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ତିନିଟି ରାଜ୍ୟର ଛାତ୍ରଛାତ୍ରୀଙ୍କୁ ନେଇ ସିଏସ୍‌ଏମ୍ ସିନାପ୍ସ ୫.୦

ଭୁବନେଶ୍ୱର, (ସବ୍ୟ୍ୟ): ଶିକ୍ଷା ଓ ଯୁବପିଢ଼ିର ସଶକ୍ତୀକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଭୌଗୋଳିକ ସୀମାସରହଦ ଡେଇଁ ଆହୁରି ବ୍ୟାପକ କରିଛି ସିଏସ୍‌ଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍। ଏହି କ୍ରମରେ କମ୍ପାନୀ ପକ୍ଷରୁ ଲୋକପ୍ରିୟ ବିଦ୍ୟାଳୟସ୍ତରୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା ସିଏସ୍‌ଏମ୍ ସିନାପ୍ସର ପଞ୍ଚମ ସଂସ୍କରଣ ସିନାପ୍ସ ୫.୦ର ଶୁଭାରମ୍ଭ କରାଯାଇଛି। ଚଳିତ ବର୍ଷ ଓଡ଼ିଶା ସମେତ ଛତିଶଗଡ଼ ଓ ଝାଡ଼ଖଣ୍ଡର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ସାମିଲ ହେବେ। ୨୦୨୨ରେ ମାତ୍ର ୧୩ଟି ବିଦ୍ୟାଳୟର ୫୨ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ସିନାପ୍ସର ପ୍ରଥମ ସଂସ୍କରଣ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ବର୍ଷ କଟକକୁ ଏହି ପ୍ରତିଯୋଗିତାର ପରିସରରେ ସାମିଲ କରାଯିବା ସହ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୨୦୮କୁ ବୃଦ୍ଧି ପାଇଥିଲା। ସେତେବେଳେ ୨୯ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ଏହା ପରଠାରୁ ଅଂଶଗ୍ରହଣ ଓ ଭୌଗୋଳିକ ପରିସର, ଉଭୟ ଦୃଷ୍ଟିରୁ ସିନାପ୍ସ କ୍ରମାଗତ ଭାବେ ବିସ୍ତାର ଲାଭ କରିଆସିଛି। ଏହାର ପଞ୍ଚମ ସଂସ୍କରଣରେ ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ସାମିଲ କରାଯିବା। ଏହି ଯାତ୍ରାର ଏକ ଉଲ୍ଲେଖନୀୟ



ମାଇଲଖୁଣ୍ଟ। ଗତ ପାଞ୍ଚ ବର୍ଷ ମଧ୍ୟରେ ସିନାପ୍ସ ୭୦୦ରୁ ଅଧିକ ବିଦ୍ୟାଳୟର ୧,୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚିପାରିଛି। ଏହି ପଞ୍ଚମ ସଂସ୍କରଣରେ ରାୟପୁର, ରାଞ୍ଚି, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱର ଭଳି ୬ଟି ସହରରେ ଆଞ୍ଚଳିକ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଡିସେମ୍ବର ୧୧, ୨୦୨୬ରେ ଭୁବନେଶ୍ୱରଠାରେ ଅନ୍ତିମ ପର୍ଯ୍ୟାୟ ସହ ଏହି ପ୍ରତିଯୋଗିତାର ପରିସମାପ୍ତି ଘଟିବ। ନଭେମ୍ବର ୨୫ରେ ରାୟପୁରଠାରୁ ଆଞ୍ଚଳିକ ପର୍ଯ୍ୟାୟ ଆରମ୍ଭ ହେବ। ଏହା ପରେ ନଭେମ୍ବର ୨୭ରେ ରାଞ୍ଚି, ନଭେମ୍ବର ୩୦ରେ ରାଉରକେଲା, ଡିସେମ୍ବର ୨ରେ ସମ୍ବଲପୁର, ଡିସେମ୍ବର ୪ରେ ବ୍ରହ୍ମପୁର ଏବଂ ଡିସେମ୍ବର ୧୦ରେ ଭୁବନେଶ୍ୱରଠାରେ ପ୍ରତିଯୋଗିତାର ନିକଟରେ ପହଞ୍ଚିପାରିଛି। ଏହି ପଞ୍ଚମ ସଂସ୍କରଣରେ ରାୟପୁର, ରାଞ୍ଚି, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱର ଭଳି ୬ଟି ସହରରେ ଆଞ୍ଚଳିକ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଡିସେମ୍ବର ୧୧, ୨୦୨୬ରେ ଭୁବନେଶ୍ୱରଠାରେ ଅନ୍ତିମ ପର୍ଯ୍ୟାୟ ସହ ଏହି ପ୍ରତିଯୋଗିତାର ଶ୍ରୀ ପ୍ରିୟଦର୍ଶୀ ନାନୁ ପାଣି କହିଛନ୍ତି, "ଶିକ୍ଷା କେବଳ ସ୍ମରଣଶକ୍ତିର ପରୀକ୍ଷା ନ ହୋଇ ଜାଣିବା ଓ ଜିଜ୍ଞାସାର ଉତ୍ସ ହେବା ଆବଶ୍ୟକ। ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ସିନାପ୍ସର ସମ୍ପ୍ରସାରଣ ଏହି ବିଶ୍ୱାସକୁ ପ୍ରତିଫଳିତ କରେ ଯେ ବୌଦ୍ଧିକ ବିକାଶର ସୁଯୋଗ ଭୌଗୋଳିକ ସୀମାରେ ସୀମିତ ରହିବା ଉଚିତ ନୁହେଁ। ଅଧିକରୁ ଅଧିକ ଆଗ୍ରହୀ ଓ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ନିକଟରେ ଏହି ସୁଯୋଗ ପହଞ୍ଚିବା ଦରକାର।" ଏହି କାର୍ଯ୍ୟକ୍ରମର ପରିକଳ୍ପନା ଓ ସଫଳ ଆୟୋଜନ ପାଇଁ ସିଏସ୍‌ଏମ୍ ଟେକ୍ନୋଲୋଜିଜ୍ ଭାରତର ଅଗ୍ରଣୀ ପ୍ରଶ୍ନୋତ୍ତର ସମାଧାନ ପ୍ରଦାନକାରୀ ସଂସ୍ଥା କୁଇଜ୍‌କ୍ରାଫ୍ଟ ଗ୍ଲୋବାଲ୍ ସହ ସହଭାଗିତା କରିଛି। କୁଇଜ୍‌କ୍ରାଫ୍ଟ ଗ୍ଲୋବାଲ୍‌ର ସହ-ପ୍ରତିଷ୍ଠାତା ତଥା ଲୋକପ୍ରିୟ ଟେଲିଭିଜନ୍ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ 'କୌନ୍ ବନେଗା କରୋଡ଼ପତି'ର ପୂର୍ବତନ ଗବେଷଣା ମୁଖ୍ୟ ଆଦିତ୍ୟନାଥ ମୁବାୟୀ ଏହି ପ୍ରତିଯୋଗିତାର ସଂଚାଳନ ଏବଂ ବୃହତ୍ ସଂସ୍ଥାଗତ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରିଛି। କର୍ପୋରେଟ୍ ଯୋଗାଯୋଗର ବରିଷ୍ଠ ପରିଚାଳକ ଜୟଜିତ୍ ଦାସଙ୍କୁ ସଂପର୍କ କରିବା ପାଇଁ କୁହାଯାଇଛି।

ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଡିସେମ୍ବର ୧୧ରେ ଅନ୍ତିମ ପର୍ଯ୍ୟାୟ

ହିରୋ ଫିନ୍‌କର୍ପ ୨୦୨୬ରେ ସମଗ୍ର ପୂର୍ବ ଭାରତରେ ୨.୩୭ ଲକ୍ଷ ଋଣ ପ୍ରଦାନ କରି

ଭୁବନେଶ୍ୱର, (ସବ୍ୟ୍ୟ): ଭାରତର ଅନ୍ୟତମ ବିବିଧକୃତ ଓ ପ୍ରଯୁକ୍ତି-ପରିଚାଳିତ ଏନ୍‌ବିଏଫ୍‌ସି ହିରୋ ଫିନ୍‌କର୍ପ ଲିମିଟେଡ ୨୦୨୬ରେ ସମଗ୍ର ପୂର୍ବ ଭାରତରେ ୨.୩୭ ଲକ୍ଷରୁ ଅଧିକ ଋଣ ପ୍ରଦାନ କରିଛି, ଯାହା ଏହି ଅଞ୍ଚଳରେ କମ୍ପାନୀର ସମ୍ପ୍ରସାରିତ ଉପସ୍ଥିତିକୁ ପ୍ରତିଫଳିତ କରୁଛି। ଏହି ଗତିଶୀଳତା ଆଧାରରେ କମ୍ପାନୀ ତାହାର ବିବିଧକୃତ ଋଣ ପ୍ରଦାନ ପୋର୍ଟଫୋଲିଓ, ଆବଣ୍ଟନ ନେଟୱର୍କ ଏବଂ ଏଆଇ-ପରିଚାଳିତ ଋଣ ପରିଶୋଧ ସାମର୍ଥ୍ୟ ସମର୍ଥନରେ ଆଞ୍ଚଳିକ ଋଣ ପ୍ରଦାନ ଆଗାମୀ ଦୁଇଟି ତ୍ରୟମାସିକରେ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀର ପୂର୍ବ ଭାରତରେ ଉପସ୍ଥିତି ବିହାର, ଝାଡଖଣ୍ଡ, ଓଡ଼ିଶା, ପଶ୍ଚିମ ବଙ୍ଗ, ଆସାମ, ତ୍ରିପୁରା, ନାଗାଲାଣ୍ଡ, ମଣିପୁର, ମିଜୋରାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ଆଦି ରାଜ୍ୟରେ ପରିବ୍ୟାପ୍ତ ହୋଇଛି। ବିହାର ଓ ଝାଡଖଣ୍ଡରେ ସର୍ବାଧିକ ସଂଖ୍ୟକ ଋଣ ପ୍ରଦାନ କରାଯାଇଥିବାବେଳେ ତାହା ପଛକୁ ଅତି ନିକଟରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମ ରହିଛନ୍ତି। କ୍ଷୁଦ୍ର ସହର ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଏହାର ଉପସ୍ଥିତି ବୃହତ୍ ସହରାଞ୍ଚଳ ବାହାରେ ଅଭ୍ୟୁଦୟଶୀଳ ପରିବାର ଓ ବ୍ୟବସାୟିକ ବଜାରଗୁଡିକ ନିମନ୍ତେ ଆନୁଷ୍ଠାନିକ ଆର୍ଥିକ ସୁଯୋଗ ସମ୍ପ୍ରସାରିତ କରିବା ନିମନ୍ତେ ହିରୋ ଫିନ୍‌କର୍ପର ଦୃଷ୍ଟିନିବଦ୍ଧତାକୁ ପ୍ରତିଫଳିତ କରୁଛି।

କାର୍ତ୍ତିକ ପୂର୍ଣ୍ଣିମାରେ ଅଘଟଣ :ପୋଖରୀରେ ବୁଡ଼ି ଶିଶୁ ଗୁରୁତର

ବାଲିଲିପାଟଣା,(ସବ୍ୟ୍ୟ):ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଆଣବାକୁ ଯାଇ ଘଟିଛି ଅଘଟଣ ଘଟିଛି । ପୋଖରୀରେ ବୁଡ଼ି ଜଣେ ଶିଶୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାଜଣାପଡ଼ିଛି । ଖୋର୍ଦ୍ଧାଜିଲ୍ଲା ବାଲିପାଟଣା ବାଲିପାଟଣା ବ୍ଲକ ପଞ୍ଚାଲୋ ପଞ୍ଚାୟତ ଗଡ଼ବନ୍ତପୁର ଗ୍ରାମର ବିକ୍ରମ ଜେନାଙ୍କ ଅଢେଇ ବର୍ଷର ପୁଅ ଗାଁ ଦାଣ୍ଡରେ ଖେଳୁଥିଲା ଜେଜେ ବାପାଙ୍କ ପଛେ ପଛେ ନଡ଼ିଆ ତୋଳା ଦେଖିବାକୁ ଯାଇଥିଲା । ପଡୋଶୀ ଧର୍ମେନ୍ଦ୍ର ଜେନାଙ୍କ ଅଢେଇ ବର୍ଷ ପୁଅ ସେମାନଙ୍କ ପଛେ ପଛେ ଯାଇଥିଲା ଜେଜେ ବାପା ଅନ୍ୟମନସ୍କ ହୋଇ ନଡ଼ିଆ ତୋଟାକୁ ଚାଲି ଯାଇଥିଲେ । ବିକ୍ର ଙ୍କ ପୁଅ ରାସ୍ତା କଡ଼ ଗଭୀର ପୋଖରୀ ଭିତରକୁ ଡଙ୍ଗା ଆଣିବାକୁ ଯାଇ ପଶି ଯାଇଥିଲା ଅଣ ଓସାରିଆ ପାହାଚ ନ ଥିବା ତୁଠ କାନ୍ଥୁଅରେ ପିଲାଟିର ଗୋଡ଼ ଖସି ଯାଇଥିଲା । କିଛିସମୟ ପାଣିରେ ବୁଡି ପରେ ପାଣି ପିଇ ପୋଖରୀ ମଝିକୁ ଭାସି ଯାଇଥିଲା ଉପରେ ଠିଆ ହୋଇଥିବା ଶିଶୁଟି ଜେଜେ ମାଆଙ୍କୁ ସାଙ୍ଗ ବୁଡ଼ି ଯାଇଥିବା କହିଥିଲା ଘର ପାଖକୁ ଦୌଡ଼ି ବଡ଼ ବାପା ଜିତେନ୍ଦ୍ର ଜେନାଙ୍କୁ ଡାକି ଆଣିଥିଲା ସେ ସେ ପାଣିକୁ ଡେଇଁ ପହଁରି ପୋଖରୀ ମଝିରୁ ଉଦ୍ଧାର କରି ଉପରକୁ ଆଣି ପ୍ରାଥମିକ ଅବସ୍ଥାରେ ଚିକିତ୍ସା କରାଇଥିଲେ ସେତେବେଳକୁ କୁନି ପୁଅ ସଂଜ୍ଞାହୀନ ହୋଇ ପଡିଥିଲା କ୍ୟାପିଟାଲ ହସ୍ପିଟାଲରେ ଶିଶୁର ଚିକିତ୍ସା ଜାରି ରହିଛି ସଓ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣା ପଡିଛି ।ଏକ ବଡ଼ ଅଘଟଣ ଅଳ୍ପକେ ଟଳି ଯାଇଛି କୁନି ପୁଅର ଉପସ୍ଥିତି ବୁଦ୍ଧିକୁ ଅଞ୍ଚଳବାସୀ ପ୍ରଶଂସା କରୁଛନ୍ତି । ଏହି ଘଟଣା ସେଠାରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଆଶୀର୍ବାଦ ଫାଉଣ୍ଡେସନ୍ ପକ୍ଷରୁ ଚା, ଜଳଖିଆ ବଣ୍ଟନ

କଟକ, (ସ୍ୱପ୍ର) : ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ



ରାଜେନ୍ଦ୍ରନଗରର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ୍ ପକ୍ଷରୁ ଶତାଧିକ ଲୋକଙ୍କୁ ସକାଳର ଜଳଖିଆ ଓ ଚା ବଣ୍ଟନ କରାଯାଇଛି । ସକାଳୁ ସକାଳୁ କାର୍ତ୍ତିକ ପୂର୍ଣ୍ଣିମାରେ ସ୍ଥାନୀୟ ରାଜେନ୍ଦ୍ରନଗର ମଙ୍ଗଳା ମନ୍ଦିର ରାସ୍ତା ପାଶ୍ୱର୍ରେ ଶତାଧିକ ଲୋକମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ଉପମା, ମଟର ତରକାରୀ ସହିତ ଚା ବଣ୍ଟନ କରାଯାଇଥିଲା । ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ମାଗୁଣି ଚରଣ ଦାସ, ଅନ୍ଦରପୁର ସାହୀ ଅଧିକାରୀ ପ୍ରମୋଦ ଭୋଳ, ବିନୋଦ ବେହେରା, ବୀରକିଶୋର ସାହୁ, ସରୋଜ ରାଉତ, ପ୍ରଭାକର ମଲ୍ଲିକ, ରୁଦ୍ର ପ୍ରସାଦ ଦାସ, ପ୍ରଦୀପ ଦାସ, ପ୍ରଶନ୍ନ ବାରିକ, ବିଶ୍ୱରଞ୍ଜନ ସାହୁ, ରାକେଶ ଯୋଶୀ, ସରୁପ ଭୂୟାଁ, ସୌମ୍ୟ ରଞ୍ଜନ ସାହୁ, ସଞ୍ଜିବ ମହାପାତ୍ର, ସରୋଜ କୁମାର ପୁରୁଖତ, ଜୀତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥତ ରହ ପରଚାଳନାରେ ସହଯୋଗ କରିଥିଲେ ।

କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗାଛଡ଼ା - ଭାସିଲା ବୋଇତ, ମନେ ପଡ଼ିଲା ସାଧବ ପୁଅର ଗାଥା



ଜଟଣୀ, (ସବ୍ୟ୍ୟ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ସକାଳୁ ସକାଳୁ ଜଟଣୀ ଅଞ୍ଚଳର ପୋଖରୀ, ନଦୀ କୂଳରେ ଲାଗିଥିଲା ଭକ୍ତଙ୍କ ଭିଡ଼। ଛୋଟ ପିଲାଙ୍କ ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ହାତରେ କଦଳୀ ବାହୁଙ୍ଗା, କାଗଜ ଆଉ ସୋଲରେ ତିଆରି ବୋଇତ ଧରି ଆସିଥିଲେ। "ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର"ଏହି ପାରମ୍ପରିକ ଗୀତ ଗାଇ ଭକ୍ତମାନେ ଦୀପ ଜାଳି ବୋଇତ ଭସାଇଲେ। ଏହା ହେଉଛି ଆମ ଓଡ଼ିଆ ସାଧବ ପୁଅମାନଙ୍କ ବାଣିଜ୍ୟ ଯାତ୍ରାର ସ୍ମୃତି। ସେମାନେ ଏହି ଦିନ ବାଲି, ଜାଭା, ସୁମାତ୍ରା ଆଦି ଦେଶକୁ ବୋଇତରେ ଯାଇ ବେପାର କରୁଥିଲେ। ସକାଳୁ ଲୋକମାନେ ପୂର୍ଣ୍ଣିମା ସ୍ନାନ କରି ମନ୍ଦିରରେ ପୂଜା କରିଛନ୍ତି। କାର୍ତ୍ତିକ ମାସ ସାରା ହବିଷ୍ୟାଳି କରିଥିବା ମା' ମାନେ ଆଜି ପୂର୍ଣ୍ଣିମା ବ୍ରତ ପୂରା କରିଥିଲେ ।ଏହି ପରିପ୍ରେକ୍ଷୀରେ ବୁଢାପଡା ସୋମନାଥ ମନ୍ଦିର ପୋଖରୀ, କୁଦିଆରି ମାଜଣା ପୋଖରୀ ଓ ପୌରାଞ୍ଚଳ ଅନ୍ତର୍ଗତ ହାଟ ବଜାର ପୋଖରୀ ନିକଟରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା । ପୁଲିସ୍ ପକ୍ଷରୁ ସୁରକ୍ଷା ନିମିତ୍ତ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

ଶିଖରଚଣ୍ଡୀ ମୁଣ୍ଡିଆରେ ହାତୀ

ଭୁବନେଶ୍ୱର, (ସବ୍ୟ୍ୟ) : ଶିଖରଚଣ୍ଡୀ ମୁଣ୍ଡିଆକୁ ଦୁଇଟି ଜଙ୍ଗଲୀ ହାତୀ ଆସି ଉତ୍ପାତ କରୁଛନ୍ତି । ଦୁଇ ହାତୀ ପାଚିଲା ଧାନ ଖାଇବାକୁ ଭରତପୁର ଜଙ୍ଗଲରୁ ଆସିଥିବା କୁହାଯାଉଥିବା ବେଳେ ଘଉଡାଇବା ପାଇଁ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଦୁଇଟି ଟିମ୍‌ରେ ୨୦ଜଣ ବନ କର୍ମଚାରୀ ସାମିଲ ଅଛନ୍ତି । ଆଜି ରାତିରେ ଦୁଇ ହାତୀଙ୍କୁ ଘଉଡାଇ ଦିଆଯିବ ବୋଲି ସ୍ୱତନ୍ତ୍ର ଟିମ୍‌ର ଜଣେ ଅଫିସର କହିଛନ୍ତି । ଲାଇଟ୍ ଲଗାଯିବା ସହ ଡୋନ୍ ସାହାଯ୍ୟରେ ଦୁଇ ହାତୀଙ୍କୁ ଦୁଇଟି ଟିମ୍‌ର ୨୦ କର୍ମଚାରୀ ନିରୀକ୍ଷଣ କରୁଛନ୍ତି । ଭରତପୁର ଜଙ୍ଗଲରୁ ବାରମ୍ବାର ହାତୀ ଶିଖରଚଣ୍ଡୀ ମୁଣ୍ଡିଆକୁ ଆସୁଥିବାରୁ ସମ୍ପୃକ୍ତ ଅଞ୍ଚଳ ଲୋକେ ଭୟଭୀତ ହେଉଛନ୍ତି । ଏଥର ଆସିଥିବା ଦୁଇଟି ହାତୀଙ୍କୁ ଶୀଘ୍ର ଘଉଡାଇବା ପାଇଁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି । କାରଣ ସେମାନେ ପାଚିଲା ଧାନ କ୍ଷେତ ନଷ୍ଟ କରିବା ସହ ଗଛ ପ୍ରଭୃତି ଭାଙ୍ଗି ପକାଉଛନ୍ତି ।

ରାଜ୍ୟରେ କେତେ ପୁଞ୍ଜିନିବେଶ ହୋଇଛି ଶ୍ୱେତପତ୍ର ଜାରି କରନ୍ତୁ ସରକାର : ବିଜେଡି

ଭୁବନେଶ୍ୱର, (ସବ୍ୟ୍ୟ): ରାଜ୍ୟରେ ପୁଞ୍ଜିନିବେଶ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଛି ବିଜୁ ଜନତା ଦଳ । ପାରାଦୀପରେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ, ରାଜ୍ୟରେ ମୋଟ ନିବେଶ ପ୍ରସ୍ତାବ ପ୍ରାୟ ୨୩.୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି । କିନ୍ତୁ ଏହା ମଧ୍ୟରୁ କେବଳ ୩.୫ ଲକ୍ଷ କୋଟି ଟଙ୍କାର ନିବେଶ କାର୍ଯ୍ୟକାରୀ ପର୍ଯ୍ୟାୟରେ ପହଞ୍ଚିଥିବା କହିଛି ବିଜେଡି । ଏକ ପ୍ରେସ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଏହା ହେଉଛି ଡବଲ ଇଞ୍ଜିନ ସରକାରର ନିବେଶ ନୀତିର ସବୁଠାରୁ ବଡ଼ ବିଫଳତାର ପ୍ରମାଣ । ଲକ୍ଷ ଲକ୍ଷ କୋଟିର ଏମ୍‌ଓୟୁ ଓ ଇଣ୍ଟେଣ୍ଟ ଘୋଷଣା କରି ପ୍ରଚାର କରିବା ଏବଂ ସେଗୁଡ଼ିକୁ ବାସ୍ତବ ନିବେଶ ଓ କାରଖାନାରେ ପରିଣତ କରିବା ସମ୍ପୂର୍ଣ୍ଣ ଭିନ୍ନ । ରାଜ୍ୟରେ ନିବେଶ ନେଇ ମୁଖ୍ୟମନ୍ତ୍ରୀ ଯେଉଁ ଦାବି କରୁଛନ୍ତି, ତାହାର ଏକ ଛୋଟ ଅଂଶ ମାତ୍ର କାର୍ଯ୍ୟକାରୀ ପର୍ଯ୍ୟାୟରେ ପହଞ୍ଚିଛି । ଏଥିରୁ ସ୍ପଷ୍ଟ ଯେ, ଏମ୍‌ଓୟୁକୁ ବାସ୍ତବ ନିବେଶରେ ପରିଣତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାକୁ ପୁଞ୍ଜି ନିବେଶର ସ୍ୱୁଅ ଛୁଟୁଥିଲା । ବିଜେଡି ସରକାର ସମୟରେ ଓଡ଼ିଶାରେ ନିବେଶ ହାର ଜାତୀୟ ନିବେଶ ହାରଠୁ ଢେର ଅଧିକ ଥିଲା । ଡ଼ ମହାନ୍ତି କହିଥିଲେ ଯେ, ବିଦେଶ ଯାତ୍ରା, ଇନଭେଷ୍ଟର୍ସ ମିଟ୍ ଓ ଏମ୍‌ଓୟୁ ସ୍ୱାକ୍ଷର କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ସରକାର । ରାଜ୍ୟରେ କାରଖାନା ପ୍ରତିଷ୍ଠା ହେଉନାହିଁ, ନିଯୁକ୍ତି ନ ପାଇ ଯୁବକମାନେ ରାଜ୍ୟ ଛାଡ଼ି ବାହାରକୁ ଯାଉଛନ୍ତି । ଓଡ଼ିଶାର ଯୁବପିଢ଼ୀ ଚାକିରି ଚାହୁଁଥିବା ବେଳେ ସରକାର ଏମ୍‌ଓୟୁର ଫଟୋ ଦେଖାଉଛନ୍ତି । ସରକାର ତୁରନ୍ତ ପ୍ରକଳ

ସିଜେପିର ସୌରଭ ଦାସଙ୍କୁ ଲଣ୍ଡନ ଯିବାକୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ : କକ୍ରୋଚ ଜନତା ପାର୍ଟି ବା ସିଜେପିର ମୁଖ୍ୟ ମୁଖପାତ୍ର ସୌରଭ ଦାସଙ୍କୁ ଲଣ୍ଡନ ଯିବାକୁ ମିଳିନାହିଁ ଅନୁମତି। ସେ ଦିଲ୍ଲୀରୁ ଲଣ୍ଡନ ଯିବାକୁ ଚାହୁଁଥିବା ବେଳେ ଏୟାରପୋର୍ଟରେ ହିଁ ତାଙ୍କୁ ବିମାନରେ ବସିବାକୁ ବାରଣ କରି ଦିଆଯାଇଛି। ଏ ସମ୍ପର୍କରେ ସୌରଭ ନିଜେ ଏୟାରପୋର୍ଟରୁ ଗୋଟିଏ ଭିଡିଓ ଜାରି କରି ସମସ୍ତଙ୍କୁ ଜଣାଇଥିଲେ।ହେଲେ ଏବେ ତାଙ୍କୁ ଉଡ଼ାଣ ପାଇଁ ଅନୁମତି ନ ମିଳିବାର କାରଣ ଜାତୀୟ ମାଧ୍ୟମ ଗୋଟିଏ ସୂତ୍ରକୁ ଆଧାର କରି ରିପୋର୍ଟ ପ୍ରକାଶ କରିଛି।

ଏସପି -କଂଗ୍ରେସ ଆସନ ବୁଝାମଣା

ନୂଆଦିଲ୍ଲୀ: ଉତ୍ତରପ୍ରଦେଶବିଧାନସଭାନିର୍ବାଚନପୂର୍ବରୁ କଂଗ୍ରେସ ଓ ଅଖିଲେଶ ଯାଦବଙ୍କ ସମାଜବାଦୀ ପାର୍ଟି ବା ସପା ମଧ୍ୟରେ ସିଟ୍ ଶେୟାରିଂକୁ ଚୂଡ଼ାନ୍ତ କରିବାକୁ ଘନଘନ ବୈଠକ ବସିବାରେ ଲାଗିଛି।ସୋମବାର ପ୍ରଥମ ଥର ଦୁଇ ଦଳ ବୈଠକ କରିଥିଲେ ହେଁ ଏହା ୧୫ ମିନିଟରେ ଶେଷ ହୋଇଯାଇଥିଲା। ଆଜି ପୁଣି ଦୁଇ ଦଳର କିଛି ନେତା ଦିଲ୍ଲୀରେ ବୈଠକ କରିଛନ୍ତି। ହେଲେ ବୈଠକ ପୂର୍ବରୁ ବଡ଼ କଥା କହିଛନ୍ତି ସପାର ସାଂସଦ ରାଜୀବ ରାଏ। ଦଳ ପକ୍ଷରୁ କଂଗ୍ରେସକୁ ରାଜ୍ୟର ୨୬ଟି ଆସନ ଦେବାକୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, "ଆମେ ସିଟ୍ ସଂଖ୍ୟା ସମ୍ପର୍କରେ ଆଲୋଚନା କରିବୁ। ଆମେ ସେମାନଙ୍କୁ ୨୬ଟି ଆସନ ଦେବାକୁ ପ୍ରସ୍ତାବ ଦେଇଛୁ।"

ଯୌତୁକ ଦାବି ମହଙ୍gା ପଡିଲା ଚାକିରିରୁ ନିଲମ୍ବିତ ହେଲେ କନେଷ୍ଟବଳ

ନୂଆଦିଲ୍ଲୀ : ବାହାଘର ମଣ୍ଡପ ରେଡ଼ୀ ଥିଲା। ଡିଜେ ମଧ୍ୟ ପ୍ରସ୍ତୁତ ହୋଇ ରହିଥିଲା। କନ୍ୟା ଅପେକ୍ଷା କରିଥିବା ବେଳେ ଅତିଥିମାନେ ମଧ୍ୟ ଏକାଠି ହୋଇ ସାରିଥିଲେ। ସମସ୍ତେ ବାହାଘର ପାଇଁ ଉତ୍ସାହ ଥିବା ବେଳେ ବର ସାଜିବାକୁ ଥିବା ଦିଲ୍ଲୀ ପୁଲିସ୍ କନଷ୍ଟେବଳ ନେଇଥିଲେ ଚକିତ କରିବା ଭଳି ପଦକ୍ଷେପ। ସେ ହଠାତ୍ ବାହାଘରକୁ କରି ଦେଇଥିଲେ ବାତିଲ।କନଷ୍ଟେବଳ ଜଣଙ୍କ ଯୌତୁକରେ କାର ଚାହୁଁଥିଲେ। କନ୍ୟା ଘର ଲୋକ ଗୋଟିଏ ଅରା କାର ମଧ୍ୟ ବୁକ କରିଥିଲେ। ହେଲେ କନଷ୍ଟେବଳ ଜଣଙ୍କ ଏହାକୁ ପସନ୍ଦ କରି ନଥିଲେ। ସେ ମାରୁତି ବ୍ରିଜା ପାଇଁ ଅଡ଼ି ବସି ବାହାଘରକୁ ବାତିଲ କରି ଦେଇଛନ୍ତି। ହେଲେ ଯୌତୁକ ଲୋଭରେ ବାହାଘର ଭାଙ୍ଗିବା ତାଙ୍କୁ ମହଙ୍gା ପଡ଼ିଛି। ଘଟଣା ସାମ୍ନାକୁ ଆସିବା ପରେ ଦିଲ୍ଲୀ ପୁଲିସ୍ କନଷ୍ଟେବଳଙ୍କୁ ଚାକିରିରୁ ନିଲମ୍ବିତ କରିଦେଇଛି।

ମୋଟୋରୋଲାର "ଏଜ୍ ୭୦ ନିଓ' ଉନ୍ମୋଚିତ

ମୁମ୍ବାଇ: ମୋଟୋରୋଲା ପକ୍ଷରୁ ନୂଆ ସ୍ମାର୍ଟଫୋନ୍ "ମୋଟୋରୋଲା ଏଜ୍ ୭୦ ନିଓ' ଉନ୍ମୋଚିତ ହୋଇଛି । ଏଥିରେ ୫୦ ମେଗାପିକ୍ସେଲ୍ ସୋନି ଲାଇଟିଆ କ୍ୟାମେରା, ୬.୮ ଇଞ୍ଚର ଆମୋଲେଡ୍ ଡିସପ୍ଲେ, ସ୍ନାପଡ୍ରାଗନ୍ ୭ଏସ୍ ତୃତୀୟ ପିଢ଼ିର ପ୍ରୋସେସର ଏବଂ ୭୦୦୦ ଏମ୍ଏଏଚ୍ ବ୍ୟାଟେରୀ ରହିଛି । ଏହାର କ୍ୱାଡ୍-କର୍ଭଡ୍ ଡିଜାଇନ୍ ସହ ୧୫୪ ହର୍ଜ୍ ରିଫ୍ରେସ୍ ରେଟ୍ ଓ ଏଆଇ ଆଧାରିତ କ୍ୟାମେରା ଫଟୋ ଉଠାଇବା ଏବଂ ଭିଡିଓ ରେକର୍ଡିଂକୁ ଅଧିକ ଉନ୍ନତ କରିବ ।ଏଥିରେ ୩୨ ମେଗାପିକ୍ସେଲ୍ ସେଲଫି କ୍ୟାମେରା, ୪କେ ଭିଡିଓ ରେକର୍ଡିଂ, ଗୁଗୁଲ୍ ଜେମିନି ଓ ସର୍କଲ୍ ଟୁ ସର୍ଚ୍ଚ ଭଳି ସୁବିଧା ମଧ୍ୟ ରହିଛି । ମୋଟୋରୋଲା ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଟି.ଏମ୍. ନରସିଂମହନ କହିଛନ୍ତି, ଆଧୁନିକ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ ଉନ୍ନତ କ୍ୟାମେରା, ଆକର୍ଷଣୀୟ ଡିଜାଇନ୍ ଓ ଦୀର୍ଘସ୍ଥାୟୀ ବ୍ୟାଟେରୀର ସମନ୍ୱୟ କରାଯାଇଛି ।

ପୁଣି ବିଜେପି -ଅକାଳୀ ଦଳ ଏକାଠି

ନୂଆଦିଲ୍ଲୀ : ପଞ୍ଜାବରେ ୨୦୨୭ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ପୁଣିଥରେ ମେଣ୍ଟ କରିଛନ୍ତି। ୬ ବର୍ଷର ବିଚ୍ଛେଦ ପରେ ଦୁଇ ପୁରୁଣା ସହଯୋଗୀ ଏକାଠି ହେବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହସ୍ତକ୍ଷେପ ସହ ଗୁଜରାଟର ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପଞ୍ଜାବରେ ଦୁଇ ଦଳର ନିର୍ବାଚନୀ ସମ୍ଭାବନା ଆକଳନ କରିବା ପାଇଁ ପାଟିଲ ଭୂମିସ୍ତରରେ ଏକାଧିକ ସର୍ଭେ କରାଇଥିଲେ। ସର୍ଭେର ଫଳାଫଳ ମେଣ୍ଟ ସପକ୍ଷରେ ଯାଇଥିବାରୁ ଦଳୀୟ ନେତୃତ୍ୱ ଏହି ନିଷ୍ପତ୍ତି ନେଇଥିବା ରିପୋର୍ଟରେ କୁହାଯାଇଛି। ୪ ଥରର ସାଂସଦ ପାଟିଲ ଗୁଜରାଟର ନବସାରୀ ଲୋକସଭା ଆସନରୁ ନିର୍ବାଚିତ ହୋଇଛନ୍ତି।୧୯୯୫ରୁ ମୋଦୀଙ୍କ ସହ ତାଙ୍କର ରାଜନୈତିକ ସମ୍ପର୍କ ରହିଛି।

ବାଂଲା ବୈଦେଶିକ ମନ୍ତ୍ରୀଙ୍କ ଧମକ

ହସିନାଙ୍କୁ ହାତକଡ଼ି ପିନ୍ଧାଇ ଆଣିବୁ



ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ତାଙ୍କ ଦେଶକୁ ଫେରିବା ନେଇ ବିବାଦ ବୃଦ୍ଧି ପାଇଛି। ଡିସେମ୍ବର ୧୬ ତାରିଖରେ ହାସିନା ବାଂଲାଦେଶ ଫେରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି। ଏହି ତାରିଖକୁ ବାଂଲାଦେଶର ବିଜୟ ଦିବସ ଭାବରେ ପାଳନ କରାଯାଏ। ୧୬ ଡିସେମ୍ବର ୧୯୭୧ରେ ପାକିସ୍ତାନୀ ସେନା ଭାରତୀୟ ସେନା ନିକଟରେ ଆତ୍ମସମର୍ପଣ କରିଥିଲା। ଏହାପରେ ବାଂଲାଦେଶ ଏକ ସ୍ୱତନ୍ତ୍ର ଦେଶ ହୋଇଥିଲା। ତେବେ ବାଂଲାଦେଶ ସରକାର ସ୍ପଷ୍ଟ କରିଛନ୍ତି ଯେ, ତାଙ୍କୁ ଜଣେ ସାଧାରଣ ଯାତ୍ରୀ ଭାବରେ ଦେଶରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ବାଂଲାଦେଶର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହୁମାୟୁନ୍ କବୀର ଧମକ ଦେଇ କହିଛନ୍ତି, ହାସିନାଙ୍କୁ ହାତକଡ଼ି ପିନ୍ଧାଇ ଫେରାଇ ଅଣାଯାଇପାରିବ। ହସିନାଙ୍କ ଇଚ୍ଛା ଏବଂ ଦେଶର ପରିସ୍ଥିତି ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଅଛି। ମଙ୍ଗଳବାର ବୈଦେଶିକ ମନ୍ତ୍ରଣାଳୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ହୁମାୟୁନ୍ କବୀର ଏହି ବିବୃତି ଦେଇଛନ୍ତି। ସେ ପୂର୍ବରୁ ଢାକାରେ ବିଦେଶୀ କୂଟନୀତିଜ୍ଞମାନଙ୍କୁ ବାଂଲାଦେଶର ପରିସ୍ଥିତି ବିଷୟରେ ସୂଚନା ଦେଇଥିଲେ। କବୀର କହିଛନ୍ତି ଯେ, ହସିନାଙ୍କୁ ଦେଶକୁ ଫେରାଇ ଆଣିବା ପାଇଁ ପ୍ରତ୍ୟର୍ପଣ ପ୍ରକ୍ରିୟା ଆବଶ୍ୟକ ହେବ। ଏହା ବିନା ତାଙ୍କୁ ଫେରିବାକୁ ଅନୁମତି ଦିଆଯିବ ନାହିଁ। ଜଣେ ସ୍ୱେଚ୍ଛାକୃତ ଭାବରେ ଫେରିବାର ସ୍ୱପ୍ନ ଦେଖିପାରିବେ, କିନ୍ତୁ ବାସ୍ତବତା ଭିନ୍ନ। ହସିନା ଜଣେ ସାଧାରଣ ବିମାନ ଯାତ୍ରୀ ନୁହଁନ୍ତି। ହସିନାଙ୍କ ମୁଖପାତ୍ର କହିଛନ୍ତି ଯେ, ତାଙ୍କୁ ୫ ଅଗଷ୍ଟ ୨୦୨୪ରେ ଏକ ବାଂଲାଦେଶୀ ବିମାନରେ ଭାରତ ଅଣାଯାଇଥିଲା। ଏବେ ତାଙ୍କୁ ଦିଲ୍ଲୀରୁ ଢାକା ଫେରିବା ପାଇଁ ଏକ ବିମାନ ବ୍ୟବସ୍ଥା କରିବା ସରକାରଙ୍କ ଦାୟିତ୍ୱ। ହସିନା ବାଂଲାଦେଶ ଏୟାରଲାଇନ୍ସ ବିମାନରେ ଯାତ୍ରା କରିବାକୁ ଅନୁରୋଧ କରିଛନ୍ତି।ବାଂଲାଦେଶ ସରକାର ପୂର୍ବରୁ ଭାରତକୁ ହସିନାଙ୍କ ପ୍ରତ୍ୟର୍ପଣ ଦାବି କରିସାରିଛନ୍ତି। ସରକାର କହିଛନ୍ତି ଯେ, ତାଙ୍କୁ ଫେରାଇ ଅଣାଯିବ ଏବଂ ଜେଲ୍ ପଠାଯିବ। ଏହି ସମୟରେ କବୀର ଅଭିଯୋଗ କରିଛନ୍ତି ଯେ, ହସିନାଙ୍କ ଦଳ ଆୱାମୀ ଲିଗ୍ର ସମର୍ଥକମାନେ ବାଂଲାଦେଶରେ ହିଂସା ଏବଂ ଆକ୍ରମଣ ପଛରେ ଅଛନ୍ତି। ସେ ଏହା ମଧ୍ୟ ଅଭିଯୋଗ କରିଛନ୍ତି, ହସିନା ଦିଲ୍ଲୀରେ ରହି ଦଳର କାର୍ଯ୍ୟକଳାପକୁ ସମର୍ଥନ କରୁଛନ୍ତି। ଭାରତ କହିଛି, ବାଂଲାଦେଶର ପ୍ରତ୍ୟର୍ପଣ ଅନୁରୋଧ ଉପରେ ବିଚାର କରିବ। ତେବେ ହସିନାଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

୧୬ରେ ଫେରିବେ ସ୍ୱଦେଶ

ନୂଆଦିଲ୍ଲୀ : ଦୀର୍ଘ ୨ ବର୍ଷ ହେଲା ଭାରତରେ ଆତ୍ମଗୋପନ କରିଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ସ୍ୱଦେଶ ଫେରିବେ। ଡିସେମ୍ବର ୧୬ରେ ସେ ବାଂଲାଦେଶ ଫେରିବେ ବୋଲି ଆଜି ଘୋଷଣା କରିଛନ୍ତି। ବାଂଲାଦେଶରେ ଏବେ ହସିନାଙ୍କୁ ନେଇ ରାଜନୀତିକ ଓ ଆଇନଗତ ବିବାଦ ଲାଗି ରହିଥିବା ବେଳେ ପ୍ରଥମ ଥର ପାଇଁ ସେ ସ୍ୱଦେଶ ଫେରିବାର ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସାର୍ବଜନୀନ କରିଛନ୍ତି।ଡିସେମ୍ବର ୧୬ ହେଉଛି ବାଂଲାଦେଶର ବିଜୟ ଦିବସ। ୧୯୭୧ ମସିହା ଡିସେମ୍ବର ୧୬ରେ ପାକିସ୍ତାନ ଠାରୁ ଅଲଗା ହୋଇ ବାଂଲାଦେଶ ଗଠନ ହୋଇଥିଲା। ଖାସ ସେଥିପାଇଁ ୨ ବର୍ଷ ହେଲା ଭାରତରେ ଆତ୍ମଗୋପନ କରିଥିବା ହସିନା ଡିସେମ୍ବର ୧୬ରେ ହିଁ ବାଂଲାଦେଶ ଫେରିବାକୁ ଯୋଜନା କରିଛନ୍ତି। ହସିନାଙ୍କ ମୁଖପାତ୍ର ସୟିଦ ମୋଜାମେଲ ଅଲୀ ତାଙ୍କର ବାଂଲାଦେଶ ଫେରିବା ଖବରକୁ ନିଶ୍ଚିତ କରିଛନ୍ତି।

ଗୁପ୍ତଚରୀ ଅଭିଯୋଗ: ଚୀନ୍ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡ

ବେଜିଂ: ବିଦେଶୀ ଦେଶ ପାଇଁ ଗୁପ୍ତଚରୀ ଏବଂ ଜାତୀୟ ଗୁପ୍ତ ତଥ୍ୟ ଲିକ୍ କରିବା ଅଭିଯୋଗରେ ଜଣେ ଚୀନ୍ ସରକାରୀ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି। ସରକାରୀ ସଂଗଠନ ସହିତ ଜଡିତ ପ୍ରକାଶନ କମ୍ପାନି ଗୋଲ୍ଡ ୱାଲ୍ ପ୍ରେସ୍ ଏସମ୍ପର୍କରେ ରିପୋର୍ଟ କରିଛି। କମ୍ପାନି ଅନୁଯାୟୀ, ଅଧିକାରୀ ଜଣକ ଏକ ବିଦେଶୀ ଗୁପ୍ତଚର ସଂସ୍ଥାକୁ ଶ୍ରେଣୀ ସୂଚନା ପ୍ରଦାନ କରିଥିଲେ ଯାହାକୁ ଚୀନ୍ ଜାତୀୟ ଗୁପ୍ତ ତଥ୍ୟ ଭାବରେ ବର୍ଗୀକୃତ କରିଥାଏ। ବଦଳରେ ତାଙ୍କୁ ଏକ ମିଲିୟନ ୟୁଆନ୍ ବା ୧୫୦ ହଜାର ହଲାରୁ ଅଧିକ ଅର୍ଥ ମିଳିଥିଲା। ଗୋଲ୍ଡ ୱାଲ ପ୍ରେସ୍ର ଏକ ବିବୃତି ଅନୁଯାୟୀ, ଦୋଷୀ ସାବ୍ୟସ୍ତ ହୋଇଥିବା ଅଧିକାରୀ ଯାହାଙ୍କ ଉପନାମ 'ମା' ଥିଲା। ସେ ବିଦେଶରେ କାମ କରୁଥିବା ସମୟରେ ଏକ ବିଦେଶୀ ଗୁପ୍ତଚର ସଂସ୍ଥା ସହିତ ଯୋଗାଯୋଗ କରିଥିଲେ। ସଂସ୍ଥା ତାଙ୍କୁ ସେମାନଙ୍କ ପାଇଁ କାମ କରିବାକୁ ପ୍ରବର୍ତ୍ତାଇଥିଲା। ତା'ପରେ ଉଭୟଙ୍କ ମଧ୍ୟରେ ଏକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ଗୋପନୀୟତା ଏବଂ ବିଶ୍ୱସ୍ତତା ସମ୍ପର୍କିତ ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଥିଲା। ପ୍ରତିବଦଳରେ 'ମା'ଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରାଯାଉଥିଲା। ସାଧାରଣତଃ ଚୀନ୍ କୋର୍ଟଗୁଡ଼ିକ ଜାତୀୟ ସୁରକ୍ଷା ଏବଂ ଗୁପ୍ତଚର ମାମଲା ସହିତ ଜଡିତ ସୂଚନା ପ୍ରକାଶ କରନ୍ତି ନାହିଁ। ତେବେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଚୀନ୍ର ଶକ୍ତିଶାଳୀ ଜାତୀୟ ସୁରକ୍ଷା ମନ୍ତ୍ରଣାଳୟ ଏବଂ ଗୋଲ୍ଡ ୱାଲ୍ ପ୍ରେସ୍ ଏପରି ମାମଲାଗୁଡ଼ିକର ସାର୍ବଜନୀନ ପ୍ରକାଶନ ବୃଦ୍ଧି କରିଛନ୍ତି। ଏଥିରେ ସୋସିଆଲ ମିଡିଆ ମାଧ୍ୟମରେ ଗୁପ୍ତଚର ଗିରଫଦାରୀ ଏବଂ ଜାତୀୟ ସୁରକ୍ଷା ମାମଲା ବିଷୟରେ ସୂଚନା ସେୟାର କରିବା ଅନ୍ତର୍ଭୁକ୍ତ ରହିଛି। ଏହା ସହିତ ଗୁପ୍ତଚରୀ ବିପଦ ଏବଂ ବିଦେଶୀ ଗୁପ୍ତଚର ଏଜେନ୍ସିଗୁଡ଼ିକ ବିରୋଧରେ ସତର୍କ ରହିବାର ଆବଶ୍ୟକତା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏଥିପାଇଁ ଚଳଚ୍ଚିତ୍ର ଏବଂ କମିକ୍ସର ବ୍ୟବହାର କରାଯାଉଛି।

ଇରାନୀ ଗାୟିକାଙ୍କୁ ୭୪ ଥର ଚାବୁକ୍ ମାଡ଼

ତେହେରାନ୍ : ହିଜାବ ବିନା ପ୍ରଦର୍ଶନ କରିଥିବା ଇରାନୀ ଗାୟିକା ପରସ୍ତୁ ଅହମଦିଙ୍କୁ ୭୪ ଥର ଚାବୁକ୍ ମାଡ଼ କରାଯାଇଛି। ତାଙ୍କ ପ୍ରଯୋଜନା ଦଳର ଅନ୍ୟ ଚାରି ଜଣ ସଦସ୍ୟଙ୍କୁ ମଧ୍ୟ ସମାନ ଦଣ୍ଡ ଦିଆଯାଇଛି। ଏହି ପାଞ୍ଚ ଜଣଙ୍କୁ ଅଶ୍ଳୀଳ ଏବଂ ଅନୈତିକ ବିବେଚିତ ଅନଲାଇନ୍ ବିଷୟବସ୍ତୁ ସୃଷ୍ଟି ଏବଂ ପ୍ରକାଶନ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଇରାନୀ ନ୍ୟୁଜ୍ ୱେବସାଇଟ୍ ଏମ୍ଫେଦାଦ୍ରେ ଆଇନଜୀବୀ ମୁସ୍ତାଫା ନିଲିଙ୍କ ସୂଚନା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ଅହମଦି ଏବଂ ତାଙ୍କ ଦଳର ଚାରି ଜଣ ସଦସ୍ୟଙ୍କୁ ଦୁଇ ବର୍ଷ ପାଇଁ କଳାତ୍ମକ ଏବଂ ସଂଗୀତ କାର୍ଯ୍ୟକଳାପରେ ସାମିଲ ହେବା ଏବଂ ବିଦେଶ ଯାତ୍ରା କରିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣା ଡିସେମ୍ବର ୨୦୨୪ରେ ପ୍ରସାରିତ ଏକ ଅନଲାଇନ୍ କନସର୍ଟ ସହ ଜଡ଼ିତ। ପରସ୍ତୁ ଅହମଦି ପୁରୁଷ ସଂଗୀତଜ୍ଞଙ୍କ ସହିତ କନସର୍ଟ କରିଥିଲେ। ଏହା ୟୁଟ୍ୟୁବରେ ରିଲିଜ୍ ହୋଇଥିଲା। ଅହମଦି ଇରାନରେ ମହିଳାଙ୍କ ପାଇଁ ବାଧ୍ୟତାମୂଳକ ହିଜାବ ନିୟମ ପାଳନ କରିନଥିଲେ। କନସର୍ଟ ଇରାନର କୋମ୍ ସହର ନିକଟରେ ଅବସ୍ଥିତ ଐତିହାସିକ ଦେଇର-ଏ ଗଚିନ୍ କାରୱାଂସରାଇରେ ସୁଟିଂ କରାଯାଇଥିଲା। ପ୍ରାଚୀନ କାଳରେ ଏହି ସ୍ଥାନକୁ ଯାତ୍ରୀମାନଙ୍କ ରହିବା ପାଇଁ ଏକ ସ୍ଥାନ ଭାବରେ ବ୍ୟବହାର କରାଯାଉଥିଲା। ଏହି କନ୍ସର୍ଟଟି କମ୍ ଆଲୋକ ଥିବା ମଞ୍ଚରେ ସୁଟିଂ କରାଯାଇଥିଲା। ମଞ୍ଚ ଉପରେ ଏକ ବଡ଼ ପାରସ୍ୟ କାର୍ପେଟ ବିଛାଯାଇଥିଲା। କାର୍ଯ୍ୟକ୍ରମରେ କୌଣସି ଲାଇଭ୍ ଦର୍ଶକ ଉପସ୍ଥିତ ନଥିଲେ। ପରସ୍ତୁ ଅହମଦି ଲମ୍ବା କଳା ପୋଷାକ ପିନ୍ଧିଥିଲେ ଏବଂ ତାଙ୍କ କେଶ ଖୋଲା ଥିଲା।

ଦ. କୋରିଆରେ ରୁଷୀୟ ବିମାନ ନେଇ ଆତଙ୍କ

ଭୂତଳ ଆଶ୍ରୟସ୍ଥଳରେ ଆଶ୍ରୟ ନେବାକୁ ଲୋକଙ୍କୁ ନିର୍ଦ୍ଦେଶ

ସିଓଲ : କୋରିଆନ୍ ଉପଦ୍ୱୀପ ଏବଂ ଜାପାନ ମଧ୍ୟରେ ସମୁଦ୍ର ଉପରେ ଅନେକ ରୁଷୀୟ ବିମାନ ଦେଶର ବାୟୁ ପ୍ରତିରକ୍ଷା କ୍ଷେତ୍ରରେ ପ୍ରବେଶ କରିବା ପରେ ଦକ୍ଷିଣ କୋରିଆ। ଏହାର ପୂର୍ବ ଦ୍ୱୀପ ଉଲେଉଙ୍ଗର ବାସିନ୍ଦାମାନଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛି। ତେବେ ଦକ୍ଷିଣ କୋରିଆ। ସେନା ପରେ ସ୍ପଷ୍ଟ କରିଛି ଯେ, ରୁଷୀୟ ବିମାନ ଦେଶର ବାୟୁ ସୀମାରେ ପ୍ରବେଶ କରିନାହିଁ। ଦକ୍ଷିଣ କୋରିଆର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ମଙ୍ଗଳବାର ଏକ ବିବୃତି ଜାରି କରି ପୂର୍ବ ରିପୋର୍ଟକୁ ସଂଶୋଧନ କରିଛନ୍ତି। ପୂର୍ବରୁ ଗୃହ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷ କହିଥିଲେ ଯେ, ବିଦେଶୀ ବିମାନ ଦକ୍ଷିଣ କୋରିଆ। ବାୟୁ ସୀମା ଉଲ୍ଲଙ୍ଘନ କରିଛି। ସେତେବେଳେ ସନ୍ଦେହ କରାଯାଉଥିଲା



ଯେ, ବିମାନଗୁଡ଼ିକ ଉତ୍ତର କୋରିଆର। ଦକ୍ଷିଣ କୋରିଆର ଜାତୀୟ ସୁରକ୍ଷା ମନ୍ତ୍ରଣାଳୟ ସକାଳ ପ୍ରାୟ ୭:୫୨ ସମୟରେ ଉଲେଉଙ୍ଗ ଦ୍ୱୀପର ବାସିନ୍ଦାଙ୍କୁ ଭୂତଳ ଆଶ୍ରୟସ୍ଥଳରେ ଆଶ୍ରୟ ନେବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଏହି ନିର୍ଦ୍ଦେଶ ତିନି ମିନିଟ୍ ପରେ ପ୍ରତ୍ୟାହାର କରାଯାଇଥିଲା। ମନ୍ତ୍ରଣାଳୟ କହିଥିଲା ଯେ, ବିମାନଗୁଡ଼ିକ ସମ୍ବେଦନଶୀଳ କ୍ଷେତ୍ରରୁ ବାହାରି ଯାଇଛନ୍ତି। ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ଙ୍କ ଅନୁଯାୟୀ, ରୁଷୀୟ ବିମାନ ଆସିବା ପରେ ଦକ୍ଷିଣ କୋରିଆ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ଜବାବ ଦେବା ପାଇଁ ନିଜର ଲଢୁଆ ବିମାନ ପ୍ରସ୍ତୁତ କରିଥିଲା। ତେବେ ରୁଷୀୟ ବିମାନଗୁଡ଼ିକ ଚାଲିଯାଇଥିଲା। କେତେ ସଂଖ୍ୟକ ରୁଷୀୟ ବିମାନ ଆସିଥିଲା କିମ୍ବା ସେଗୁଡ଼ିକ କେଉଁ ପ୍ରକାରର ତାହା ସେନା ସ୍ପଷ୍ଟ କରିନାହିଁ।

ପୁଣେରେ ଲିଭ୍-ଇନ୍ ସାଥୀଙ୍କୁ ହତ୍ୟା

ପୁଣେ: ମହାରାଷ୍ଟ୍ରର ପୁଣେସ୍ଥିତ ହିଞ୍ଜେୱାଡି ଅଞ୍ଚଳରେ ଜଣେ ଯୁବ ସଫ୍ଟୱେର୍ ଇଞ୍ଜିନିୟର ନିଜ ଲିଭ୍-ଇନ୍ ସାଥୀଙ୍କୁ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟା ପରେ ସେ ରାତିସାରା ଯୁବତୀଙ୍କ ମୃତଦେହ ପାଖରେ ବସି ରହିଥିଲେ। ସୋମବାର ସକାଳେ ପୁଲିସକୁ ଫୋନ୍ କରି ଆତ୍ମଗ୍ଲାନ୍ନି ପଠାଇବାକୁ କହିଥିଲେ। ପୁଲିସ ତାଙ୍କୁ ଗିରଫ କରିଛି।ମୃତ ଯୁବତୀଙ୍କ ନାମ କୋମଲ ରାଜେନ୍ଦ୍ର ଡାହାକେ (୨୭)। ସେ ମହାରାଷ୍ଟ୍ରର ୱର୍ଦ୍ଧା ଜିଲ୍ଲାର ବାସିନ୍ଦା ଏବଂ ପୁଣେରେ ଥିବା ଏକ ଆଇଟି କମ୍ପାନି ୱିପ୍ରୋରେ କାମ କରୁଥିଲେ। ଅଭିଯୁକ୍ତ ଶୁଭମ୍ ଜ୍ଞାନେଶ୍ୱର କଲବଣ୍ଡେ (୩୦) ଇନ୍ଫୋସିସ୍ରେ ସଫ୍ଟୱେର୍ ଇଞ୍ଜିନିୟର ଥିଲେ। ସେ ମହାରାଷ୍ଟ୍ରର ବୁଲଢାଣା ଜିଲ୍ଲାର ବାସିନ୍ଦା। ଉଭୟ ପ୍ରାୟ ସାଢ଼େ ତିନି ବର୍ଷ ଧରି ସମ୍ପର୍କରେ ଥିଲେ ଏବଂ ବିବାହ କରିବାକୁ ଯୋଜନା କରୁଥିଲେ। ସେମାନଙ୍କ ସମ୍ପର୍କ ବିଷୟରେ ଉଭୟ ପରିବାର ମଧ୍ୟ ଜାଣିଥିଲେ।ପୁଲିସ ସୂଚନା ଅନୁସାରେ, କୋମଲ ପୁଣେର ହିଞ୍ଜେୱାଡିସ୍ଥିତ ସାଖାରେ ୱସ୍ତି ଅଞ୍ଚଳର ପ୍ରିଷ୍ଟିନ୍ ପେଙ୍ଗ ଗେଷ୍ଟ୍ (ପିଜି)ରେ ରହୁଥିଲେ। ରବିବାର ରାତିରେ ଉଭୟ ଏକ ହୋଟେଲରେ ରାତ୍ରିଭୋଜନ କରିବା ପରେ କୋମଲଙ୍କ ରହଣିସ୍ଥଳକୁ ଫେରିଥିଲେ। ସେଠାରେ ରାତି ପ୍ରାୟ ସାଢ଼େ ୧୨ଟାରେ

ଏକ୍ ବିହାରୀ ସବ୍‌ପେ ଭାରୀ

୫୩ ବଲ୍, ୨୮ ଛକା, ୭ ଚୌକା, ୨୦୪ ରନ



ଲିଷ୍ଟ ଏ କ୍ରିକେଟରେ ସବୁଠାରୁ ଦ୍ରୁତ ଦ୍ୱିଶତକ(ବଲ ହିସାବରେ)

- ୫୨ ବୈଭବ ସୂର୍ଯ୍ୟବଂଶୀ ଇଣ୍ଡିଆ ଏ ବନାମ ୟୁଏଇ (୨୦୨୬)
- ୧୦୩ ଚାଡ୍ ବୋଉସ୍ କ୍ୟାଣ୍ଟରବେରୀ ବନାମ ଓଟାଗୋ, ଖ୍ରୀଷ୍ଟଚର୍ଚ ୨୦୨୪
- ୧୨୪ ଏନ ଜଗଦୀଶନ ତାମିଲନାଡୁ ବନାମ ଅରୁଣାଚଳ, ବେଙ୍ଗାଲୁରୁ ୨୦୨୨
- ୧୧୪ ହ୍ୟାରି ବ୍ରୁକ ଇଂଲଣ୍ଡ ବନାମ ଶ୍ରୀଲଙ୍କା, ରାୱଲପିଣ୍ଡି ୨୦୨୬

ପ୍ରଫେସନାଲ କ୍ରିକେଟର ଗୋଟିଏ ଇନିଂସରେ ସର୍ବାଧିକ ଛକା

- ୨୮ ବୈଭବ ସୂର୍ଯ୍ୟବଂଶୀ, ଭାରତ ଏ ବନାମ ୟୁଏଇ (୨୦୨୬)
- ୨୬ ତନ୍ମୟ ଅଗ୍ରୱାଲ, ହାଇଦ୍ରାବାଦ ବନାମ ଅରୁଣାଚଳ, ହାଇଦ୍ରାବାଦ ୨୦୨୪
- ୨୩ କଲିନ୍ ମୁନରୋ, ଅକଲ୍ୟାଣ୍ଡ ବନାମ ସେଣ୍ଟ୍ରାଲ୍ ଡିଷ୍ଟ୍ରିକ୍ଟ, ନାପିଅର ୨୦୧୫ (ପ୍ଲଙ୍କେଟ୍ ସିଲ୍ଡ)
- ୨୩ ଡାର୍ସି ସର୍ଟ, ପଶ୍ଚିମ ଅଷ୍ଟ୍ରେଲିଆ ବନାମ କୁଇନ୍ସଲ୍ୟାଣ୍ଡ, ସିଡନୀ ୨୦୧୮ (ୱାନି ଡେ କପ୍)

ଲିଷ୍ଟ ଏ ଇନିଂସରେ ସର୍ବାଧିକ ଛକା

- ୨୮ ବୈଭବ ସୂର୍ଯ୍ୟବଂଶୀ ଭାରତ ଏ ବନାମ ୟୁଏଇ (୨୦୨୬)
- ୨୩ ଡାର୍ସି ସର୍ଟ ପଶ୍ଚିମ ଅଷ୍ଟ୍ରେଲିଆ ବନାମ କ୍ୱିନ୍ସଲ୍ୟାଣ୍ଡ, ସିଡନୀ (୨୦୧୮)
- ୨୧ ବେଭନ୍ ଜ୍ୟାକବ୍ସ ଅକଲ୍ୟାଣ୍ଡ ବନାମ ଓଟାଗୋ, ଅକଲ୍ୟାଣ୍ଡ (୨୦୨୬)

ସବୁଠାରୁ ଦ୍ରୁତ ଲିଷ୍ଟ- ଏ ଶତକ(ବଲ ହିସାବରେ)

- ୨୮ ବୈଭବ ସୂର୍ଯ୍ୟବଂଶୀ ଇଣ୍ଡିଆ ଏ ବନାମ ୟୁଏଇ ୨୦୨୬
- ୨୯ ଜେକ୍ ଫ୍ରେଜର-ମ୍ୟାକଗର୍କ, ଦକ୍ଷିଣ ଅଷ୍ଟ୍ରେଲିଆ ବନାମ ତସମାନିଆ, ଆଡିଲେଡ୍ ୨୦୨୩
- ୩୧ ଏବି ଡି ଭିଲିୟର୍ସ, ଦକ୍ଷିଣ ଅଷ୍ଟ୍ରେଲିଆ ବନାମ ୱେଷ୍ଟଇଣ୍ଡିଜ୍, ଜୋହାନ୍ସବର୍ଗ ୨୦୧୫
- ୩୧ ସାକିବୁଲ ଗାନି, ବିହାର ବନାମ ଅରୁଣାଚଳ, ରାଞ୍ଚି ୨୦୨୫
- ୩୩ ଇଶାନ୍ କିଶାନ୍, ଝାଡଖଣ୍ଡ ବନାମ କର୍ଣ୍ଣାଟକ, ଅହମ୍ମଦାବାଦ ୨୦୨୫

ପ୍ରଫେସନାଲ କ୍ରିକେଟରେ ଶତକ ପୂରା କରିବାକୁ ବୈଭବ ଖେଳିଥିବା ବଲ୍ ସଂଖ୍ୟା

- ୨୮ ଭାରତ ଏ ବନାମ ୟୁଏଇ ଦୋହା ୨୦୨୬ (ଲିଷ୍ଟ ଏ)
- ୩୨ ଭାରତ ଏ ବନାମ ୟୁଏଇ ଦୋହା ୨୦୨୫ (ଟି-୨୦)
- ୩୫ ରାଜସ୍ଥାନ ରୟାଲ୍ସ ବନାମ ଗୁଜରାଟ ଟାଇଟାନ୍ସ ଜୟପୁର ୨୦୨୫ (ଟି-୨୦)
- ୩୬ ବିହାର ବନାମ ଅରୁଣାଚଳ ପ୍ରଦେଶ ରାଞ୍ଚି ୨୦୨୫ (ଲିଷ୍ଟ-ଏ)
- ୩୬ ରାଜସ୍ଥାନ ରୟାଲ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ଜୟପୁର ୨୦୨୬ (ଟି-୨୦)
- ୫୮ ବିହାର ବନାମ ମହାରାଷ୍ଟ୍ର କୋଲକାତା ୨୦୨୫ (ଟି-୨୦)

ନୂଆଦିଲ୍ଲୀ, ୨୪।୨୨(ଏଜେନ୍ସି) : ଏସିଆ କପ୍ ରାଇଜିଂ ଷ୍ଟାର୍ସ ପ୍ରତିଯୋଗିତାରେ ବୈଭବ ସୂର୍ଯ୍ୟବଂଶୀ ନିଜର ଭୈରବ ରୂପ ଦେଖାଇଛନ୍ତି। ଦୋହାରେ ସେ ବିଶ୍ୱ କାର୍ତ୍ତିମାନ ରଚିଛନ୍ତି। ସେ ଏଭଳି ରେକର୍ଡ କରିଛନି ଯାହାକୁ ଭାଙ୍ଗିବା କୌଣସି କ୍ରିକେଟରଙ୍କ ପାଇଁ ସ୍ୱପ୍ନ ଭଳି ଲାଗୁଛି। ୟୁନାଇଟେଡ୍ ଆରବ ଏମିରେଟସ୍ ବିପକ୍ଷ ମ୍ୟାଚରେ ବୈଭବ ୫୩ ବଲରୁ ୨୦୪ ରନର ବିସ୍ଫୋରକ ଦୁଇଶତକୀୟ ଇନିଂସ ଖେଳି ବିଶ୍ୱ କ୍ରିକେଟରେ ଚହଳ ସୃଷ୍ଟି କରିଛନ୍ତି। ଗ୍ରୁପ ବିର ଏହି ମ୍ୟାଚରେ ୟୁଏଇ ୫୦ ଓଭରରେ ୮ ୱିକେଟ ହରାଇ ୨୪୯ ରନ କରିଥିଲା। ଜବାବ୍‌ରେ ଭାରତ ଏ ୧୪.୨ ଓଭରରେ ୩ ୱିକେଟ ହରାଇ ୨୫୪ ରନ କରି ବିଜୟ ହାସଲ କରିଛି। ଭାରତର ଏହି ଇନିଂସରେ ବୈଭବଙ୍କ ପ୍ରଦର୍ଶନ ଖୁବ୍ ଚକିତ୍ କଲାଭଳି ହୋଇଛି। ସେ ୫୩ ବଲରୁ ୨୮ ଛକା, ୭ଚୌକା ମାରି ୨୦୪ ରନ କରିଛନ୍ତି। ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ବୈଭବଙ୍କ ଏହି ବିଧ୍ୱଂସୀ ଇନିଂସରେ ୨୮ ବଲରୁ ଶତକ ହୋଇଥିଲା। ଅଷ୍ଟ୍ରେଲିଆର ଜ୍ୟାକ୍ ଫ୍ରେଜର ମ୍ୟାକଗର୍ଗଙ୍କ ୨୯ ବଲରୁ ଶତକ ରେକର୍ଡକୁ ନିମିଷକରେ ଭାଙ୍ଗିଥିଲେ ବୈଭବ। ଗର୍ଗ ଜ୍ୟାକ୍ ଫ୍ରେଜର ୨୦୨୩ରେ ଦକ୍ଷିଣ ଅଷ୍ଟ୍ରେଲିଆ ପାଇଁ ତାସମାନିଆ ଆଡିଲେଡ୍ ବିପକ୍ଷରେ ଶତକ ମାରିଥିଲେ। ବୈଭବ ଓ ବୋଏସଙ୍କ ପରେ ଦ୍ରୁତତମ ଶତକ ହାସଲ କରିବା ତାଲିକାରେ ଭାରତର ଏନ୍ ଜଗଦେଶାନଙ୍କ ନାଁ ରହିଛି। ସେ ୨୦୨୨ରେ ଅରୁଣାଞ୍ଚଳ ବିପକ୍ଷରେ ତାମିଲନାଡୁ ପକ୍ଷରୁ ୧୨୪ ବଲରେ ୨ ଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ରେକର୍ଡ ଉପରେ ନଜର ପକାଇଲେ ଦ୍ରୁତତମ ୨ ଶତକ ହ୍ୟାରି ବ୍ରୁକଙ୍କ ନାଁରେ ରହିଛି। ସେ ୧୧୪ ବଲରେ ୨ ଶତକ ପୂରଣ କରିଥିଲେ। ଏସବୁ ରେକର୍ଡକୁ ବୈଭବ ଭାଙ୍ଗିଦେଇଛନ୍ତି।

ପେଶାଦାର କ୍ରିକେଟରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ବୈଭବ ନିଜ ନାଁରେ କରିଛନ୍ତି। ପୂର୍ବରୁ ଏହି ହାଇଦ୍ରାବାଦର ତନ୍ମୟ ଅଗ୍ରୱାଲଙ୍କ ନାଁରେ ଥିଲା। ସେ ୨୦୨୪ରେ ଅରୁଣାଚଳ ବିପକ୍ଷ ରଣଜୀ ମ୍ୟାଚରେ ୨୬ ଛକା ମାରିଥିଲେ। କେବଳ ଲିଷ୍ଟ ଏ ନୁହେଁ ପେଶାଦାର କ୍ରିକେଟରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଠାରୁ କମ୍ ବଲରେ ବିଶ୍ୱର କୌଣସି କ୍ରିକେଟର ଶତକ କିମ୍ବା ଦୁଇ ଶତକ ମାରିନାହାଁନ୍ତି। ଅନ୍ତର୍ଜାତୀୟ ଦିନିକିଆରେ ଦ୍ରୁତତମ ଶତକ ହାସଲ କରିଥିବା ଖେଳାଳି ହେଉଛନ୍ତି ଦ. ଆଫ୍ରିକାର ଏ ବି ଡିଭିଲିୟର୍ସ। ସେ ୨୦୧୫ ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚରେ ୩୧ ବଲରେ ଶତକ ହାସଲ କରିଥିଲେ। ୨୦୨୫ରେ ବିହାରର ସାକିବୁଲ ଗନି ଅରୁଣାଚଳ ବିପକ୍ଷ ମ୍ୟାଚରେ ୩୨ ବଲରେ ଶତକ ଓ ଇଶାନ କିଶାନ ଝାଡଖଣ୍ଡ ପାଇଁ ୨୦୨୫ରେ ୩୩ ବଲରେ ଶତକ ହାସଲ କରିଥିଲେ। ବୈଭବ ୨୮ ବଲରେ ଶତକ ଏବଂ ୫୨ ବଲରେ ଦୁଇ ଶତକ ମାରି ସମସ୍ତଙ୍କୁ ପଛରେ ପକାଇଦେଇଛନ୍ତି। କେବଳ ଶତକ କିମ୍ବା ଦୁଇ ଶତକ ନୁହେଁ ୧୫୦ ରନ ପୂରଣ କରିବାରେ ମଧ୍ୟ ନୂଆ ରେକର୍ଡ କରିଛନ୍ତି। ୟୁଏଇ ବିପକ୍ଷ ମ୍ୟାଚରେ ୪୦ ବଲରେ ୧୫୦ ରନ ପୂରଣ କରିଥିଲେ। ପୂର୍ବରୁ ଦ୍ରୁତତମ ଶତକ ପୂରଣ କରିବା ରେକର୍ଡ ମଧ୍ୟ ତାଙ୍କ ନାଁରେ ଥିଲା। ସେ ୨୦୨୫ରେ ୫୯ ବଲରେ ୧୫୦ ରନ ପୂରଣ କରିଥିଲେ। ସୂର୍ଯ୍ୟବଂଶୀଙ୍କ ପଛକୁ ଡିଭିଲିୟର୍ସଙ୍କ ନାଁ ରହିଛି। ସେ ୨୦୧୫ରେ ୬୪ ବଲରେ ୧୫୦ ରନ ପୂରଣ କରିଥିଲେ। ୨୦୨୨ରେ ଇଂଲଣ୍ଡର ଜୋସ୍ ବଟଲର ୬୫ ବଲରୁ ୧୫୯ ରନ କରିଥିଲେ। ପୂର୍ବରୁ ବୈଭବ ୨୦୨୫-୨୬ ବିଜୟ ହଜାରେ ଟ୍ରଫିରେ ୩୬ ବଲରେ ଶତକ ଏବଂ ୮୪ ବଲରେ ୧୯୦ ରନର ଇନିଂସ ଖେଳିଥିଲେ। ବୈଭବଙ୍କ ବିସ୍ଫୋରଣ ଯୋଗୁ ଲିଷ୍ଟ ଏରେ ଭାରତ ମଧ୍ୟ ନୂଆ ରେକର୍ଡ କରିଛି। ଲିଷ୍ଟ ଏରେ ଭାରତ ୫ ଓଭର ଭିତରେ ଦଳୀୟ ସ୍କୋର ୧୦୦ ଟପିଥିଲା। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡ ନାଁରେ ଥିଲା। ୨୦୧୫ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ନ୍ୟୁଜିଲାଣ୍ଡ ୬.୩ ଓଭରରେ ୧୦୦ ରନ କରିଥିଲା।



ତେଣୁ ଭାରତ ଲିଷ୍ଟ ଏରେ ଏକମାତ୍ର ଦଳ ଭାବେ ୨ ଶହରୁ ଅଧିକ ରନ୍ ଟାର୍ଗେଟକୁ ୧୪.୨ ଓଭରରେ ପୂରଣ କରିପାରିଛି। ପୂର୍ବରୁ ଏହି ରେକର୍ଡ ଆଲାଏଡ୍ ବ୍ୟାଙ୍କ ଲିଂକ୍ସ ନାଁରେ ଥିଲା। ଦଳ ୨୦୦୩ରେ ଲାହୋରରେ ଖେଳାଯାଇଥିବା ପାଟ୍ରୋନ୍ସ କପ୍‌ରେ ସର୍ଭିସ ଇଣ୍ଡଷ୍ଟ୍ରିଜ୍ ବିପକ୍ଷରେ ୨ ଶହରୁ ଅଧିକ ରନ ଟାର୍ଗେଟକୁ ୨୦ ଓଭରରେ ମଧ୍ୟରେ ହାସଲ କରିବାକୁ ସକ୍ଷମ ହୋଇଥିଲା।

ବିଶ୍ୱ ଚେସ୍ ଚାମ୍ପିଅନସିପ୍ : ଗୁକେଶ-ସିନ୍ଦାରୋଭ ମୁକାବିଲା ଆରମ୍ଭ

ଜେନେଭା, ୨୪।୧୧(ଏଜେନ୍ସି): ବିଶ୍ୱ ଚେସ୍ ଚାମ୍ପିଅନ୍ସିପ୍ ୨୦୨୬ର ରୋମାଞ୍ଚକର ଲଢ଼େଇ ଆରମ୍ଭ ହୋଇଛି। ଭାରତର ଡି. ଗୁକେଶ ନିଜ ବିଶ୍ୱ ମୁକୁଟ ବଜାୟ ରଖିବା ଲକ୍ଷ୍ୟରେ ଉଜବେକିସ୍ତାନର ଚ୍ୟାଲେଞ୍ଜର ଜାଭୋଖିର ସିନ୍ଦାରୋଭଙ୍କୁ ଭେଟିଛନ୍ତି। ସ୍ୱିଜରଲ୍ୟାଣ୍ଡର ଜେନେଭାସ୍ଥିତ ଫୋଣ୍ଡେସନ୍ ମାର୍ଟିନ୍ ବୋଡମର୍ଠାରେ ମଙ୍ଗଳବାର ପ୍ରଥମ ଗେମ୍ ଆରମ୍ଭ ହୋଇଛି। ଉଭୟ ଖେଳାଳିଙ୍କ ବୟସ ୨୦ ବର୍ଷ ହୋଇଥିବାରୁ ଏହା ବିଶ୍ୱ ଚେସ୍ ଚାମ୍ପିଅନ୍ସିପ୍ ଇତିହାସରେ ସବୁଠାରୁ କମ୍ ବୟସର ଖେଳାଳିଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ଭାବେ ଚର୍ଚ୍ଚାରେ ରହିଛି। ପ୍ରଥମ ଗେମ୍ରେ ସିନ୍ଦାରୋଭ ଧଳା ଗୋଟିରେ ଖେଳୁଥିବା ବେଳେ ଗୁକେଶ କଳା ଗୋଟିରେ ଖେଳୁଛନ୍ତି। ରାତି ୮ଟା ୧୦ ମିନିଟ୍ରେ ଟାଇମ୍ସ ଅଫ୍ ଇଣ୍ଡିଆର ସଜୀବ ଅପ୍ଡେଟ୍ ଅନୁସାରେ, ଗୁକେଶ ୧୨ତମ ଚାଲ୍ ଖେଳିଥିଲେ। ଏହି ସମୟରେ ସେ ନିଜ ଚାଲ୍ ପାଇଁ ପ୍ରାୟ ୧୨ ମିନିଟ୍ ନେଇଥିବା ବେଳେ ସିନ୍ଦାରୋଭଙ୍କ ତୁଳନାରେ ତାଙ୍କ ଘଣ୍ଟାରେ ପ୍ରାୟ ୨୦ ମିନିଟ୍ କମ୍ ସମୟ ବାକି ଥିଲା। ପ୍ରାରମ୍ଭିକ ଚାଲୁଡ଼ିକରେ ଉଭୟ ଖେଳାଳି ପରିଚିତ ରଣନୀତି ଅନୁସରଣ କରିଥିବାରୁ ଖେଳରେ ବଡ଼ ଧରଣର ଉତ୍ତେଜନା ଦେଖାଯାଇନଥିଲା। ପ୍ରଥମ ଗେମ୍ରେ ସିନ୍ଦାରୋଭ ରୁଇ ଲୋପେଜ୍ ବର୍ଲିନ୍ ଡିଫେନ୍ସ ଓପନିଂ ଖେଳିଥିଲେ। ଅଷ୍ଟମ ଚାଲ୍ରେ ଉଭୟ ଖେଳାଳିଙ୍କ ରାଣୀ ଗୋଟି ବଦଳ ହୋଇଥିଲା। ଏହାପରେ ଖେଳ ଏକ ଜଣାଶୁଣା ଏଣ୍ଡଗେମ୍ ସ୍ଥିତିକୁ ଗତି କରିଥିଲା। ୧୨ତମ ଚାଲ୍ ପର୍ଯ୍ୟନ୍ତ ଉଭୟ ପକ୍ଷ ସତର୍କତାର ସହ ଗୋଟି ଚାଳନା କରିଥିଲେ। ୨୦୨୪ରେ ମାତ୍ର ୧୮ ବର୍ଷ ବୟସରେ ଗୁକେଶ ସବୁଠାରୁ କମ୍ ବୟସର ଅବିଭକ୍ତ ବିଶ୍ୱ ଚେସ୍ ଚାମ୍ପିଅନ୍ ହୋଇଥିଲେ। ଏଥର ସେ ନିଜ ଟାଇଟଲ୍ ବଜାୟ ରଖିବାକୁ ଲଢୁଛନ୍ତି। ଅନ୍ୟପକ୍ଷରେ ସିନ୍ଦାରୋଭ ୨୦୨୬ରେ ଦମ୍ଦାର ପ୍ରଦର୍ଶନ କରି କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ଜିତି ବିଶ୍ୱ ଟାଇଟଲ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ ଚଳିତ ବର୍ଷ ଚେସ୍ ଅଲିମ୍ପିଆଡ୍ରେ ଉଜବେକିସ୍ତାନର ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ସଦସ୍ୟ ମଧ୍ୟ ଥିଲେ। ଉଭୟଙ୍କ ମଧ୍ୟରେ ମୋଟ ୧୪ଟି କ୍ଲାସିକାଲ୍ ଗେମ୍ ଖେଳାଯିବ। ପ୍ରଥମେ ୭.୫ ପଏଣ୍ଟ ହାସଲ କରୁଥିବା ଖେଳାଳି ବିଶ୍ୱ ଚାମ୍ପିଅନ୍ ହେବେ। ୧୪ଟି ଗେମ୍ ପରେ ସ୍କୋର୍ ୭-୭ରେ ସମାନ ରହିଲେ ଡିସେମ୍ବର ୧୨ରେ ରାପିଡ୍ ଓ ବ୍ଲିଜ୍ ଟାଇବ୍ରେକ୍ ଖେଳାଯିବ। ଏହି ଚାମ୍ପିଅନ୍ସିପ୍ର ମୋଟ ପୁରସ୍କାର ରାଶି ୨୫ ଲକ୍ଷ ଆମେରିକୀୟ ଡଲାର। ପ୍ରତ୍ୟେକ ନିର୍ଣ୍ଣାୟକ ବିଜୟ ପାଇଁ ୨ ଲକ୍ଷ ଡଲାର ଦିଆଯିବ ଏବଂ ଅବଶିଷ୍ଟ ରାଶି ଦୁଇ ଖେଳାଳିଙ୍କ ମଧ୍ୟରେ ସମାନ ଭାବେ ବଣ୍ଟାଯିବ।

ଓଡିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ : ଗଞ୍ଜାମ ଚାମ୍ପିଅନ

ଭୁବନେଶ୍ୱର,୨୪।୧୧ (ସବ୍ୟୁ) : କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ଓଡିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଗଞ୍ଜାମ ଚାମ୍ପିଅନ ହୋଇଥିବା ବେଳେ ଖୋର୍ଦ୍ଧା ରନର୍ସଅପ୍ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ଅଲିମ୍ପିକ ସଂଘର ସଭାପତି ସମୀରକୁମାର ମହାନ୍ତି ଏବଂ ସମ୍ମାନୀତ ଅତିଥି ଭାବେ ଚିଦାତ୍ମିକା ଖଟୁଆ (ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍ ଏମଡି) ତଥା ୱିଙ୍ଗ କମାଣ୍ଡର ଅମନକେଶରୀ ଦାସ ଯୋଗଦେଇଥିଲେ। ସଭାପତି ଚିତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ, ଅଲିମ୍ପିଆନ୍ କେ ରବିକୁମାର ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଷ ବର୍ଗ ଯୁବ ବିଭାଗରେ ଶ୍ରେଷ୍ଠ ଭାରୋତ୍ତୋଳନକ ଭାବେ ହର୍ଷବର୍ଦ୍ଧନ ସାହୁ, କନିଷ୍ଠ ବର୍ଗରେ ହୃଦାନନ୍ଦ ଦାସ ଓ ବରିଷ୍ଠ ବର୍ଗରେ ମୁନା ନାୟକଙ୍କୁ ପୁରସ୍କୃତ କରାଯାଇଛି। ବାଳିକା ବର୍ଗରେ ସ୍ୱେତାଲିନ୍ ମହାନ୍ତି, କନିଷ୍ଠ ବର୍ଗରେ ମୀନା ଶାନ୍ତା ଓ ବରିଷ୍ଠ ବର୍ଗରେ ରିଙ୍କି ନାୟକ ଶ୍ରେଷ୍ଠ ଭାରୋତ୍ତୋଳକ ପୁରସ୍କାର ଜିତିଛନ୍ତି।



ଯୁବ, କନିଷ୍ଠ ଓ ବରିଷ୍ଠ ବର୍ଗରେ ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ ହୋଇଛି। ଖୋର୍ଦ୍ଧା ଯୁବ ବର୍ଗରେ ଉପବିଜେତା ହୋଇଥିବା ବେଳେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଢେଙ୍କାନାଳ ଉପବିଜେତା ହୋଇଛି। ଅଗାମୀ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ନିମନ୍ତେ ଏହି ପ୍ରତିଯୋଗିତାରୁ ଖେଳାଳି ଚୟନ କରାଯିବ।



କଳିଙ୍ଗ ଷ୍ଟାଡ଼ିୟମରେ ବିମଷ୍ଟେକ୍ ଆଥଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର, ୨୪।୧୧(ସବ୍ୟୁ) : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ନଭେମ୍ବର ୨୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ବିମ୍ଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିୟନସିପ୍ ଆୟୋଜିତ ହେବ। ଆଜି କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ପ୍ରତିଯୋଗିତାର ଆୟୋଜନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ବିମ୍ଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିୟନସିପ୍ରେ ୬ ଟି ଦେଶ ଯଥା - ଭାରତ, ବାଂଲାଦେଶ, ଭୁଟାନ, ମିଆଁମାର, ନେପାଳ, ଶ୍ରୀଲଙ୍କାର କ୍ରୀଡ଼ାବିତ୍ମାନେ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ୩୨ ଟି ଇଭେଣ୍ଟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୦୦ ମି, ୨୦୦ ମି, ୪୦୦ମି, ୮୦୦ ମି, ୧୫୦୦ ମି, ୫୦୦୦ ମି, ୧୦୦ ମି ହର୍ଡଲ୍ସ, ୪୦୦ ମି ହର୍ଡଲ୍ସ, ହାଇ ଜମ୍ପ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ସଟ୍ପୁଟ୍, ଡିସ୍କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ୪x୧୦୦ ରିଲେ ଓ ୪x୪୦୦ ରିଲେ ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିମ୍ଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିୟନସିପ୍ରେ ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୪ ଜଣ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ଆସ୍ତିକ ପ୍ରଧାନ (୪୦୦ ମି ଦୌଡ଼ ପ୍ରତିଯୋଗିତା), ସବିତା ଟପ୍ପୋ (୧୦୦ମି ହର୍ଡଲ୍ସ ପ୍ରତିଯୋଗିତା), ଲକ୍ଷ୍ମୀପ୍ରିୟା କିଷାନ (୮୦୦ ମି ଦୌଡ଼ ପ୍ରତିଯୋଗିତା) ଏବଂ



ମାରାମୁକ୍ତା ସୋରେଙ୍ଗ (ଟ୍ରିପଲ ଜମ୍ପ ପ୍ରତିଯୋଗିତା) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ, ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ବିମ୍ଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିୟନସିପ୍ ଆୟୋଜିତ ହେଉଛି। ଉକ୍ତ ପ୍ରତିଯୋଗିତାରେ ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ୪ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ରେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରି ଓଡ଼ିଶା ବିଶ୍ୱ କ୍ରୀଡ଼ା ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି। ଯୁବ କ୍ରୀଡ଼ାବିତ୍ମାନଙ୍କୁ ପ୍ରୋତ୍ସାହିତ କରିବା ସହ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ କରିବା ପାଇଁ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କାର୍ଯ୍ୟ କରାଯାଉଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବାକୁ ଯାଉଥିବା ବିମ୍ଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିୟନସିପ୍ରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ୍ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି, ବୋଲି ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଉପ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର ଉଜ୍ଜ୍ୱଳ କହିଛନ୍ତି। ବିମ୍